ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 218 | ଭାଗ ୩୩ | ସଂଖ୍ୟା ୨୧୮ | Saturday 1 November 2025 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

କଂଗ୍ରେସର ଭୁଲ ଯୋଗୁଁ ହୋଇଛି କାଶ୍ମୀର ସମସ୍ୟା

ପୃଷ୍ଠା ୫

ସୁଭଦ୍ରା ଏକତା ପଦଯାତ୍ରା ଅନୁଷ୍ଠିତ

ଆଜିଠୁ ଖୋଲିବ ସୁଭଦ୍ରା ପୋର୍ଟାଲ

- ନୂତନ ପଞ୍ଜିକରଣ ପାଇଁ ସୁଯୋଗ
- ନୂଆପଡ଼ା ବ୍ୟତୀତ ସବୁ ଜିଲ୍ଲାରେ ଖୋଲିବ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆଜି ସୁଭଦ୍ରା ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି ପଦଯାତ୍ରା ମାଷ୍ଟର କ୍ୟାଣ୍ଟିନ୍‌ଠାରୁ ଆରମ୍ଭ ହୋଇ ରାଜମହଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପଦଯାତ୍ରାରେ ସାମିଲ ହୋଇ ମହିଳାମାନଙ୍କୁ ସ୍ୱାବଲମ୍ବୀ କରି ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ମହିଳାମାନେ ଆତ୍ମନିର୍ଭରଶୀଳ ଓ ସଶକ୍ତ ହୋଇପାରିଲେ ଏକ ସମୃଦ୍ଧ ରାଜ୍ୟର ଭିତ୍ତି ପଡ଼ିବ। ତେଣୁ ଏହି ଲକ୍ଷ୍ୟରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ ସୁଭଦ୍ରା ଯୋଜନା ସରକାରଙ୍କ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ରାଜ୍ୟ ସରକାରଙ୍କ ପୃଷ୍ଠା-୬

ଅଚାନକ ରାଜୀବ ଭବନରେ ମୁଖ୍ୟମନ୍ତ୍ରୀ

ସ୍ମାର୍ଟ ହେବ ଜଳସମ୍ପଦ ବିଭାଗ

- ହାଇଡ୍ରୋଲୋଜିକାଲ୍ ତଥ୍ୟ ଅନୁଧ୍ୟାନ କଲେ
- ଅଧିକ ପ୍ରତିବଦ୍ଧତାର ସହ କାମ କରିବାକୁ ପରାମର୍ଶ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ପରିଚିତ ମୋହନ ଚରଣ ମାଝୀ ଆଜି ଅଚାନକ ଜଳସମ୍ପଦ ବିଭାଗରେ ପହଞ୍ଚି କର୍ମଚାରୀଙ୍କ ସମୟାନୁବର୍ତ୍ତିତା ଓ କାର୍ଯ୍ୟଦକ୍ଷତା ପରଖିଛନ୍ତି। ରାଜୀବ ଭବନସ୍ଥିତ ଉକ୍ତ ବିଭାଗରେ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କର୍ମଚାରୀମାନଙ୍କୁ ଅଧିକ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ପ୍ରଥମେ ଅଷ୍ଟମ ମହଲାସ୍ଥିତ ରାଜ୍ୟ ଜଳ ବିଜ୍ଞାନ ତଥ୍ୟ କେନ୍ଦ୍ର (ଏସ୍‌ଏଚ୍‌ଡିସି) ଯାଇ ସେଠାରେ ରାଜ୍ୟରେ ବିଭିନ୍ନ ଜଳ ଭଣ୍ଡାର ଓ ନଦୀଗୁଡ଼ିକରେ ଜଳ ସ୍ଥିତି ଅନୁଧ୍ୟାନ କରିବା ସହ ଏହାର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ବୁଝିଥିଲେ। ରାଜ୍ୟ ଜଳ ବିଜ୍ଞାନ ତଥ୍ୟ କେନ୍ଦ୍ରର ତଥ୍ୟ ଅନୁଯାୟୀ ରିଅଲ୍ ଟାଇମ୍ ଭିତ୍ତିରେ ରାଜ୍ୟରେ ଜଳ ପରିଚାଳନା କରାଯାଉଛି। ଏହାପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଉପବିଭାଗ ପରିଦର୍ଶନ କରି ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ କାର୍ଯ୍ୟରେ ସନ୍ତୋଷ ବ୍ୟକ୍ତ କରିବା ସହ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ପୂରଣ ପାଇଁ ସମସ୍ତେ ଆହୁରି ଦାୟିତ୍ୱବାନ ହେବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଶ୍ରୀ ମାଝୀ ଦୀର୍ଘସ୍ଥାୟୀ ଜଳ ପରିଚାଳନା ଉପରେ ଗୁରୁତ୍ୱାରୋପ କରିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଜଳ ସଂରକ୍ଷଣ ଦିଗରେ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କର ଦୀର୍ଘସ୍ଥାୟୀ ଲକ୍ଷ୍ୟ ରହିଥିବାରୁ ଏହାକୁ ପୂରଣ କରିବା ସକାଶେ ଜଳର ବିଚାରଶୀଳ ବ୍ୟବହାର ଓ ସଂରକ୍ଷଣ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଅଚାନକ ପରିଦର୍ଶନ ନେଇ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଥିଲେ ଯେ ଆସନ୍ତା ୨୦୨୯-୩୦ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବା ପାଇଁ ଲକ୍ଷ୍ୟ ରହିଛି। ଏଥିସହ କେନାଲର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳ ପହଞ୍ଚାଇବାକୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି। ଏହାକୁ ଦୃଷ୍ଟିରେ ରଖି ବିଭାଗକୁ ଆହୁରି ସୁଦକ୍ଷ ଓ ସ୍ମାର୍ଟ କାର୍ଯ୍ୟାଳୟରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗ ପୃଷ୍ଠା-୬

ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀଙ୍କ ପାଇଁ ଖୁସି ଖବର

କିସମ ପରିବର୍ତ୍ତନ ଫି' ଓ ଭଡ଼ା ଛାଡ଼

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଆଜି ରାଜ୍ୟ ସରକାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ବଗର୍ (ଏମ୍‌ଏସ୍‌ଏମ୍‌ଇ) ଉଦ୍ୟୋଗୀଙ୍କ ପାଇଁ ଏକ ଖୁସି ଖବର ଦେଇଛନ୍ତି। ଏଣିକି ଏହି ବର୍ଗର ଉଦ୍ୟୋଗୀମାନଙ୍କୁ ଆଉ ସେମାନେ ବ୍ୟବହାର କରୁଥିବା ଜମିର କିସମ ପରିବର୍ତ୍ତନ କରିବା ସକାଶେ କୌଣସି ଫି' ଦେବାକୁ ପଡ଼ିବନି। ଏପରିକି ସେମାନଙ୍କୁ ଉକ୍ତ ଜମି ପାଇଁ କୌଣସି ଭଡ଼ା ମଧ୍ୟ ଦେବାକୁ ପଡ଼ିବନାହିଁ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଶ୍ରୀ ପୂଜାରୀ କହିଛନ୍ତି ଯେ ପୂର୍ବରୁ କିସମ ପରିବର୍ତ୍ତନ ପାଇଁ ଜମି ଉଦ୍ୟୋଗୀମାନଙ୍କୁ ବେଞ୍ଚ ମାର୍କର ୧ ପ୍ରତିଶତ ଦେବାକୁ ପଡୁଥିଲା। ଏଥିସହ ୧ ପ୍ରତିଶତ ଭଡ଼ା ମଧ୍ୟ ସେମାନେ ଦେଉଥିଲେ। କିନ୍ତୁ ଏବେ ଏହି ୨ଟିଯାକ ଛାଡ଼ କରାଯାଇଛି। ଏହାଦ୍ୱାରା ରାଜ୍ୟରେ ଔଦ୍ୟୋଗିକ ବିକାଶ ହୋଇପାରିବ ଏବଂ ଅଧିକରୁ ଅଧିକ ଉଦ୍ୟୋଗୀ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରିବେ ବୋଲି ଶ୍ରୀ ପୂଜାରୀ ଆଶା ବ୍ୟକ୍ତ କରିଛନ୍ତି। ତେବେ ଏହି ଉଭୟ ସୁବିଧା ପାଇବାକୁ ହେଲେ ସମ୍ପୃକ୍ତ ଉଦ୍ୟୋଗ କେନ୍ଦ୍ର ସରକାରଙ୍କ ଉଦ୍ୟୋଗ ପୋର୍ଟାଲ୍‌ରେ ସ୍ଥାନ ପାଇଥିବା ଦରକାର ଏବଂ ଏହାକୁ ପୃଷ୍ଠା-୬

କୁର୍ନୁଲ ଅଘଟଣ ପରେ ସରକାର ସଚେତନ

ବସ୍ ପାଇଁ ଅଗ୍ନିଶମ ବିଭାଗର ଏସ୍‌ଓପି

- ରହିବ ବ୍ୟାପକ ଅଗ୍ନି ନିର୍ବାପକ ଯନ୍ତ୍ର
- ୩ ମାସରେ ରାଜ୍ୟ ସ୍ତରରେ ସମୀକ୍ଷା
- ୪ ସପ୍ତାହ ମଧ୍ୟରେ ଷ୍ଟାଣ୍ଡରେ ତାଲିମ୍

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ନିକଟରେ ଆନ୍ଧ୍ର ପ୍ରଦେଶ କୁର୍ନୁଲ୍‌ରେ ଘଟିଥିବା ବସ୍ ଟ୍ରାଜେଡି ପରେ ଓଡ଼ିଶା ସରକାର ସଚେତନ ହୋଇଛନ୍ତି। ଏନେଇ ଆଜି ରାଜ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ଏସ୍‌ଓପି ଜାରି ହୋଇଛି। ଏହି ଏସ୍‌ଓପି ଅନୁସାରେ, ଆସନ୍ତା ୩ ମାସ ମଧ୍ୟରେ ବସରେ ଥିବା ତ୍ରୁଟିକୁ ଖୋଜି ବାହାର କରାଯିବ। ସେହିପରି ୪

ସପ୍ତାହ ମଧ୍ୟରେ ବସଷ୍ଟାଣ୍ଡଗୁଡ଼ିକରେ ସଚେତନତା ପାଇଁ ତାଲିମ ପ୍ରଦାନ କରାଯିବ। ଏହାଛଡ଼ା ମାଲିକମାନେ ବସ୍‌ରେ ପର୍ଯ୍ୟାପ୍ତ ପରିମାଣର ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି କି ନାହିଁ, ସେନେଇ ତାଲିକା ପ୍ରସ୍ତୁତ କରିବେ। ଆଗାମୀ ୩ ମାସ ଭିତରେ ତ୍ରୁଟିର ସମାଧାନ କରାଯିବା ସକାଶେ ଉଦ୍ୟମ ହେବ। ଏହାଛଡ଼ା ବସ୍‌ରେ ବ୍ୟବହୃତ ହେଉଥିବା ସ୍କ୍ରିନ୍, କାର୍ପେଟ୍, ସିଟ୍ କଭର୍ ଆଦି ଏଣିକି ନିଆଁକୁ ଅଧିକ ଗୁରୁତର କରିବା ଭଳି ଉପାଦାନରେ ତିଆରି ହେବ ନାହିଁ। ପ୍ରତି ୩ ମାସରେ ଏ ସଂକ୍ରାନ୍ତରେ ରାଜ୍ୟ ସ୍ତରରେ ସମୀକ୍ଷା କରାଯିବ। ବସରେ ପର୍ଯ୍ୟାପ୍ତ ଅଗ୍ନି ନିର୍ବାପକ ଯନ୍ତ୍ର ରହିବ। ସେଗୁଡ଼ିକର ବ୍ୟବହାର ତାରିଖ ଅଛି କି ନାହିଁ, ସେଥିରେ ଅଗ୍ନି ନିର୍ବାପକ ଗ୍ୟାସ ଅଛି ନା ନାହିଁ, ଏସବୁ ଉପରେ ଅନୁଧ୍ୟାନ ହେବ। ସେଗୁଡ଼ିକର ବ୍ୟବହାର ସମ୍ପର୍କରେ ବସ୍ କର୍ମଚାରୀ ଓ ଯାତ୍ରୀମାନେ ଜାଣିବେ। ଆପଦକାଳୀନ ଦ୍ୱାର ମଧ୍ୟ ରହିବ ଓ ଏ ବିଷୟରେ ବି ଯାତ୍ରୀମାନେ ଜାଣିବେ। ଏହାଛଡ଼ା ବିମାନରେ ଯାତ୍ରୀମାନଙ୍କୁ ସୂଚନା ଦିଆଯିବା ଭଳି ବସରେ ମଧ୍ୟ ସୂଚନା ପ୍ରଦାନ ବ୍ୟବସ୍ଥା କରାଯିବ। ବସ୍‌ରେ ପୃଷ୍ଠା-୬

ନୂଆପଡ଼ାରେ ଡାର୍ଟି ପଲିଟିକ୍ସକୁ ଚେକ୍

ଡ୍ୟାନିଙ୍କ ଭଡ଼ାଘରେ ଚଢ଼ାଉ

ସରକାରୀ ଅଫିସରଙ୍କ ଅପବ୍ୟବହାର ହେଉଛି: ବିଜେଡି

ନୂଆପଡ଼ା,୩୧।୧୦(ସଂଚାର ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନକୁ ପ୍ରଭାବିତ କରିବାକୁ ବିଜେଡି ନେତାମାନେ ଟଙ୍କା ବାଣ୍ଟୁଛନ୍ତି କି? ଆଜି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ପ୍ରୀତିରଞ୍ଜନ ଘଡେଇ ଓରଫ ଡ୍ୟାନିଙ୍କ ଭଡା ଘରେ ପୁଲିସ ଚଢ଼ାଉ ପରେ ଏପରି ସନ୍ଦେହ ସୃଷ୍ଟି ହୋଇଛି। ଯଦିଓ ପୁଲିସ ହାତରେ କିଛି ବି ଲାଗିଲାନି, କିନ୍ତୁ ଚଢ଼ାଉ ଅପବାଦରୁ ମୁକୁଳିବାକୁ ବିଜେଡି ଆଣିଛି ପାଲଟା ଅଭିଯୋଗ। ନୂଆପଡ଼ା ଉପନିର୍ବାଚନ ପାଇଁ ଘନଘନ ପ୍ରଚାର ଚାଲିଥିବା ବେଳେ ଖରିଆର ରୋଡଠାରେ ଏକ ଭଡ଼ାଘର ନେଇ ରହୁଥିଲେ ପ୍ରୀତିରଞ୍ଜନ। ଶୁକ୍ରବାର ମଧ୍ୟାହ୍ନରେ ଉକ୍ତ ଘର ଉପରେ ହୋଇଥିଲା ଅଚାନକ ଚଢ଼ାଉ। ଡ୍ୟୁଟିରେ ଥିବା ଦୁଇ ଜଣ ମାଜିଷ୍ଟ୍ରେଟଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ପ୍ରାୟ ୪୦ ଜଣ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ପ୍ରୀତିରଞ୍ଜନ ରହୁଥିବା ଘରେ ରେଡ୍ କରାଯାଇଥିଲା।

ତେବେ ବିନା ସର୍ଚ୍ଚ ୱାରେଣ୍ଟରେ ଏହି ରେଡ୍ କରାଯାଇଥିବା ଅଭିଯୋଗ କରି ବିଜେଡି ନେତା ଓ କର୍ମୀମାନେ ଜୋରଦାର ବିରୋଧ କରି ସମ୍ପୃକ୍ତ ଅଧିକାରୀଙ୍କ କାର୍‌କୁ ଘେରାଉ କରିଥିଲେ। କାହା ନିର୍ଦ୍ଦେଶରେ ସେ ଭଡ଼ାଘରେ ପଶିଲେ ବୋଲି ବିଜେଡି କର୍ମୀ ଓ ନେତାମାନେ ପ୍ରଶ୍ନ କରିଥିଲେ। ଉକ୍ତ ଘରେ ଟଙ୍କା ଥିବା ସୂଚନା ପାଇ ନିର୍ବାଚନ ଅଧିକାରୀ ଜଣଙ୍କ ସେଠାରେ ଚଢ଼ାଉ କରିଥିବା ଜଣାପଡ଼ିଛି। କିନ୍ତୁ ସରକାରୀ ଦଳର ଚାପରେ ସରକାରୀ ଅଧିକାରୀ ବିଜେଡିକୁ ଏଭଳି ହଇରାଣ କରୁଥିବା ନେଇ ବିଜେଡି କର୍ମୀମାନେ ଅଭିଯୋଗ କରିଥିଲେ। ଫଳରେ ସେଠାରେ ବେଶ କିଛି ସମୟ ଧରି ବିଜେଡି କର୍ମୀ ଓ ପୁଲିସ ଭିତରେ ମୁହାଁମୁହିଁ ପରିସ୍ଥିତି ଜାରି ରହିଥିଲା।

ଏନେଇ ଶାସକ ଦଳ ଉପରେ ବର୍ଷିଛନ୍ତି ପ୍ରୀତିରଞ୍ଜନ। ସେ ଅଭିଯୋଗ କରିଛନ୍ତି ଯେ, ବିଜେପି ଜାଣିସାରିଲାଣି ନୂଆପଡ଼ାରେ ବିଜେଡିର ବିଜୟ ସୁନିଶ୍ଚିତ। ସେଥିପାଇଁ ପୁଲିସ ପ୍ରଶାସନକୁ ରାଜନୈତିକ ଅସ୍ତ୍ର ପୃଷ୍ଠା-୬

ବୀରୁଦାଦା ଅସୁସ୍ଥ

ମୁମ୍ବାଇ,୩୧।୧୦: ବଲିଉଡରେ ହି-ମ୍ୟାନ ଭାବେ ପରିଚିତ ଅଭିନେତା ଧର୍ମେନ୍ଦ୍ର (ବୀରୁଦାଦା) ଅସୁସ୍ଥ ହୋଇପଡ଼ିଛନ୍ତି। ତେଣୁ ତାଙ୍କୁ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଏପରି ଏକ ଖବର ଆସିବା ପରେ ତାଙ୍କ ପ୍ରଶଂସକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ସେମାନେ ନିଜର ପ୍ରିୟ ଅଭିନେତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। କିନ୍ତୁ ପରିବାର ଲୋକେ ମଧ୍ୟ ଏନେଇ କିଛି ଚିନ୍ତା କରିବାର ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ବୟସାଧିକ୍ୟ କାରଣରୁ ୮୯ ବର୍ଷୀୟ ଧର୍ମେନ୍ଦ୍ର ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥାନ୍ତି। ଏବେ ବି ସମାନ କାରଣରୁ ସେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଅଭିନେତା ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଓ କୌଣସି ଚିନ୍ତା କରିବାର ନାହିଁ ବୋଲି ପରିବାର ପକ୍ଷରୁ ସ୍ପଷ୍ଟ କରାଯିବା ପରେ ଧର୍ମେନ୍ଦ୍ରଙ୍କ ପୃଷ୍ଠା-୬

ବବିଙ୍କ ମୂର୍ଖାମୀ, ଅଡୁଆରେ ବିଜେଡି

- ଯୁବକଙ୍କୁ ମାଡ଼ ମାରିଥିବା ଅଭିଯୋଗ
- ବିଧାୟକ ଅଧିରାଜ ବି ଅନ୍ୟତମ ଅଭିଯୁକ୍ତ

ନୂଆପଡ଼ା, ୩୧।୧୦ (ସଂଚାର ବ୍ୟୁରୋ): ଉପନିର୍ବାଚନ ପାଇଁ ନୂଆପଡ଼ାରେ ରାଜନୈତିକ ମାହୋଲ ସରଗରମ ରହିଛି। ତିନି ପ୍ରମୁଖ ଦଳର ତୁଙ୍ଗ ନେତାମାନେ ସେଠାରେ ଡେରା ପକାଇଛନ୍ତି। ତେବେ ଇତିମଧ୍ୟରେ ଜଣେ ଯୁବକଙ୍କୁ ବିଜେଡି ନେତା ବବି ଦାସ ଓରଫ କ୍ରୀତଦାସ ଓ ବିଧାୟକ ଅଧିରାଜ ପାଣିଗ୍ରାହୀ ଗାଳି କରିବା ସହ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକ ଏନେଇ କୋମନା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ବବି ଦାସ ଓ ବିଧାୟକ ଶ୍ରୀ ପାଣିଗ୍ରାହୀ ବିଜେଡି ନେତା ମନୋଜ ମିଶ୍ରଙ୍କୁ ଫାର୍ମ ହାଉସକୁ ଡାକି ତାଙ୍କୁ ମାଡ଼ ମାରିଥିଲେ ବୋଲି ସେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ଏଥିସହ ଉଭୟ ବିଜେଡି ନେତା ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ବି କରିଥିଲେ। ସମ୍ପୃକ୍ତ ଯୁବକ କାହିଁକି ପ୍ରଚାରରେ ବିଜେପି ସହ ବୁଲୁଛନ୍ତି ବୋଲି କହିବା ସହ ସେମାନେ ତାଙ୍କୁ ପିଟିଥିବା ମୋନାଜ ଅଭିଯୋଗ କରିଛନ୍ତି। ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ପୁଲିସ ତାଙ୍କୁ ଠିକ୍ ସମୟରେ ଉଦ୍ଧାର କରିନଥିଲେ ବୋଧହୁଏ ସେ ଜୀବନ ପାଇନଥାନ୍ତେ। ଯୁବକ ଜଣଙ୍କ ଏହି ମାମଲାରେ ତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ସେପଟେ ଏନେଇ ବବି ଦାସ କିମ୍ବା ଶ୍ରୀ ପାଣିଗ୍ରାହୀଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ଆସନ୍ତା ୩ ତାରିଖରେ ନବୀନ ପଟ୍ଟନାୟକ ନୂଆପଡ଼ା ପ୍ରଚାର ପାଇଁ ଯାଉଥିବା ବେଳେ ତା' ପୂର୍ବରୁ ବବି ଦାସଙ୍କ ନାଁରେ ଥାନାରେ ଅଭିଯୋଗ ହେବା ତାଙ୍କ ପାଇଁ ଅଡୁଆ ବଢ଼େଇଦେଇଛି। ବବି ଦାସ ବିଜେଡିର ଷ୍ଟାର ପ୍ରଚାରକ ତାଲିକାରେ ଥିଲେ ବି ତାଙ୍କୁ ନବୀନ କୌଣସି ନିର୍ବାଚନୀ ଦାୟିତ୍ୱ ଦେଇନାହାନ୍ତି।

ଲୌହପୁରୁଷଙ୍କୁ ଧର୍ମେନ୍ଦ୍ରଙ୍କ ଶ୍ରଦ୍ଧାଞ୍ଜଳି

ଆଦର୍ଶରୁ ପ୍ରେରଣା ନେବାକୁ ଆହ୍ୱାନ

ପାଟନା,୩୧।୧୦: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପାଟନାସ୍ଥିତ ବିଜେପି କାର୍ଯ୍ୟାଳୟରେ ଲୌହପୁରୁଷ ତଥା ଭାରତରତ୍ନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଅବସରେର ଶ୍ରୀ ପ୍ରଧାନ ଦେଶବାସୀଙ୍କୁ 'ରାଷ୍ଟ୍ରୀୟ ଏକତା ଦିବସ'ର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ସର୍ଦ୍ଦାର ପଟେଲଜୀ ନିଜର ଅତୁଟ ରାଷ୍ଟ୍ରନିଷ୍ଠା, ଅଦ୍ୱିତୀୟ ନେତୃତ୍ୱ ଓ ଅଦମ୍ୟ ସଂକଳ୍ପ ବଳରେ ଅନେକ ରାଜ୍ୟକୁ ଏକ ସୂତ୍ରରେ ବାନ୍ଧି ଅଖଣ୍ଡ ଭାରତ ନିର୍ମାଣ କରିଥିଲେ ବୋଲି କହିଛନ୍ତି। ଏଥିସହ ତାଙ୍କ ଆଦର୍ଶରୁ ପ୍ରେରଣା ପୃଷ୍ଠା-୬



କାନ ଡେରିଥା

କୁକୁଡ଼ା ଓ ଛେଳି
ହୋଇଛନ୍ତି ମେଳି
କାର୍ତ୍ତିକ ଚାଲିଛି ବୋଲି
ବାହାରେ ସେ ଏବେ ମଜା
କରୁଛନ୍ତି
ମେଳି ନ ହୁଏ ସମ୍ଭାଳି
ପଡ଼ିଯିବେ କିନ୍ତୁ ବଳି...
ମନେ ନାହିଁ ତାଙ୍କ
ଛାଡଖାଇ ଦିନ
ମରିବେ ଛାଡି ବୋବାଳି ।

■ ଦେବାଶିଷ

ମହିଳାଙ୍କୁ ମନାଇବେ ମୋହନ ଓ ନବୀନ

✪ଅଧାରୁ ଅଧିକ ଭୋଟର୍ ମହିଳା ✪ଭକ୍ତଙ୍କ ଟାର୍ଗେଟରେ ଆଦିବାସୀ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ସମସ୍ତଙ୍କ ନଜର ଏବେ ମହିଳା ଭୋଟରଙ୍କ ଉପରେ। କାରଣ ନୂଆପଡ଼ାରେ ୨ ଲକ୍ଷ ୫୩ ହଜାର ୬୨୪ ଜଣ ଭୋଟରଙ୍କ ଭିତରୁ ଅଧାରୁ ଅଧିକ ହେଉଛନ୍ତି ମହିଳା। ମୋହନ ଓ ନବୀନଙ୍କ ନୂଆପଡ଼ା ଗସ୍ତ ସମୟରେ ମହିଳା ଭୋଟରଙ୍କୁ ମନାଇବା ମୁଖ୍ୟ କାର୍ଯ୍ୟ ହେବ ବୋଲି ଆଲୋଚନା ହେଉଛି।

ନୂଆପଡ଼ାରେ ମୋଟ ଭୋଟର୍‌ଙ୍କ ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୧ ଲକ୍ଷ ୨୪ ହଜାର ୧୦୮ ହୋଇଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୨୯ ହଜାର ୪୯୫ ରହିଛି। ତେଣୁ ମହିଳା ଭୋଟରମାନେ ଯେଉଁ ପଟକୁ ଢଳିବେ, ସେହି ଦଳର ପ୍ରାର୍ଥୀ ବିଜୟୀ ହେବା ଏକପ୍ରକାର ନିଶ୍ଚିତ। ଦିନେ ଦୁଇ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଭୋଟ ପ୍ରଚାର ପାଇଁ ନୂଆପଡ଼ା ଗସ୍ତ କରିବେ। ତେଣୁ ଏମାନଙ୍କ ନିର୍ବାଚନ ସଭାରେ ମହିଳାଙ୍କ ଉପରେ ଫୋକସ ଅଧିକ ରହିବ ବୋଲି ଆଶା କରାଯାଉଛି।

ମିଳିଥିବା ସୂଚନାନୁଯାୟୀ, ବିଜେଡି ମହିଳା ଭୋଟରଙ୍କ ନିକଟରେ ମିଶନ ଶକ୍ତି କାର୍ଡ ଖେଳିବା ସହ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିଥିବା କଥାକୁ ବାରମ୍ବାର ଦୋହରାଇବାରେ ଲାଗିଛି। କାରଣ ବିଜେଡି ସରକାର ଅମଳରେ ହିଁ ମିଶନ ଶକ୍ତି ଯୋଜନା ଆରମ୍ଭ ହୋଇଥିଲା ଓ ଏଥିରେ

କଂକ୍ରିଟ ରାସ୍ତାରେ ମୋରମ ପ୍ୟାଚ

ରାଜନଗର,୩୧।୧୦(ସଂଚାର ବ୍ୟୁରୋ): ରାଜନଗର ବ୍ଲକ ପେଣ୍ଠ ବେଳାଭୂମିକୁ ପ୍ରତିଦିନ ଶହ ଶହ ପର୍ଯ୍ୟଟକଙ୍କ ଭିଡ ଜମୁଛି। ଦେଶ ବିଦେଶର ପର୍ଯ୍ୟଟକ ପ୍ରତିଦିନ ପେଣ୍ଠ ଆସି ବେଳାଭୂମିର ଶୋଭା ଉପଭୋଗ କରିଥାନ୍ତି। ପେଣ୍ଠ ସମୁଦ୍ରକୁ ଉଠିବା ରାସ୍ତାକୁ ୨ ବର୍ଷ ତଳେ ତଟବନ୍ଧ ବିଭାଗ ପକ୍ଷରୁ କଂକ୍ରିଟ କରାଯାଇଥିଲା। ମାତ୍ର ପେଣ୍ଠ ମନ୍ଦିର ନିକଟରୁ ଉପର ବନ୍ଧକୁ ଉଠିବା ସ୍ଥାନରେ କଂକ୍ରିଟ ରାସ୍ତା ଦବି ଗର୍ତ୍ତ ସୃଷ୍ଟି ହୋଇଥିଲା। ସେହି କଂକ୍ରିଟ ଦବିଥିବା ସ୍ଥାନରେ ପାଣି ଜମିବା ଯୋଗୁ ପର୍ଯ୍ୟଟକମାନେ ନାହିଁ ନଥିବା ଅସୁବିଧାର ସମୁଖୀନ ହେଉଥିଲେ। ଗତକାଲି କେନ୍ଦ୍ରାପଡା ଜିଲ୍ଲାପାଳ ବାତ୍ୟାରେ ଜୁଆର ମାଡରେ କ୍ଷତି ହୋଇଥିବା ଓଡ଼ିଶାର ପ୍ରଥମ ସାମୁଦ୍ରିକ ପଥରବନ୍ଧ ଦେଖିବାକୁ ଯାଇଥିଲେ। ଜିଲ୍ଲାପାଳ ଖାଲ ପାଣିରେ ପଶି ଯିବାପରେ ଏହାକୁ ମରାମତି ପାଇଁ ତଟବନ୍ଧ ବିଭାଗକୁ କହିଥିଲେ। ଆଜି ବିଭାଗ ପକ୍ଷରୁ କଂକ୍ରିଟ ରାସ୍ତାରେ ଖାଲ ହୋଇଥିବା ସ୍ଥାନରେ ମୋରମ ପକାଇ ଖାଲ ପୂରଣ କରାଯାଇଛି। କଂକ୍ରିଟ ରାସ୍ତାକୁ ମରାମତି କରାନଯାଇ କଂକ୍ରିଟ ଉପରେ ମୋରମ ପକାଇ ପ୍ୟାଚ ଘଟଣାକୁ ସ୍ଥାନୀୟ ଅଧିବାସୀ ତୀବ୍ର ବିରୋଧ କରିବା ସହିତ କଂକ୍ରିଟ ରାସ୍ତାକୁ ମରାମତି କରିବାକୁ ଦାବି କରିଛନ୍ତି।

ଆଗେଇ ପାରୁନି ଓଳିହା ବାଇପାସ୍ ରୋଡ୍

● ବାଧକ ସାଜିଛି ଜମି ଅଧିଗ୍ରହଣ ● ଆନ୍ଦୋଳନ ପାଇଁ ଅଞ୍ଚଳବାସୀଙ୍କ ସଜବାଜ

ମହାକାଳପଡ଼ା,୩୧।୧୦(ସଂଚାର ବ୍ୟୁରୋ): ପୂର୍ତ୍ତବିଭାଗ ତରଫରୁ ଦେଉଳପଡା ପଞ୍ଚାୟତ ଓଳିହା ଗ୍ରାମ ଠାରୁ ମେରଦା ଦଣ୍ଡା ପର୍ଯ୍ୟନ୍ତ ୨.୪୫୦ କି.ମି ବାଇପାସ୍ ରାସ୍ତା କାମ ଅଧାରେ ଆଣ୍ଠେଇଛି। ଜମି ଅଧିଗ୍ରହଣ ପାଇଁ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳୁ ନାହିଁ। ଯାହା ଫଳରେ ଅଧାରେ ଅଟକିଛି ବାଇପାସ୍ ରାସ୍ତା କାର୍ଯ୍ୟ। ପ୍ରଥମ ପର୍ଯ୍ୟାୟରେ ପ୍ରଶାସନ ଯେତିକି ତତ୍ପରତା ଦେଖାଇଥିଲା ତାହା ଆଉ ଦେଖିବାକୁ ମିଳୁନାହିଁ। ଅଧାରୁ କାମ ଛାଡ଼ି ଠିକାଦାର ଛୁ ମାରିଛି।

ବାଇପାସ୍ ରୋଡ୍ ପାଇଁ ୨୦ ଅଗଷ୍ଟ ୨୦୨୩ ରେ ତତ୍କାଳୀନ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ମାଟି କାମ କରିବା କାର୍ଯ୍ୟ ଆରମ୍ଭ ହୋଇ କଂକ୍ରିଟ କାନ୍ଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା ଠିକାଦାର। ଓଳିହା ଦଣ୍ଡା ପର୍ଯ୍ୟନ୍ତ ୧ କିଲୋମିଟର ରାସ୍ତାର ମାଟି କାମ ସାରି କାର୍ଯ୍ୟ କରୁଥିବା ସଂସ୍ଥା ଯାଇଛି ଯେ ତାର ଆଉ ଦର୍ଶନ ନାହିଁ। ପ୍ରଶାସନ ତରଫରୁ ଜମି ଅଧିଗ୍ରହଣ ପାଇଁ ସେତିକି ତତ୍ପରତା ଦେଖିବାକୁ ମିଳୁନାହିଁ । ନା ପ୍ରଶାସନ ଲୋକଙ୍କ ସହିତ ଆଲୋଚନା କରୁଛି ନା ବିକଳ୍ପ ବ୍ୟବସ୍ଥା ଆପଣାଉଛି ? ଯେଉଁଥିପାଇଁ ବାଇପାସ୍ ରାସ୍ତା କାମ ଅଧାରେ ଆଣ୍ଠେଇଛି। ବାଇପାସ୍ ରାସ୍ତା ନହେବାରୁ ଗାଁ ରାସ୍ତା ଦେଇ ବଡ଼ ବଡ଼ ମାଲବାହୀ ଗାଡ଼ି ଯିବା ଫଳରେ ଗାଁ ରେ ରାସ୍ତା ଜାମ୍ ସମସ୍ୟା ଦେଖାଦେଉଛି। ଏଥିପାଇଁ ପ୍ରଶାସନର ଯେମିତି ପୋଡ଼ାଜଳା ନାହିଁ। ଦୀର୍ଘ ଦୁଇବର୍ଷ ହେବ ବାଇପାସ୍ ରାସ୍ତା କାମ ଆଗକୁ ବଢ଼ି ନପାରିବାରୁ ଏଥିପାଇଁ ଅଞ୍ଚଳବାସୀ ଖୁବ୍ ଶୀଘ୍ର ଆନ୍ଦୋଳନ କରି ବାକୁ ସଜବାଜ ହେଉଥିବା କହିଛନ୍ତି।

ରନ୍ଧନ ଗ୍ୟାସ୍ ଯୋଗାଣରେ ଅବହେଳା ଅଭିଯୋଗ

ସାଲେପୁର,୩୧।୧୦(ସଂଚାର ବ୍ୟୁରୋ): ଗ୍ରାହକମାନଙ୍କୁ ସୁରୁଖୁରୁରେ ରନ୍ଧନ ଗ୍ୟାସ୍ ଯୋଗାଇ ଦେବାପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରିଥିବାବେଳେ ସାଲେପୁରଠାରେ ଥିବା ନବବସନ୍ତ ଗ୍ୟାସ୍ ଏଜେନ୍ସି କର୍ମଚାରୀଙ୍କ ଖାମଖିଆଲୀ ନୀତି ଯୋଗୁଁ ଗ୍ରାହକମାନେ ଠିକ୍ ସମୟରେ ରନ୍ଧନ ଗ୍ୟାସ୍ ପାଇପାରୁନଥିବା ଅଭିଯୋଗ ହୋଇଛି। ଗ୍ରାହକମାନଙ୍କୁ ଗ୍ୟାସ୍ ବୁକିଂ କରିବା ପାଇଁ ସରକାରଙ୍କ ପକ୍ଷରୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ବ୍ୟବସ୍ଥା କରିଥିବା ବେଳେ ବହୁ ଗ୍ରାହକ ଅନ୍‌ଲାଇନ୍‌ରେ ବୁକିଂ କରିଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଗ୍ୟାସ୍ ଯୋଗାଇ ଦିଆଯାଉନାହିଁ। ଅକ୍ଟୋବର ମାସ ୧୩ତାରିଖରେ ପିକୋଳ ଗ୍ରାମର ମନୋଜ କୁମାର ଦାସ ରନ୍ଧନ ଗ୍ୟାସ୍ ନେବାପାଇଁ ଅନ୍‌ଲାଇନ୍‌ରେ ବୁକିଂ କରିଥିଲେ। ମାତ୍ର ଗ୍ୟାସ୍ ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀ ସମ୍ପୃକ୍ତ ଗ୍ରାହକଙ୍କୁ ନିର୍ଦ୍ଧାରିତ ସମୟରେ ଗ୍ୟାସ୍ ନଯୋଗାଇ ହଇରାଣ ହରକତ କରୁଥିବାବେଳେ ତାଙ୍କୁ ମୋବାଇଲ୍‌ରେ ଯୋଗାଯୋଗ କଲେ ମଧ୍ୟ ସେ ଫୋନ୍ ରିସିଭ୍ କରୁନଥିବା ଅଭିଯୋଗ ହୋଇଛି। ବୁକିଂ କରିବାର ଇତି ମଧ୍ୟରେ ୧୫ଦିନରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କର୍ମଚାରୀଙ୍କ ଖାମଖିଆଲୀ ନୀତି ଯୋଗୁଁ ଅଦ୍ୟାବଧି ସେ ଗ୍ୟାସ୍ ପାଇପାରିନଥିବା ଅଭିଯୋଗ କରିଛନ୍ତି।

ପୋଖରୀରୁ କୁମ୍ଭୀର ଉଦ୍ଧାର, ଲୋକେ ଆତଙ୍କିତ

ପଙ୍କାମୁଣ୍ଡାଇ, ୩୧।୧୦ (ସଂଚାର ବ୍ୟୁରୋ):ପଙ୍କାମୁଣ୍ଡାଇ ଅଂଚଳରେ ପୁଣି କୁମ୍ଭୀର ଆତଙ୍କ ଦେଖାଦେଇଛି । ପଙ୍କାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ୧୫ନଂ ୱାର୍ଡ ଅଳଭା ଗ୍ରାମର ବିଶ୍ୱନାଥ ନାୟକଙ୍କ ପୋଖରୀରେ ୧୦ଫୁଟ ଲମ୍ବର ଏକ କୁମ୍ଭୀର ଭାସୁଥିବାର ପରିବାର ଲୋକ ଓ ଗ୍ରାମବାସୀ ଦେଖିବା ପରେ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି। ପ୍ରକାଶ ଯେ ଗତକାଲି ବିଳମ୍ବିତ ରାତିରେ ରାଜନଗର - ପଙ୍କାମୁଣ୍ଡାଇ ମୁଖ୍ୟ ରାସ୍ତାରେ ଅଳଭା ଗାଁ ନିକଟରେ ୧୦ ଫୁଟର କୁମ୍ଭୀର ଶୋଇ ଥିବାର ଟ୍ରକ ଚାଳକ ଦେଖି ଟ୍ରକ ଅଟକାଇ ଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଆସିଯିବାରୁ କୁମ୍ଭୀରଟି ନିକଟରେ ଥିବା ପୋଖରୀକୁ ଖସିଯାଇଥିଲା। ଆଜି ସକାଳୁ କୁମ୍ଭୀର ଭାସୁଥିବା ଖବର ପାଇ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଲାଗି ଥିଲା। ସ୍ଥାନୀୟ ଲୋକମାନେ ଭୟଭୀତ ହୋଇ କୁମ୍ଭୀର ଉଦ୍ଧାର ପାଇଁ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଅଧିକାରୀ ଅଳଭା ଗ୍ରାମରେ ପହଂଚି ଜାଲ ଦ୍ୱାରା କୁମ୍ଭୀରକୁ ଉଦ୍ଧାର କରିଛନ୍ତି। ଉଦ୍ଧାର ହୋଇଥିବା କୁମ୍ଭୀରକୁ ନେଇ ଡାଙ୍ଗମାଳ ସେକ୍ଟନରେ ଛଡ଼ାଯିବ ବୋଲି ଫରେଷ୍ଟର ପ୍ରଦୀପ୍ତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

ବୃଦ୍ଧଙ୍କ ମୁଣ୍ଡକୁ ପଥରରେ ଛେଚିଦେଲେ

ରାଜନଗର, ୩୧।୧୦ (ସଂଚାର ବ୍ୟୁରୋ): ରାଜନଗର ଥାନା ଅନ୍ତର୍ଗତ ମହୁଲିଆ ପଞ୍ଚାୟତ ପୋଖରୀଆ ଗାଁର ୬୨ ବର୍ଷୀୟ ପ୍ରଶାନ୍ତ କୁମାର ବେହେରଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଗତକାଲି ପୋଖରିଆ ଗାଁର ଭଞ୍ଜ କିଶୋର ବେହୁରାଙ୍କ ଭୋଜିରେ ପ୍ରଶାନ୍ତ ପରସୁଥିଲେ। ହଟାତ ସେହି ଗାଁର ମଳୟ କୁମାର ବେହୁରା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏକ ବଡ ପଥର ଆଣି ପ୍ରଶାନ୍ତଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ପ୍ରଶାନ୍ତଙ୍କ ମୁଣ୍ଡ ଓ କନମୂଳିକୁ ପଥରରେ ଛେଚିଥିଲା। ପ୍ରଶାନ୍ତ ପଡିଯିବା ଓ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଭୋଜିରେ ଉପସ୍ଥିତ ଅନ୍ୟମାନେ ପ୍ରଶାନ୍ତଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ରାଜନଗର ଥାନାରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ।

ରାଷ୍ଟ୍ରୀୟ ଏକତା ଦିବସ ପାଳନ

କେନ୍ଦ୍ରାପଡା,୩୧।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ପୋଲିସ୍ ପ୍ରଶାସନ ପକ୍ଷରୁ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ୧୫୦ ତମ ଜୟନ୍ତି ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ଏ ଉପଲକ୍ଷେ ପୁରୁଣା ବସଷ୍ଟାଣ୍ଡଠାରୁ ପୋଲିସ୍ କର୍ମଚାରୀ, ଅଧିକାରୀ, ସ୍କୁଲ ଓ କଲେଜ୍ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଏକତା ଦୌଡକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟ୍ଟାରିଆ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଦୌଡ କେନ୍ଦ୍ରାପଡା ପୁରୁଣା ବସଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା କରି ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା ।

ବ୍ଲକର ପ୍ରଥମ ଅଧ୍ୟକ୍ଷଙ୍କ ଜୟନ୍ତୀ ପାଳିତ

ନିସ୍ତିନ୍ତକୋଇଲି, ୩୧।୧୦ (ସଂଚାର ବ୍ୟୁରୋ): ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମନ୍ତ୍ରୀ, ସଂସ୍କୃତିର ନିର୍ବାହକ ତଥା ପଞ୍ଚାୟତ ସମିତିର ପ୍ରଥମ ଅଧକ୍ଷ ସ୍ୱର୍ଗତ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ନିସ୍ତିନ୍ତକୋଇଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଦୀର୍ଘବର୍ଷ ପରେ ବିଧାୟକଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଶ୍ରୀ ପ୍ରଧାନଙ୍କ ସମେତ ନିସ୍ତିନ୍ତକୋଇଲି ତହସିଲଦାର ଦମୟନ୍ତୀ ସାହୁ, ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୱିବେନ୍ଦୁ ଦାସ,ଉପାଧକ୍ଷ ନୃସିଂହ ମିଶ୍ର, ଯତିନ୍ଦ୍ରନାଥ ଜେନା, ଦେବେନ୍ଦ୍ର କୁମାର ସାହୁ, ରମେଶଚନ୍ଦ୍ର ସାଇଁ, କୈଳାସଚନ୍ଦ୍ର ବେହେରା, ହେମନ୍ତ କୁମାର ରାଉତ, ରବିନ୍ଦ୍ର ବେହେରା, ଦିଲ୍ଲୀପ କୁମାର ରାଉତ,ସଞ୍ଜୟ କୁମାର ବେହେରା, ରଂଜନ କୁମାର ରାଉତ, ପ୍ରକାଶଚନ୍ଦ୍ର ସାମଲ, ସମିତିସଭ୍ୟ ଆଶିଷ ମହାନ୍ତି, ସଭ୍ୟ ସବିତା ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ପତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ଭଡ଼ାରେ ଥିବା ଯୁବକଙ୍କ ପରିବାରକୁ ସଂଘବଦ୍ଧ ଆକ୍ରମଣ

ଡେରାବିଶ,୩୧।୧୦(ସଂଚାର ବ୍ୟୁରୋ): ଡେରାବିଶ ଥାନା, ଚାଟରାଚକଡ଼ା ପଞ୍ଚାୟତ, ଓଲଢ଼ି ଗ୍ରାମରେ ଭଡ଼ାରେ ରହୁଥିବା ଜଣେ ଯୁବକଙ୍କ ପରିବାର ଲୋକକୁ ଗ୍ରାମବାସୀଙ୍କ ପକ୍ଷରୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅନ୍ୟପଟେ ଯୁବକ ଜଣକ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ରହି ଗ୍ରାମର ସାମାଜିକ ବ୍ୟବସ୍ଥାକୁ କଳଙ୍କିତ କରୁଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ପାଲଟା ଅଭିଯୋଗ ହୋଇଛି।

ଗ୍ରାମବାସୀଙ୍କ ପକ୍ଷରୁ ଅବିନାଶ ନାୟକଙ୍କ ଅଭିଯୋଗ ଅନୁସାରେ ଏହି ଥାନା ଅଧୀନ ପଲେଇ ପଞ୍ଚାୟତ କନ୍ଦରପୁର ଗ୍ରାମର ଅମରେନ୍ଦ୍ର ବାରିକ ଗତ କିଛି ବର୍ଷ ହେବ ଓଲଢ଼ି ଗ୍ରାମର ହୃଷୀକେଶ ମହଲାଙ୍କ ଘର ଭଡ଼ା ନେଇ ସପରିବାର ରହିଆସୁଛନ୍ତି। ହେଲେ ଅମରେନ୍ଦ୍ର ବିଭିନ୍ନ ସମୟରେ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ରହିବା ସହ ବାହାରୁ ଝିଅ ବୋହୂମାନଙ୍କୁ ଆଣି ଖରାପ କାର୍ଯ୍ୟରେ ଲଗାଉଥିବା ନେଇ ଅବିନାଶ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

ଅନ୍ୟପଟେ ଅମରେନ୍ଦ୍ରଙ୍କ ଅଭିଯୋଗ ଅନୁସାରେ ଗତ ମଙ୍ଗଳବାର ସକାଳ ୯ଟାରେ ଓଲଢ଼ି ବଜାର କମିଟିର କର୍ମକର୍ତ୍ତା ଓ ଗ୍ରାମର ଶତାଧିକ ବ୍ୟକ୍ତି ଭଡ଼ା ଘରୁ ତାଙ୍କୁ ଟାଣି ଆଣି ଏକ ଖୁଣ୍ଟରେ ବାନ୍ଧି ପକାଇ ନିଯୁକ୍ତ ମାଡ଼ ମାରିଥିଲେ। ମାଡ଼ର କାରଣ ସମ୍ପର୍କରେ ସେ ପଚାରିବାରୁ ଗ୍ରାମର ଝିଅକୁ ପ୍ରେତ ପଠାଇ କାହିଁକି ହଇରାଣ କରୁଛୁ ବୋଲି ଆକ୍ରମଣକାରୀ ପ୍ରଶ୍ନ ପଚାରିଥିଲେ। ଅମରେନ୍ଦ୍ରଙ୍କୁ ବଞ୍ଚାଇବା ପାଇଁ ତାଙ୍କ ଭାଇ ସେଠାରେ ପହଞ୍ଚିବାରୁ ଆକ୍ରମଣକାରୀ ତାଙ୍କୁ, ୧୦ ବର୍ଷର ପୁଅ ଓ ପତ୍ନୀଙ୍କୁ ମାଡ଼ ମାରି ସେ ପିନ୍ଧିଥିବା ଅଳଙ୍କାର ନେବାସହ ତାଙ୍କୁ ଅସଦାଚରଣ କରିଥିବା ନେଇ ଅମରେନ୍ଦ୍ର ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏପରିକି ଗ୍ରାମବାସୀ ଜୋର ଜବରଦସ୍ତ ଏତାଙ୍କ ପରିବାର ସଦସ୍ୟଙ୍କର ଦସ୍ତଖତ କରାଇନେବା ସହ ତାଙ୍କ ଭଡ଼ା ଘରେ ତାଲା ପକାଇ ସେମାନଙ୍କୁ ବାହାର କରି ଦେଇଥିବା ଅମରେନ୍ଦ୍ର ଅଭିଯୋଗ କରିଛନ୍ତି। ତେବେ ଥାନା ପକ୍ଷରୁ ଅମରେନ୍ଦ୍ରଙ୍କ ଅଭିଯୋଗ ଥାନାରେ ପଞ୍ଜୀକରଣ କରାନଯିବା ପ୍ରତିବାଦରେ ଆଜି ଅମରେନ୍ଦ୍ର ଏସପିଙ୍କୁ ଭେଟି ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗୁହାରି କରିଥିବା ଜଣାଯାଇଛି।

ମହାକାଳପଡା ବ୍ଲକ ଉପାଧକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଘଟଣା

ବରାଦପତ୍ର ପାଇବାର ଦୁଇମାସ ପରେବି କାର୍ଯ୍ୟାନୁଷ୍ଠାନ ଶୂନ

କେନ୍ଦ୍ରାପଡ଼ା,୩୧।୧୦(ସଂଚାର ବ୍ୟୁରୋ): ମହାକାଳପଡା ବ୍ଲକର ଉପାଧକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯିବା ନିମନ୍ତେ ମହାକାଳପଡା

ଉପଜିଲ୍ଲାପାଳଙ୍କ ନିରବତାକୁ ନେଇ ପ୍ରଶ୍ନ

ପଞ୍ଚାୟତ ସମିତିର ଏକ ତୃତୀୟାଂଶ ସଦସ୍ୟଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ ବରାଦପତ୍ର ଓ ବୈଠକରେ ଆଗତ ହେବାକୁ ଥିବା ପ୍ରସ୍ତାବିତ ସଂକଳ୍ପ କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କୁ ଅଗଷ୍ଟମାସ ୫ତାରିଖରେ ସଂପୃକ୍ତ ସଦସ୍ୟମାନେ ପ୍ରଦାନ କରିଥିଲେ। କିନ୍ତୁ ଅଦ୍ୟାବଧି ସେହି ବରାଦପତ୍ର ଓ ପ୍ରସ୍ତାବିତ ସଂକଳ୍ପ ଉପରେ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମ୍ୟାଜିଷ୍ଟେଟ୍ ଶ୍ରୀ ନାୟକ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି । ଓଡିଶା ପଞ୍ଚାୟତ ସମିତି ଆଇନ-୧୯୬୮ର ଧାରା ୪୬(ଖ)(୨)ର ଉପଧାରା (୧)ର (କ) ଅନୁଯାୟୀ ଭୋଟଦାନ ଅଧିକାର ଥିବା ଅନ୍ୟୁନ ଏକ ତୃତୀୟାଂଶ ସଦସ୍ୟଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ ବରାଦପତ୍ର ସହିତ

ବୈଠକରେ ଆଗତ ହେବାକୁ ଥିବା ପ୍ରସ୍ତାବିତ ସଂକଳ୍ପର ନକଲ ଉପଜିଲ୍ଲାପାଳ ପାଇବା ପରେ ତତ୍କ୍ଷଣାତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଉପଧାରା (୧)ର (ଗ) ଅନୁଯାୟୀ ଉପଜିଲ୍ଲାପାଳ ସେହି ଅନସ୍ଥା ପ୍ରସ୍ତାବ ଆଗତ ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକ ଡକାଇବେ । ଏହି ବୈଠକ ନିମନ୍ତେ ସ୍ଥାନ, ତାରିଖ ଓ ସମୟ ଧାର୍ଯ୍ୟ କରିସାରିବା ପରେ ଧାର୍ଯ୍ୟ ତାରିଖର ଅନ୍ୟୁନ ୭ଦିନ ପୂର୍ଣ୍ଣ ଦିବସ ପୂର୍ବରୁ ଭୋଟଦାନ ଅଧିକାର ଥିବା ପ୍ରତ୍ୟେକ ସଦସ୍ୟମାନଙ୍କୁ ବରାଦପତ୍ର ଏବଂ ପ୍ରସ୍ତାବିତ ସଂକଳ୍ପର ନକଲ ସହିତ ନୋଟିସ ଦ୍ୱାରା ଅବଗତ କରାଇବା କଥା।

କିନ୍ତୁ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମ୍ୟାଜିଷ୍ଟେଟ୍ ଶ୍ରୀ ନାୟକ ମହାକାଳପଡା ପଞ୍ଚାୟତ ସମିତିର ଏକ ତୃତୀୟାଂଶ ସଦସ୍ୟଙ୍କ ଦ୍ୱାରା ସ୍ୱାକ୍ଷରିତ ବରାଦପତ୍ର ଓ ପ୍ରସ୍ତାବିତ ସଂକଳ୍ପ ପାଇବାର ପାଖାପାଖି ୩ମାସ ପରେବି ପାୟତ ସମିତି ଆଇନର ଧାରା ୪୬(କ)ର ଉପଧାରା (୨) (ଗ) ଅନୁଯାୟୀ କୌଣସି ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି । ଯାହା ପାୟତ ସମିତି ଆଇନକୁ ଉଲ୍ଲଙ୍ଘନ କରୁଥିବା ଅଭିଯୋଗ ହୋଇଛି ।

ଓଳାଭର କାଳୀପୂଜାରେ ଅଘଟଣ

ବିଦ୍ୟୁତ୍ ଆଘାତରେ ଷଣ୍ଢ ମୃତ

ରାଜକନିକା,୩୧।୧୦(ସଂଚାର ବ୍ୟୁରୋ): ଓଳାଭର କାଳୀଯାତ୍ରାର ପ୍ରଥମ ଦିନରେ ହି ଘଟିଲା ଅଘଟଣ। ବିଦ୍ୟୁତ୍ ଆଘାତରେ ଏକ ବୃଷଭର ପ୍ରାଣ ଚାଲିଗଲା। ହଜାର ହଜାର ଲୋକଙ୍କ ଉପସ୍ଥିତିରେ ଏଭଳି ଅଭାବନୀୟ ଘଟଣା ଘଟିଥିଲେ ବୃଷଭକୁ ବଞ୍ଚାଇବା ସମ୍ଭବ ହେଲାନି। ଏଥିପାଇଁ ଦାୟିତ୍ୱରେ ଥିବା ବିଦ୍ୟୁତ ବିଭାଗର କର୍ମଚାରୀ ସମ୍ପୂର୍ଣ୍ଣରୂପେ ଦାୟୀ ବୋଲି ଅଭିଯୋଗ ହେଉଛି । ମିଳିଥିବା ସୂଚନା ଅନୁଯାୟୀ ବର୍ଷା ଯୋଗୁଁ ବନ୍ଦ ଥିବା ଯାତ୍ରା କାଲିଠାରୁ ଓଳାଭର କାଳୀ ପଡିଆରେ ଆରମ୍ଭ ହୋଇଛି। ଏହି ଅବସରରେ କମିଟି ଜୋରଦାର ପ୍ରସ୍ତୁତି ଆରମ୍ଭ କରିଥିଲା। ହେଲେ ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ପେଣ୍ଡାଲକୁ ଟଣା ହୋଇଥିବା ତାର ଏକ ଲୁହା ପାଇପ୍ ଖୁଣ୍ଟରେ ବନ୍ଧା ଯାଇଥିଲା। ଖୁଣ୍ଟଟି ଚାର୍ଜ ହେବା ଦ୍ୱାରା ପ୍ରଥମେ ଏକ କୁକୁର ଝଟକା ଖାଇଥିଲା। ପରବର୍ତ୍ତୀ ସମୟରେ ହଠାତ୍ ଏକ ବୃଷଭ ମହାରାଜ ଖୁଣ୍ଟ ସଂସ୍ପର୍ଶରେ ଆସି ଯାଇ ଅତି ବିଭତ୍ସ ଭାବେ ମୃତ୍ୟୁବରଣ କରିଥିବା ନେଇ ସେଠାରେ ଉପସ୍ଥିତ ଥିବା ବହୁ ପ୍ରତ୍ୟକ୍ଷଦର୍ଶୀ କହିବା ସହିତ ଏହାକୁ ମଧ୍ୟ ସୋସିଆଲ ସାଇଟ୍‌

ସର୍ଦ୍ଦାର ପଟେଲଙ୍କ ଜୟନ୍ତୀରେ ଏକତା ଦୌଡ଼

ଭାଇଚାରା ଓ ଦେଶପ୍ରେମ ବିକଶିତ ଭାରତର ଶକ୍ତି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଆଜି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିଅମଠାରେ ଆୟୋଜିତ ଏକତା ଦୌଡ଼କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକତା, ଭାଇଚାରା ଓ ଦେଶପ୍ରେମ ଆମ ବିକଶିତ ଭାରତର ଶକ୍ତି। ଭିନ୍ନତାରେ ଏକତା ହେଉଛି ଭାରତର ଆତ୍ମା ଓ ଶକ୍ତି। ଜାତି, ଧର୍ମ, ଭାଷା, ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ- ଏହି ଆତ୍ମବୋଧ ଆମକୁ ଏକଜୁଟ ରଖେ ଓ ଦେଶକୁ ଶକ୍ତିଶାଳୀ କରେ। ସର୍ଦ୍ଦାର ପଟେଲ ଏକ ଏମିତି ମହାନ ନେତା ଥିଲେ, ଯିଏ ଶତାଧିକ ରାଜରାଜୁଡାଙ୍କୁ ଏକତା ସୂତ୍ରରେ ବାନ୍ଧି ଏକ ଅଖଣ୍ଡ ଭାରତ ଗଢ଼ିଥିଲେ। ସର୍ଦ୍ଦାର ପଟେଲଙ୍କ ଦୃଢ଼ ସଙ୍କଳ୍ପ, ଦୃଷ୍ଟିକୋଣ ବଳରେ ଆମେ ଆଜି ଭାରତକୁ 'ଏକ' ଦେଖୁଛୁ ବୋଲି ସେ କହିଛନ୍ତି।

ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସ୍ମରଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ସମସ୍ତେ ସଂଘବଦ୍ଧ ଭାବେ କାମ କଲେ ଖୁବଶୀଘ୍ର ଆମେ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିପାରିବା। ଏହି ଦୌଡ଼ ହେଉଛି ସେହି ଏକତା, ସମନ୍ୱୟ ଓ ଦେଶପ୍ରେମର ପ୍ରତୀକ। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ରନ୍ ଫର ୟୁନିଟି' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୨୦୧୮ରେ ଗୁଜରାଟର କେଭାଡିଆଠାରେ ସର୍ଦ୍ଦାର ପଟେଲଙ୍କ ୧୮୨ମି. ଉଚ୍ଚ ଷ୍ଟାଚ୍ୟୁ ଅଫ୍ ୟୁନିଟି' ଅନାବରଣ ହୋଇଥିଲା, ଯାହା ବିଶ୍ୱର ସର୍ବବୃହତ୍ ପ୍ରତିମା ଭାବେ ଭାରତୀୟ ଗୌରବର ପ୍ରତୀକ ହୋଇଉଠିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ଏହି ଦୌଡ଼ ମାଧ୍ୟମରେ ଆମେ ଏକତା, ସମନ୍ୱୟ ଓ ଦେଶପ୍ରେମର ଭାବନାକୁ ଜାଗ୍ରତ କରିବା ଓ ଏକ ସଶକ୍ତ ଭାରତ ଗଢ଼ିବାରେ ନିରନ୍ତର ଅଗ୍ରସର ହେବା ଆମ ସମସ୍ତଙ୍କ ଦାୟିତ୍ୱ। ପରିଶେଷରେ ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ଧନ୍ୟବାଦ ଦେଇଥିଲେ।

ନୂଆପଡ଼ା ଓ ଖରିଆର ରୋଡ୍‌ରେ ବିଜେପିର ଏକତା ଦୌଡ଼

ନୂଆପଡ଼ା,୩୧।୧୦(ସଂଚାର ବ୍ୟୁରୋ): ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ଓ ଆମ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବାର ପ୍ରୟାସ କରିଥିଲେ ସର୍ଦ୍ଦାର ପଟେଲ ଓ ଆଜି ଆମ ଭାରତୀୟଙ୍କ ଭାଇଚାରା ସୁଦୃଢ ହୋଇଛି ଓ ଏକ ସଶକ୍ତ ଭାରତ ଗଢ଼ିବା ପାଇଁ ଆମ ଭିତରେ ଏକତା, ସମନ୍ୱୟ ଓ ଦେଶପ୍ରେମର ଭାବନା ନିହାତି ଆବଶ୍ୟକ ରହିଛି। 'ଏକ ଭାରତ, ଶ୍ରେଷ୍ଠ ଭାରତ, ଆତ୍ମନିର୍ଭରଶୀଳ ଭାରତ' ଆମର ସଂକଳ୍ପ। ଆଜି ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀରେ ନୂଆପଡ଼ା ଓ ଖରିଆର ରୋଡ୍‌ରେ ଆୟୋଜିତ ଏକତା ଦୌଡ଼ରେ ଯୋଗଦେବା ଅବସରରେ ମତ ବ୍ୟକ୍ତ କରିଛନ୍ତି ରାଜ୍ୟ ବିଜେପି ସଭାପତି ମନେମୋହନ ସାମଲ। ଏହି ବରପୁତ୍ରଙ୍କୁ ସଜ୍ଞାନ ଜଣାଇ ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେହିପରି ୨୦୧୮ରେ ଗୁଜୁରାଟର କେଭାଡିଆଠାରେ ଭାରତୀୟଙ୍କ ଗୌରବ ବିଶ୍ୱର ସର୍ବବୃହତ ୧୮୨ ମିଟର ଉଚ୍ଚତା ବିଶିଷ୍ଟ ଷ୍ଟାଚ୍ୟୁ ଅଫ୍ ୟୁନିଟି ମଧ୍ୟ ସ୍ଥାପନ କରିଥିଲେ।

● ରାଷ୍ଟ୍ରୀୟ ଏକତା ଦିବସ

ସୂଚନା ଓ ଲୋକସମ୍ପର୍କ ବିଭାଗରେ ଶପଥ ପାଠ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଆଜି ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶପଥ ପାଠ କରାଯାଇଛି। ବିଭାଗୀୟ ନିର୍ଦ୍ଦେଶକ ଅନୂଜ କୁମାର ଦାସପଟ୍ଟନାୟକ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦୂରଦୃଷ୍ଟି ଓ କାର୍ଯ୍ୟ ଦେଶର ଏକତା ଅକ୍ଷୁଣ୍ଣ ରଖିବାରେ ସହାୟକ ହୋଇଥିଲା। ତାଙ୍କ ସମର୍ପିତ ଜୀବନ ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ପ୍ରତ୍ୟେକ ନାଗରିକ ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ପାଇଁ ନିଜ ନିଜ କ୍ଷେତ୍ରରେ ଉଦ୍ୟମ ଜାରି ରଖିବାର ଆବଶ୍ୟକତା ରହିଛି ବୋଲି ଅଧିକାରୀ ଓ କର୍ମଚାରୀମାନେ ଶପଥ ନେଇଥିଲେ। ଏହି ଶପଥ ପାଠ ଉତ୍ସବରେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଯୁଗ୍ମ ଶାସନ ସଚିବ ସେକ୍ କଲାମଉଦ୍ଦିନ୍, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶନୀ, ଅଶ୍ୱିନୀ କୁମାର ଭୋଇଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

ଇନ୍ଦିରା ଗାନ୍ଧିଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶ୍ରୀମତୀ ଗାନ୍ଧିଙ୍କ ତିରୋଧାନ ଦିବସରେ ସ୍ଥାନୀୟ ଜୟଦେବ ଭବନଠାରେ ଆଜି ଆୟୋଜିତ ଏକ ଉତ୍ସବରେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଭାଗୀୟ ନିର୍ଦ୍ଦେଶକ ଅନୂପ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ ବୈଷୟିକ ଗୁରୁବୀର ସିଂହ, ଉପନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଓ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧି ସ୍ମୃତି ସମିତି, ଭୁବନେଶ୍ୱରର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସାଧାରଣ ସମ୍ପାଦକ ଅମୀୟ କୁମାର ପଟ୍ଟନାୟକ, ସମ୍ପାଦକ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ପି ଦେବେନ୍ଦ୍ର ରାୟ, ଦାଶରଥି ସାହୁ, ବସନ୍ତ କୁମାର ମହାରଣା, ନିରଞ୍ଜନ ବେହେରା ପ୍ରମୁଖ ସ୍ୱର୍ଗୀୟା ଗାନ୍ଧିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

ସମବାୟ ବିଭାଗରେ 'ରାଷ୍ଟ୍ରୀୟ ଏକତା ଦିବସ ଶପଥ'

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଆଜି ସମବାୟ ବିଭାଗ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ଏକତା ଦିବସ ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଯୋଗଦେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ। ଏହି ଅବସରରେ ବିଭାଗୀୟ ସଚିବ ରାଜେଶ ପ୍ରଭାକର ପାଟିଲ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଷ୍ଟ୍ରୀୟ ଏକତାକୁ ଅକ୍ଷୁଣ୍ଣ ରଖିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ।

ଜୟନ୍ତୀରେ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କୁ ଶ୍ରଦ୍ଧାସୁମନ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ପବିତ୍ର ଓଡ଼ିଶା ମାଟି ଅନେକ ବୀର ପୁରୁଷଙ୍କୁ ଜନ୍ମ ଦେଇଛି। ଦେଶ ପ୍ରେମରେ ଜୀବନକୁ ଆଲୋକରେ ଉଦ୍ଭାସିତ କରିଥିବା, ଚିନ୍ତାର ଉଚ୍ଚତମ ଶୃଙ୍ଗକୁ ସ୍ପର୍ଶ କରିଥିବା, ଦୃଢ଼ ସଂକଳ୍ପର ପରିଚୟ ଦେଇଥିବା ସେହିପରି ଜଣେ ପ୍ରଜ୍ଞାଦୀପ୍ତ ବ୍ୟକ୍ତିତ୍ୱ ଥିଲେ ବିପ୍ଳବୀ ଜୟୀ ରାଜଗୁରୁ। ସେ ଥିଲେ ବେଦ, ଶାସ୍ତ୍ର, ନୀତି, ଅସ୍ତ୍ର-ଶସ୍ତ୍ର ଓ ରାଜନୀତିରେ ନିପୁଣ, ଖୋର୍ଦ୍ଧା ଗଡ଼ ରାଜା ମୁକୁନ୍ଦ ଦେବଙ୍କ ରାଜଗୁରୁ। ସାରା ଦେଶ ଯେତେବେଳେ ଇଂରେଜମାନଙ୍କ ଅଧୀନକୁ ଆସିଯାଇଥିଲା, ସେତେବେଳେ ଏହି ଖୋର୍ଦ୍ଧା ମାଟିରୁ ବିଦ୍ରୋହର ଅଗ୍ନି ସ୍ଫୁଲିଙ୍ଗ ନିର୍ଗତ ହୋଇଥିଲା। ସେ ରାଜା ମୁକୁନ୍ଦ ଦେବଙ୍କ ସହ ମିଳି ଓଡ଼ିଆ ମାଟିର ସମ୍ମାନ ପାଇଁ ଅସ୍ତ୍ର ଧରି ଶେଷରେ ଶହୀଦ ହେଇଥିଲେ। ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱର ପଟାନ୍ତର ନାହିଁ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଆଜି ପୂର୍ବାହ୍ନରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶା ପକ୍ଷରୁ ମିଳିତ ଭାବେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ଗଜପତି ଦିବ୍ୟସିଂହ ଦେବ କହିଲେ ଯେ ଜାତି ଉଦ୍ଦେଶ୍ୟରେ ଯେଉଁ ମହାନ ବ୍ୟକ୍ତିମାନେ ତ୍ୟାଗ, ବଳିଦାନ ସହିତ କୀର୍ତ୍ତି ଓ ସଂସ୍କୃତିକୁ ଉଜ୍ଜୀବିତ କରିଛନ୍ତି, ତାଙ୍କ ମହିମା ଗାନ କରିବାର ଆବଶ୍ୟକତା ରହିଛି। ସାରା ଦେଶ ଇଂରେଜଙ୍କ ଅତ୍ୟାଚାରର ଶିକାର ହେଉଥିବା ସମୟରେ ବୀର ପାଇକଙ୍କୁ ଏକାଠି କରି ଜୟୀ ରାଜଗୁରୁ ସେମାନଙ୍କ ବିରୋଧରେ କରିଥିବା ସଂଗ୍ରାମରେ ଇଂରେଜମାନେ ହତବାକ୍ ହୋଇଯାଇଥିଲେ। ତେଣୁ ଏହି ବୀରତ୍ୱର ଗାଥାକୁ ସମଗ୍ର ଦେଶ ଜାଣିବାର ଆବଶ୍ୟକତା ଥିବାରୁ ଗବେଷକମାନେ ଏ ଦିଗରେ ଆଗକୁ ଆସିବାକୁ ଗଜପତି ଆହ୍ୱାନ ଦେଇଛନ୍ତି।

ସେହିପରି ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଶିକ୍ଷାବିତ ତଥା ଗବେଷକ ଅନିଲ ଧୀର ଯୋଗଦେଇଥିବା ବେଳେ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଜୟୀ ରାଜଗୁରୁଙ୍କ ବଳିଦାନ ସମ୍ବଳିତ ଏକ ଇଂରାଜୀ ପୁସ୍ତକ ଉନ୍ମୋଚିତ ହେଇଥିଲା। ପରେ ଗବେଷଣା ଓ ଅନୁସନ୍ଧାନ କ୍ଷେତ୍ରରେ ୫ ଜଣ ବରିଷ୍ଠ ଐତିହାସିକମାନଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଷଦ ପକ୍ଷରୁ 'ଜୟୀ ରାଜଗୁରୁଙ୍କ ଜୀବନୀ ଓ କାର୍ଯ୍ୟାବଳୀ' ସମ୍ବଳିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ବାଚସ୍ପତି ଓ ଉପମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ମହାନ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଓଡ଼ିଶା ବିଧାନସଭା ପାର୍ଶ୍ୱ ଗେଟ ନଂ-୧ସ୍ଥିତ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମାଲ୍ୟାର୍ପଣ ପୂର୍ବକ ଶହୀଦଙ୍କ ସ୍ମୃତିଚାରଣ କରିଛନ୍ତି। ଏଥିସହ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱର ଏଜି ଛକସ୍ଥିତ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଉକ୍ତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୂଜ କୁମାର ଦାସ ପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁରବୀର ସିଂହ, ଉପ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ, ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା, ପ୍ରଦର୍ଶନୀ ଅଧିକାରୀ ଦୀପକ କୁମାର ସାହୁ, ସୂଚନା ଅଧିକାରୀ ପ୍ରମୋଦିନୀ ଟେଟେ, ଆୟୋଜକ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦର ଜଟାଧାରୀ ମିଶ୍ର, ବୁଦ୍ଧିଜୀବୀ, ସମାଜସେବୀ, ବିଭିନ୍ନ ସଂଗଠନର ପ୍ରତିନିଧି ଓ କର୍ମକର୍ତ୍ତା ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ।

ଜାତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀ ଉଦ୍‌ଘାଟିତ



ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ହସ୍ତତନ୍ତ ଓ ହସ୍ତଶିଳ୍ପ ଆମ ସାଂସ୍କୃତିକ ଐତିହ୍ୟର ବାର୍ତ୍ତାବହ। ଏହାର ସଂରକ୍ଷଣ ସହ ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ପାଇଁ ବଜାର ସଂଯୋଗ ଓ ସହଯୋଗର ଆବଶ୍ୟକତା ରହିଛି ବୋଲି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି। ଭାରତ ସରକାରଙ୍କର ବୟନ ମନ୍ତ୍ରାଳୟ ପକ୍ଷରୁ ସ୍ଥାନୀୟ ହୋଟେଲ୍ ତାଜ୍ ଭିଭାନ୍ତାଠାରେ ଦୁଇଦିନିଆ ଜାତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ମତ ବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ବୟନ ମନ୍ତ୍ରଣାଳୟର ଉନ୍ନୟନ ଆୟୁକ୍ତ (ହସ୍ତତନ୍ତ) ବୀଣା କୁମାରୀ ମୀନା ଓ ଉନ୍ନୟନ ଆୟୁକ୍ତ (ହସ୍ତଶିଳ୍ପ) ଅମୃତା ରାଜ୍ ଯୋଗ ଦେଇ ଶିଳ୍ପୀମାନଙ୍କ ଜୀବନ-ଜୀବିକାକୁ ଅଧିକ ସମୃଦ୍ଧ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ ଉପସ୍ଥାପନ କରିଥିଲେ। ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି। ବୁଣାକାର ଓ କାରିଗରଙ୍କ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ବିଚାରବିମର୍ଶ ହେବା ସହ ନୂତନ ଯୋଜନା ପ୍ରଣୟନ ଉପରେ ଆଲୋଚନା ହୋଇଛି। ମୁକ୍ତ ଆଲୋଚନାଚକ୍ରରେ ନୀତି ନିର୍ଦ୍ଧାରକ, ବୁଣାକାର, କାରିଗର, ବୁଦ୍ଧିଜୀବୀମାନେ ଭାରତର ହସ୍ତତନ୍ତ ଓ ହସ୍ତଶିଳ୍ପର ସମୃଦ୍ଧି ପାଇଁ ଆବଶ୍ୟକୀୟ ପଦକ୍ଷେପ ଉପରେ ଆଲୋଚନା କରିଛନ୍ତି। ଏହି ଅବସରରେ ହସ୍ତତନ୍ତ ଓ ହସ୍ତଶିଳ୍ପ ଉପରେ ପ୍ରସ୍ତୁତ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା।

'ରିଫ୍ରେଶର୍ କୋର୍ସ ଇନ୍ ଫାଷ୍ଟ ଏଡ୍' ସମ୍ବନ୍ଧୀୟ କର୍ମଶାଳା

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ରାଜ୍ୟରେ କାରଖାନାମାନଙ୍କରେ ଉଭୟ ସୁରକ୍ଷିତ କାର୍ଯ୍ୟସ୍ଥଳୀ ଓ ଶ୍ରମିକ ସୁରକ୍ଷାକୁ ସରକାର ପ୍ରାଥମିକତା ଦେଉଥିବାରୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ମଞ୍ଜୁରୀ କ୍ରମେ କାରଖାନା ଓ ବାଷ୍ପୀତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ଭିନ୍ନ ଭିନ୍ନ ସୁରକ୍ଷା ସମ୍ପର୍କିତ ପ୍ରସଙ୍ଗ ଉପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଏହି କ୍ରମରେ ରାଜ୍ୟର ବିଭିନ୍ନ କାରଖାନାରେ ସୁରକ୍ଷିତ ଚଳନ, ରକ୍ଷଣାବେକ୍ଷଣ ଓ ମରାମତିକୁ ଦୃଷ୍ଟିରେ ରଖି ଆଜି ରାଜ୍ୟ ଶ୍ରମ ପ୍ରତିଷ୍ଠାନ ପକ୍ଷରୁ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ 'ରିଫ୍ରେଶର୍ କୋର୍ସ ଇନ୍ ଫାଷ୍ଟ ଏଡ୍ ସମ୍ବନ୍ଧରେ ସୁରକ୍ଷା ଓ ଗୁଣବତ୍ତା' ଶୀର୍ଷକରେ ଏକ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ କାରଖାନା ଓ ବାଷ୍ପୀତ୍ର ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ (ସୁରକ୍ଷା), ଡଃ ମଳୟ କୁମାର ପ୍ରଧାନ ବିଭିନ୍ନ କାରଖାନାରେ ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦିଆଯିବା ଉଚିତ ବୋଲି ମତ ବ୍ୟକ୍ତ କରିବା ସହ କାରଖାନା ମାଲିକ, ସୁରକ୍ଷା ଅଧିକାରୀ ଓ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କର ଏ ଦିଗରେ ଗୁରୁଦାୟିତ୍ୱ ରହିଛି ବୋଲି ପ୍ରକାଶ କରିଥିଲେ। ସେହିପରି ଡା ପ୍ରଧାନ କହିଛନ୍ତି ଯେ ସୁରକ୍ଷା ବିଫଳ ହେଲେ ପ୍ରାଥମିକ ଚିକିତ୍ସା ଆରମ୍ଭ ହୁଏ। ପ୍ରାଥମିକ ଚିକିତ୍ସା ହେଉଛି ଜୀବନ ଓ ମୃତ୍ୟୁ ମଧ୍ୟରେ ସେତୁ। ସମୟୋଚିତ ପ୍ରାଥମିକ ଚିକିତ୍ସା ଦୁର୍ଘଟଣାରୁ ସୃଷ୍ଟି ହେଉଥିବା ମୃତ୍ୟୁ ଆଶଙ୍କାକୁ ୯୦ ପ୍ରତିଶତରୁ ଅଧିକ ପ୍ରଶମିତ କରିଥାଏ। ପ୍ରତିଷ୍ଠାନ ପକ୍ଷରୁ ତାଲିମପ୍ରାପ୍ତ କରିଥିବା ୫୨ ଜଣ ଭିନ୍ନ ଭିନ୍ନ ବର୍ଗର କାରଖାନା ଅଧିକାରୀଙ୍କୁ ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରମାଣପତ୍ର ବିତରଣ କରାଯାଇଥିଲା।

ସଲମନ ରାଉତ ହତ୍ୟା ମାମଲାରେ ୮ ଜଣଙ୍କୁ ଆଜୀବନ ଜେଲ୍

ଢେଙ୍କାନାଳ, ୩୧।୧୦ (ସଂଚାର ବ୍ୟୁରୋ) : ବହୁ ଚର୍ଚ୍ଚିତ ଢେଙ୍କାନାଳ ତରଭା ସଲମନ ରାଉତ ହତ୍ୟାକାଣ୍ଡ ମାମଲାର ଢେଙ୍କାନାଳ ଜିଲ୍ଲା ଦୌରାଜଙ୍କ କୋର୍ଟରେ ରାୟ ପ୍ରକାଶ ପାଇଛି। ମୋଟ ୧୫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇସାରିଥିବା ବେଳେ ୮ ଜଣଙ୍କୁ ଆଜୀବନ କାରାଦଣ୍ଡ ଓ ପ୍ରତ୍ୟେକଙ୍କୁ

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪ ଶନିବାର ୧ ନଭେମ୍ବର ୨୦୨୫, ଭୁବନେଶ୍ୱର
Saturday 1 November 2025, Bhubaneswar

ପଟେଲ୍: ଭାରତର ଏକତାର ନିର୍ମାତା



ଏହା ହେଉଛି ଭାରତର ଏକତାର ପ୍ରତୀକ ସର୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ଜନ୍ମଦିନ। ପ୍ରତିବର୍ଷ ଏହି ଦିନକୁ 'ରାଷ୍ଟ୍ରୀୟ ଏକତା ଦିବସ' ଭାବରେ ପାଳନ କରାଯାଏ। ସର୍ଦାର ପଟେଲ୍, ଯାହାଙ୍କୁ 'ଭାରତର ଲୌହପୁରୁଷ' ବୋଲି କୁହାଯାଏ, ସ୍ୱାଧୀନ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ଥିଲେ। ତାଙ୍କର ନିର୍ଣ୍ଣାୟକ ଭୂମିକା ଭାରତକୁ ଏକ ଏକୀକୃତ ରାଷ୍ଟ୍ରରେ ପରିଣତ କରିଛି। ତାଙ୍କର ଯୋଗଦାନ କେବଳ ଐତିହାସିକ ନୁହେଁ, ବରଂ ଆଧୁନିକ ଭାରତର ଚ୍ୟାଲେଞ୍ଜଗୁଡ଼ିକର ସମାଧାନରେ ମଧ୍ୟ ପ୍ରାସଙ୍ଗିକ।

ସର୍ଦାର ପଟେଲ୍‌ଙ୍କ ଜୀବନ ଏକ ପ୍ରେରଣାଦାୟକ କାହାଣୀ। ୧୮୭୫ ମସିହାରେ ଗୁଜରାଟରେ ଜନ୍ମଗ୍ରହଣ କରିଥିବା ପଟେଲ୍ ଇଂଲଣ୍ଡରେ ବାରିଷ୍ଟର ପଢ଼ି ଫେରିଥିଲେ। କିନ୍ତୁ ମହାତ୍ମା ଗାନ୍ଧୀଙ୍କ ପ୍ରଭାବରେ ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ। ବର୍ଦୋଲି ସତ୍ୟାଗ୍ରହରେ ତାଙ୍କର ନେତୃତ୍ୱ କୃଷକମାନଙ୍କୁ ଏକତ୍ରିତ କରି ବ୍ରିଟିଶ୍ ଶାସନ ବିରୋଧରେ ବିଜୟ ଆଣିଥିଲା। ଏହି ଆନ୍ଦୋଳନ ପରେ ତାଙ୍କୁ 'ସର୍ଦାର' ଉପାଧି ମିଳିଥିଲା। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଯୋଗଦାନ ଅପରିସୀମ – କ୍ୱିଟ୍ ଇଣ୍ଡିଆ ଆନ୍ଦୋଳନରେ ସେ କାରାବାସ ଭୋଗ କରିଥିଲେ ଏବଂ କଂଗ୍ରେସ୍‌ର ସଂଗଠକ ଭାବରେ କାର୍ଯ୍ୟ କରିଥିଲେ।

କିନ୍ତୁ ସର୍ଦାର ପଟେଲ୍‌ଙ୍କର ସବୁଠାରୁ ବଡ଼ ଯୋଗଦାନ ହେଉଛି ଭାରତର ଏକୀକରଣ। ୧୯୪୭ରେ ସ୍ୱାଧୀନତା ପରେ ଭାରତରେ ୫୬୫ରୁ ଅଧିକ ରାଜ୍ୟବାଦୀ ରାଜ୍ୟ ଥିଲା। ଏହି ରାଜ୍ୟଗୁଡ଼ିକୁ ଭାରତୀୟ ସଂଘରେ ସାମିଲ କରିବା ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ପଟେଲ୍ ଏବଂ ତାଙ୍କର ସହଯୋଗୀ ଭି.ପି. ମେନନ୍‌ଙ୍କ ନେତୃତ୍ୱରେ କୂଟନୈତିକ ଏବଂ ଦୃଢ଼ ପଦକ୍ଷେପ ଦ୍ୱାରା ଏହି ରାଜ୍ୟଗୁଡ଼ିକୁ ଏକତ୍ରିତ କରାଗଲା। ହାଇଦ୍ରାବାଦ୍, ଜୁନାଗଡ଼ ଏବଂ କାଶ୍ମୀର ଭଳି ରାଜ୍ୟଗୁଡ଼ିକରେ ସେ ସୈନ୍ୟ ବ୍ୟବହାର କରି ଏକୀକରଣ ସମ୍ପନ୍ନ କରିଥିଲେ। ଏହି ପ୍ରକ୍ରିୟା ଭାରତକୁ ବିଭାଜନରୁ ରକ୍ଷା କରିଥିଲା ଏବଂ ଆଜିର ଭାରତର ମାନଚିତ୍ର ନିର୍ମାଣ କରିଥିଲା

ସର୍ଦାର ପଟେଲ୍‌ଙ୍କର ଦର୍ଶନ ଥିଲା ଏକ ଶକ୍ତିଶାଳୀ ଏବଂ ଏକୀକୃତ ଭାରତ। ସେ ବିଶ୍ୱାସ କରୁଥିଲେ ଯେ ବିବିଧତା ମଧ୍ୟରେ ଏକତା ହିଁ ରାଷ୍ଟ୍ରର ଶକ୍ତି। ତାଙ୍କର ନୀତିଗୁଡ଼ିକ ଭାରତର ପ୍ରଶାସନିକ ବ୍ୟବସ୍ଥାକୁ ମଜବୁତ କରିଥିଲା। ସେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ର ପିତା ଭାବରେ ପରିଚିତ, ଯାହା ରାଷ୍ଟ୍ରର ଏକତାକୁ ବଜାୟ ରଖିବାରେ ମୁଖ୍ୟ ଭୂମିକା ନିର୍ବାହ କରେ। ତାଙ୍କର ଦୃଢ଼ତା ଏବଂ ନିଷ୍ଠା ଆଜିର ରାଜନେତାମାନଙ୍କ ପାଇଁ ଉଦାହରଣ।

ଆଧୁନିକ ଭାରତରେ ସର୍ଦାର ପଟେଲ୍‌ଙ୍କର ଉତ୍ତରାଧିକାର ଅଧିକ ପ୍ରାସଙ୍ଗିକ। ଆଜି ଭାରତ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି – ଆଞ୍ଚଳିକ ବିବାଦ, ଜାତିଗତ ବିଭେଦ, ଏବଂ ସୀମା ସମସ୍ୟା। ଏହି ପରିପ୍ରେକ୍ଷ୍ୟରେ ପଟେଲ୍‌ଙ୍କର ଏକତାର ସନ୍ଦେଶ ଆବଶ୍ୟକ। ସରକାରର ଏକ ଭାରତ, ଶ୍ରେଷ୍ଠ ଭାରତ ଯୋଜନା ତାଙ୍କର ଦର୍ଶନର ପ୍ରତିଫଳନ। କିନ୍ତୁ କେବଳ ସ୍ମାରକୀ ନିର୍ମାଣ କରି ନୁହେଁ, ତାଙ୍କର ଆଦର୍ଶକୁ ଅନୁସରଣ କରିବା ଦରକାର। ଆଜିର ଯୁବକମାନେ ତାଙ୍କର ନିଷ୍ଠା ଏବଂ ଦେଶପ୍ରେମରୁ ଶିଖିବା ଉଚିତ୍।

ସର୍ଦାର ପଟେଲ୍ ୧୯୫୦ ମସିହାରେ ପରଲୋକ ଗମନ କରିଥିଲେ, କିନ୍ତୁ ତାଙ୍କର ଉତ୍ତରାଧିକାର ଜୀବନ୍ତ। ଆଜି ଆମେ ଯେଉଁ ଏକୀକୃତ ଭାରତରେ ବାସ କରୁଛୁ, ତାହା ତାଙ୍କର କଠୋର ପରିଶ୍ରମର ଫଳ। ରାଷ୍ଟ୍ରୀୟ ଏକତା ଦିବସରେ ଆମେ କେବଳ ତାଙ୍କୁ ସ୍ମରଣ କରିବା ନୁହେଁ, ବରଂ ତାଙ୍କର ଆଦର୍ଶକୁ ଅନୁସରଣ କରି ଏକ ଶକ୍ତିଶାଳୀ ଭାରତ ନିର୍ମାଣ କରିବା ପାଇଁ ପ୍ରତିଜ୍ଞା କରିବା ଉଚିତ୍। ସର୍ଦାର ପଟେଲ୍‌ଙ୍କର ଜୟଗାନ ହେଉ ଆମର ରାଷ୍ଟ୍ରୀୟ ମନ୍ତ୍ର।

'ବାୟୁ ପ୍ରଦୂଷଣ ଓ ତା'ର ପ୍ରତିକାର'

ଡଃ ଅମୂଲ୍ୟ କୁମାର ପଣ୍ଡା

ପ୍ରଦୂଷଣ ହେଉଛି ପ୍ରାକୃତିକ ପରିବେଶରେ ପ୍ରଦୂଷକ ପଦାର୍ଥର ପରିଚୟ, ଯାହା ସ୍ୱାଭାବିକ ପ୍ରକୃତିରେ ପ୍ରତିକୂଳ ପରିବର୍ତ୍ତନ ଆଣିଥାଏ । ପ୍ରଦୂଷଣ ରାସାୟନିକ ପଦାର୍ଥ ବା ଶକ୍ତିର ରୂପ ନେଇପାରେ, ଯେପରିକି ଶବ୍ଦ, ଉତ୍ତାପ କିମ୍ବା ଆଲୋକ । ପ୍ରଦୂଷଣ, ପ୍ରଦୂଷଣର ଉପାଦାନ, ବିଦେଶୀ ପଦାର୍ଥ/ଶକ୍ତି କିମ୍ବା ପ୍ରାକୃତିକ ଭାବରେ ଘଟୁଥିବା ପ୍ରଦୂଷକ ହୋଇପାରେ । ପ୍ରଦୂଷଣ ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ଉତ୍ସ କିମ୍ବା ବହୁ ଉତ୍ସଜନିତ ପ୍ରଦୂଷଣ ଭାବରେ ଶ୍ରେଣୀଭୁକ୍ତ ହୋଇଥାଏ। ୨୦୧୫ରେ, ପ୍ରଦୂଷଣରେ ବିଶ୍ୱରେ ୯ ନିୟୁତ ଲୋକ ପ୍ରାଣ ହରାଇଥିଲେ। ପ୍ରଦୂଷଣର ମୁଖ୍ୟ ରୂପଗୁଡ଼ିକ ହେଲା: ବାୟୁ ପ୍ରଦୂଷଣ, ଆଲୋକ ପ୍ରଦୂଷଣ, ଆବର୍ଜନାର ଦୁରୁପବ୍ୟବହାର, ଶବ୍ଦ ପ୍ରଦୂଷଣ, ପ୍ଲାଷ୍ଟିକ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ରେଡିଓଆକ୍ଟିଭ୍ ପ୍ରଦୂଷଣ, ତାପଜ ପ୍ରଦୂଷଣ, ଦୃଷ୍ଟି ପ୍ରଦୂଷଣ ଏବଂ ଜଳ ପ୍ରଦୂଷଣ ।

ଆଜି ଆସନ୍ତୁ ଜାଣିବା ବାୟୁ ପ୍ରଦୂଷଣ ବିଷୟରେ। ବାୟୁ ପ୍ରଦୂଷଣ ସର୍ବଦା ସଭ୍ୟତା ସହିତ ଆସିଥାଏ । ପ୍ରଦୂଷଣ ପ୍ରାଚୀନ କାଳରୁ ଆରମ୍ଭ ହୋଇଥିଲା, ଯେତେବେଳେ ମଣିଷ ପ୍ରଥମ ଅଗ୍ନି ସୃଷ୍ଟି କଲା। ସାଇନ୍ସ ପତ୍ରିକାରେ ୧୯୮୩ର ଏକ ଲେଖା ଅନୁଯାୟୀ , ପ୍ରାଚୀନ ଗୁମ୍ଫାର ଛାତରୁ ମିଳିଥିବା କଳା ଦାଗ କିମ୍ବା ସୁଟ୍ ଉଚ୍ଚ ପ୍ରଦୂଷଣର ଯଥେଷ୍ଟ ପ୍ରମାଣ ଦେଇଥାଏ ଯାହା ଖୋଲା ଅଗ୍ନିକାଣ୍ଡର ଅପର୍ଯ୍ୟାପ୍ତ ବାୟୁ ଚଳାଚଳ ସହିତ ଜଡ଼ିତ ଥିଲା। ଧାତୁକୁ ଆକାର ଦେବା, ଘର ବାହାରେ ଗୁରୁତ୍ୱପୂର୍ଣ୍ଣ ବିମାନ ପ୍ରଦୂଷଣ ସ୍ତର ସୃଷ୍ଟିର ଏକ ପ୍ରମୁଖ କାରଣ ବୋଲି ଦେଖାଯାଇଥିଲା। ଗ୍ରୀନଲ୍ୟାଣ୍ଡରେ ଥିବା ଗ୍ଲେସିୟର ମୂଳ ନମୁନା ଗ୍ରୀକ୍, ରୋମାନ୍ ଏବଂ ଚାଇନାର ଧାତୁ ଉତ୍ପାଦନ ସହିତ ଜଡ଼ିତ ପ୍ରଦୂଷଣର ବୃଦ୍ଧି ସୂଚାଇଥାଏ। ବାୟୁମଣ୍ଡଳରେ ରାସାୟନିକ ପଦାର୍ଥ ଏବଂ କଣିକା ନିର୍ଗତ ଯୋଗୁଁ ହୋଇଥାଏ । ସାଧାରଣ ଗ୍ୟାସୀୟ ପ୍ରଦୂଷଣରେ କାର୍ବନ ମନୋକ୍ସାଇଡ୍, ସଲଫର୍ ଡାଇଅକ୍ସାଇଡ୍, କ୍ଲୋରୋଫ୍ଲୋରୋକାର୍ବନ୍ ଏବଂ ଶିଳ୍ প এବଂ ମୋଟର ଯାନଦ୍ୱାରା ଉତ୍ପାଦିତ ନାଇଟ୍ରୋଜେନ୍ ଅକ୍ସାଇଡ୍

ଅନ୍ତର୍ଭୁକ୍ତ। ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ହାଇଡ୍ରୋକାର୍ବନ୍ ସୂର୍ଯ୍ୟ କିରଣରେ ପ୍ରତିକ୍ରିୟାଶୀଳ ହୋଇଥିବାରୁ ଫୋଟୋକେମିକାଲ୍ ଓଜୋନ୍ ଏବଂ ଧୂଆଁ ସୃଷ୍ଟି ହୁଏ ।

ପ୍ରତିକୂଳ ବାୟୁ ଗୁଣ ମଣିଷ ସମେତ ଅନେକ ଜୀବକୁ ମାରିପାରେ। ଓଜୋନ ପ୍ରଦୂଷଣ କରାଇବାର ଶ୍ୱାସ ରୋଗ, ହୃଦରକ୍ତନାଳୀ ରୋଗ, ଗଳା ପ୍ରଦାହ, ଛାତି ଯନ୍ତ୍ରଣା, ଏବଂ ଜନଗହଳି । ମୁଖ୍ୟତଃ ବିକାଶଶୀଳ ଦେଶମାନଙ୍କରେ ବିଶୋଧିତ ଜଳ ନିଷ୍କାସନଦ୍ୱାରା ପାନୀୟ ଜଳର ଦୂଷିତ ହେତୁ, ଜଳ ପ୍ରଦୂଷଣ ଦିନକୁ ପ୍ରାୟ ୧୪,୦୦୦ ମୃତ୍ୟୁ ଘଟାଇଥାଏ । ଆନୁମାନିକ ଏବେ ବି ବିଶ୍ୱର ଅନ୍ୟ ଦେଶ ସହିତ ଭାରତୀୟଙ୍କର ମଧ୍ୟ ଏବେ ବି ଅନେକ ଲୋକଙ୍କର ଉପଯୁକ୍ତ ଶୌଚାଳୟର ସୁବିଧା ନାହିଁ, ଭାରତରେ ଲକ୍ଷ ଲକ୍ଷ ଲୋକ ଜଳ ଜନିତ ରୋଗରେ ଏବେ ବି ପୀଡ଼ିତ ଓ ଏହି ରୋଗରେ ଅନେକ ଲୋକ ମୃତ୍ୟୁ ମଧ୍ୟ କରୁଛନ୍ତି। ପାଖାପାଖି ୫୦୦ ନିୟୁତ ଚାଇନାର ସୁରକ୍ଷିତ ପାନୀୟ ଜଳର ଅଭାବ ରହିଛି।ଏକ ବିଶ୍ଳେଷଣରୁ ଜଣାପଡିଛି ଯେ ବାୟୁ ପ୍ରଦୂଷଣ ହେତୁ ଚାଇନାରେ ପ୍ରତିବର୍ଷ ୧.୨ ନିୟୁତ ଲୋକ ଅକାଳରେ ମୃତ୍ୟୁ ବରଣ କରନ୍ତି । ଦୀର୍ଘ ଦିନ ଧରି ଚାଇନାର ଉଚ୍ଚ ଧୂଆଁ ସ୍ତର ସାଧାରଣ ନାଗରିକଙ୍କ ଶରୀରକୁ କ୍ଷତି ପହଞ୍ଚାଇପାରେ ଏବଂ ବିଭିନ୍ନ ରୋଗ ସୃଷ୍ଟି କରିପାରେ। WHO ୨୦୦୬ରେ ଆକଳନ କରିଥିଲା ଯେ ବାୟୁ ପ୍ରଦୂଷଣ ଭାରତରେ ପ୍ରତିବର୍ଷ ଅଢ଼େଇ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟାଇଥାଏ। ଅଧ୍ୟୟନରୁ ଜଣାପଡିଛି ଯେ ଯୁକ୍ତରାଷ୍ଟ୍ରରେ ବାର୍ଷିକ ନିହତ ଲୋକଙ୍କ ସଂଖ୍ୟା ୫୦,୦୦୦ରୁ ଅଧିକ ହୋଇପାରେ।

ପରିବେଶର ସୁରକ୍ଷା ଓ ଉନ୍ନୟନ ପ୍ରତ୍ୟେକ ନାଗରିକର ମୌଳିକ ଦାୟିତ୍ୱ ଓ କର୍ତ୍ତବ୍ୟ। ବାୟୁ ପ୍ରଦୂଷଣ ହ୍ରାସ ପାଇଁ ଯୁଦ୍ଧକାଳୀନଭିତ୍ତିରେ କେତେକ ଅଗ୍ରାଧିକାରମୂଳକ ପଦକ୍ଷେପ ଯଥା ସଚେତନତା ସୃଷ୍ଟି, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ଜରାଶ୍ରମ ନିକଟରେ 'ନୋ କାର ଆଇଡ୍‌ଲିଙ୍ଗ ଜୋନ୍' ପ୍ରତିଷ୍ଠା , ସର୍ବସାଧାରଣ ଯାନ ଓ ସାଇକେଲରେ ଯିବା, ମିଥେନ୍ ଗ୍ୟାସ୍ ଯାହା ଅଙ୍ଗାରକାମ୍ଳ ଅପେକ୍ଷା ୨୧ ଗୁଣ ଅଧିକ ଅନିଷ୍ଟକାରୀ ତାହାର ଉତ୍ସକୁ ନିୟନ୍ତ୍ରଣ କରିବା, କଙ୍କୋଷ୍ଟ ଓ ପୁନଃବିନିଯୋଗ ବ୍ୟବସ୍ଥା ଦ୍ୱାରା ପରିତ୍ୟକ୍ତ ପ୍ଲାଷ୍ଟିକ୍ ସମେତ ଅଳିଆ-ଆବର୍ଜନାର ସୁବିନିଯୋଗ କରିବା, ଶିଳ୍ପାନୁଷ୍ଠାନରୁ ନିର୍ଗତ ବାୟୁ ପ୍ରଦୂଷକର ପରିମାଣକୁ ଉତ୍ସରୁ ହ୍ରାସ କରିବା, ଡିଜେଲ ଓ ପେଟ୍ରୋଲ ଭଳି ଜୀବାଶ୍ମ ଜାଳେଣି ବ୍ୟବହାର ନ କରି ହାଇବ୍ରିଡ ଓ ଇଲେକ୍ଟ୍ରିକ୍ ଯାନ ବ୍ୟବହାର କରିବା, ନବୀକରଣଯୋଗ୍ୟ ଶକ୍ତି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା, ଆଞ୍ଚଳିକ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବାୟୁ ପ୍ରଦୂଷଣରେ ନିର୍ଦ୍ଦିଷ୍ଟ ବାୟୁ ପ୍ରଦୂଷଣ ପାଇଁ ଆକ୍ସନ୍ ପ୍ଲାନ ତିଆରି କରିବା। ଏହା ହୋଇପାରିଲେ ବିଶ୍ୱର ପ୍ରଦୂଷଣ ନିୟନ୍ତ୍ରଣ ହୋଇପାରିବ ନତେତ୍ ବିଶ୍ୱ ଏକ ବିଷ ବଳୟ ରେ ବୁଡି ଧ୍ୱଂସ ପାଇଯିବ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ - ୮୨୪୯୫୦୨୭୭୭

କାର୍ତ୍ତିକ ପଞ୍ଚୁକରେ ଶ୍ରୀବିଗ୍ରହଙ୍କ ପାଞ୍ଚ ବେଶ

ସନ୍ତୋଷ କୁମାର ଦାଶ।

କାର୍ତ୍ତିକ ମାସ ବର୍ଷକର ସବୁଠାରୁ ପବିତ୍ର ଓ ଧର୍ମ ମାସ ଭାବେ କୁହା ଯାଇଥାଏ। କାର୍ତ୍ତିକ ମାସ ସାରା ଶ୍ରୀ ମନ୍ଦିର ରେ ଅନେକ ବିଶେଷ ନୀତି ମାନ ଅନୁଷ୍ଠିତ ହୋଇଥାଏ। ଶ୍ରୀ ଜିଉ ମାନେ ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ ମାସ ସାରା ଅର୍ଥାତ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥି ପର୍ଯ୍ୟନ୍ତ ରାଇ ଦାମୋଦର ବେଶ ରେ ସଜ୍ଜିତ ହୋଇ ଭକ୍ତ ମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହି ବେଶ ସମ୍ପର୍କ ରେ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି। ଦ୍ୱାପର ଯୁଗରେ ଗୋପୀ ମାନେ କାର୍ତ୍ତିକ ବ୍ରତ ରଖି ଯମୁନା କୂଳରେ ରାଇ ଦାମୋଦର ଙ୍କୁ ଆରାଧନା କରୁଥିଲେ। ସେଥିପାଇଁ ଶ୍ରୀ ମନ୍ଦିର ରେ ଶ୍ରୀ ବିଗ୍ରହ ମାନଙ୍କ ରାଇ ଦାମୋଦର ବେଶ ଅନୁଷ୍ଠିତ ହୋଇଥାଏ। ତେବେ କାର୍ତ୍ତିକ ମାସ ର ଶେଷ ପାଞ୍ଚ ଦିନ କୁ ପଞ୍ଚୁକବା ଭୀଷ୍ମ ପଞ୍ଚକ କୁହାଯାଇଥାଏ। ଏହି ପାଞ୍ଚ ଦିନ ଶ୍ରୀ ବିଗ୍ରହ ମାନଙ୍କର ପାଞ୍ଚୋଟି ଭିନ୍ନ ଭିନ୍ନ ବେଶ ଅନୁଷ୍ଠିତ ହୋଇଥାଏ ବୋଲି ଶ୍ରୀ ଜଗନ୍ନାଥ ଙ୍କ ଜାନି ଯାତ୍ରା ପୁସ୍ତକ ରେ ଉଲ୍ଲେଖ ରହିଛି। ପଞ୍ଚୁକ ର ପ୍ରଥମ ଦିନ କାର୍ତ୍ତିକ ଶୁକ୍ଳ ଏକାଦଶୀ ରେ ଶ୍ରୀ ଜୀଉ ଙ୍କ ଲକ୍ଷ୍ମୀନାରାୟଣ ବା ଠିଆକିଆ ବେଶ ଅନୁଷ୍ଠିତ ହୋଇ ଥାଏ। ଅନ୍ୟାନ୍ୟ ସମସ୍ତ ଅଳଙ୍କାର ଥାଇ ସୁବର୍ଣ୍ଣ କର, ପୟର , ହଳ, ଲଙ୍ଗଳ, ଶଙ୍ଖ, ଚକ୍ର ଲାଗି ହୋଇ ଥାଏ । ତ୍ରିମୁଣ୍ଡି ଚୂଳ ପରିବର୍ତ୍ତେ କୁଣ୍ଡଳ ଉପର ସମାନ ଭାବରେ 'ସୁବର୍ଣ୍ଣ ଚନ୍ଦ୍ରିକା' ଚୂଳ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ସମାନ ଭାବରେ ଖଞ୍ଜା ଯାଇଥାଏ । ଆଚାରୀ ବୈଷ୍ଣବ ମାର୍ଗୀ ମାଗଧି ସମ୍ପ୍ରଦାୟ ପକ୍ଷରୁ ଏହି ଦିନ 'ମହତ୍ତେଇ ଶାଢ଼ୀ' ବନ୍ଦା ଯାଇଥାଏ। ପଞ୍ଚୁକ ର ଦ୍ୱିତୀୟ ଦିନ ଅର୍ଥାତ ଶୁକ୍ଳ ଦ୍ୱାଦଶୀ ଦିନ ଶ୍ରୀ ଜୀଉ ଙ୍କ ବାମନ ବା ବାଙ୍କବୁଡ଼ା ବେଶ ଅନୁଷ୍ଠିତ ହୋଇଥାଏ । ଏହି ବେଶ ଲକ୍ଷ୍ମୀ ନାରାୟଣ ବେଶ ଠାରୁ ବିଶେଷ ଭିନ୍ନ ନ ହୋଇ ଚନ୍ଦ୍ରିକା ଚୂଳ ସହିତ ଦକ୍ଷିଣ ଦିଗକୁ ଆଡ଼ଖୋସା ପଡ଼ିଥାଏ । ଶିର ରେ ସୁବର୍ଣ୍ଣ ଚୂଳ ଲାଗି ହୋଇଥାଏ । ଗୋପାଳ ତୀର୍ଥ ମଠ, ମହୀ ପ୍ରକାଶ ମଠ, ସ୍ମାର୍ତ ସମ୍ପ୍ରଦାୟ ପକ୍ଷରୁ ଏହି ବେଶ ର ଉପକରଣ ସବୁ ଯୋଗାଇ ଦିଆ ଯାଇଥାଏ। ବାମନ ରୂପରେ ଶ୍ରୀ ଜୀଉ ଭକ୍ତ ମାନଙ୍କୁ ଦର୍ଶନ ଦେଇଥାନ୍ତି। ତୃତୀୟ ଦିନ ଶୁକ୍ଳ ତ୍ରୟୋଦଶୀ ତିଥିରେ ଶ୍ରୀଜୀଉଙ୍କର ତ୍ରିବିକ୍ରମ

ବା ଆଡକିଆ ବେଶ ଅନୁଷ୍ଠିତ ହୋଇଥାଏ। ଏହି ବେଶରେ ଶିର-ଶୃଙ୍ଗାର ର ଆକର୍ଷଣ ବେଶୀ ଥିବାର ଦେଖାଯାଏ ।ଏଇ ବେଶ ଅତିବଡ଼ି ସମ୍ପ୍ରଦାୟର ଅତ୍ୟନ୍ତ ପ୍ରିୟ ବେଶ ବୋଲି ବିବେଚନା କରାଯାଏ। ପଞ୍ଚୁକ ର ଚତୁର୍ଥ ଦିନ ଅର୍ଥାତ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଶ୍ରୀଜଗନ୍ନାଥଙ୍କର ନୃସିଂହ ବା ଡାଳକିଆ ବେଶ ଅନୁଷ୍ଠିତ ହୋଇଥାଏ। ବଡ଼ ଠାକୁର ଶ୍ରୀ ବଳଭଦ୍ରଙ୍କ ଶ୍ରୀ ଭୂଜ ରେ ହଳ ଓ ଲଙ୍ଗଳ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଭୁଜ ରେ ଶଙ୍ଖ ଓ ଚକ୍ର ଶୋଭା ପାଏ । କିଆ, ନଖଞ୍ଜି ଫଳ, ଫୁଲ, ଭଞ୍ଜାବୂଳ ଲାଗି ହୋଇ ଦଶାବତାର ମାଳି, ପଦକ ମାଳି, ଆଦି ସୁବର୍ଣ୍ଣ ଅଳଙ୍କାର ରେ ଶ୍ରୀଜୀଉ ମାନେ ଭୂଷିତ ହୁଅନ୍ତି । ନୃସିଂହ ରୂପେ ଶ୍ରୀ ଜଗନ୍ନାଥଙ୍କୁ ଆରାଧନା କରାଯାଏ ।

ପଞ୍ଚୁକ ର ଶେଷଦିନ ଅର୍ଥାତ କାର୍ତ୍ତିକ ପୂର୍ଣ୍ଣିମା ଦିନ ଶ୍ରୀଜୀଉ ଙ୍କର ରାଜ ରାଜେଶ୍ୱର ବା ସୁନାବେଶ ଅନୁଷ୍ଠିତ ହୋଇଥାଏ ।ଏହି ଦିନ କାର୍ତ୍ତିକ ବ୍ରତ ର ସମାପନ ହେଉଥିବାରୁ ଶ୍ରୀ ଜିଉ ମାନଙ୍କୁ ରାଜନୀତି ବନ୍ଦାପନା କରା ଯାଇଥାଏ। ଶ୍ରୀ ଜିଉ ମାନଙ୍କୁ ନାନାଦି ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାର ରେ ସଜ୍ଜିତ କରା ଯାଇଥାଏ। ରଥ ଯାତ୍ରା ସମୟରେ ରଥ ଉପରେ ଶ୍ରୀ ଜିଉ ମାନଙ୍କ ସୁନା ବେଶ ଯେପରି ପ୍ରସିଦ୍ଧ ବେଶ ଅଟେ ସେହିପରି ରତ୍ନ ସିଂହାସନ ଉପରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଶ୍ରୀ ଜିଉ ମାନଙ୍କ ସୁନାବେଶ (ରାଜାଧିରାଜ) ବେଶ ମଧ୍ୟ ପ୍ରସିଦ୍ଧ ଅଟେ। ଶ୍ରୀ ଜିଉ ମାନଙ୍କ ସୁନା ବେଶ ଅନୁଷ୍ଠିତ ହେବା ପରେ ପଣ୍ଡା, ପତି ମହାପାତ୍ର, ମୁଦିରସ୍ତ ସେବକ ମାନେ ଶ୍ରୀ ଜିଉ ମାନଙ୍କୁ ସପ୍ତ ବନ୍ଦାପନା କରିଥାନ୍ତି। ଯେଉଁ ବର୍ଷ ପଞ୍ଚୁକ ଛଅ ଦିନ ପଡ଼େ ମଳ ତିଥି ରେ ଶ୍ରୀ ଜିଉ ମାନଙ୍କ ନାଗାର୍ଜୁନ ବେଶ ଅନୁଷ୍ଠିତ ହୋଇଥାଏ। ଏହା ଏକ ବୀର ବେଶ ହୋଇଥିବାରୁ ଏହି ବେଶ ରେ ଶ୍ରୀ ଜିଉ ମାନେ ତ୍ରାଇଛ ପରିଧାନ କରିବା ସହିତ ଶିର ରେ ହାଣ୍ଡିଆ, ବଡ଼ଫୁଲ, ବାଘ ନଖ, ସ୍କନ୍ଦ ଦେଶ ରେ କାଣ୍ଡ ଧନୁ, ଶରଫୁଟ, ହସ୍ତ ରେ ଓଳମାଳ, କଟି ରେ ଢାଲ, ବାଙ୍କ ଛୁରୀ, ଭାଲା ପ୍ରଭୃତି ଅସ୍ତ୍ରଶସ୍ତ୍ର ଧାରଣ କରିଥାନ୍ତି। ଏହି ବେଶ ଶ୍ରୀ ଜିଉ ମାନଙ୍କ ବିରଳ ବେଶ ଅଟେ। ଏହାକୁ ପର୍ଶୁରାମ ବେଶ ବୋଲି ମଧ୍ୟ କୁହା ଯାଇଥାଏ। ଚଳିତ ବର୍ଷ ପଞ୍ଚୁକ ଚାରି ଦିନ ପଡୁଥିବାରୁ ଶ୍ରୀ ଜିଉ ମାନଙ୍କ ବାମନ ବେଶ ବା ବାଙ୍କବୁଡ଼ା ବେଶ ଅନୁଷ୍ଠିତ ହେବ ନାହିଁ। ଆଉ ସବୁ ବେଶ ଯଥାବିଧି ଅନୁଷ୍ଠିତ ହେବ। ଜୟ ଜଗନ୍ନାଥ ସ୍ୱାମୀ।

ତୁଳସୀପୁର। ପୁରୀ।
୯୪୩୯୩୬୧୮୮୮।

ଇଓର ଦୁଇଧାରା ଖଣ୍ଡା : ବରଦାନ ନା ଅଭିଶାପ ?

ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

କୃତ୍ରିମ ବୁଦ୍ଧିମତା (ଇଓ)ର ଆଗମନ ତୀବ୍ର ବିତର୍କ ସୃଷ୍ଟି କରିଛି, କେତେକ ଏହାକୁ ଏକ ବିପ୍ଳବୀ ଶକ୍ତି ଭାବରେ ପ୍ରଶଂସା କରିଛନ୍ତି ଯାହା ଶିଳ୍ପକୁ ପରିବର୍ତ୍ତନ କରିବ ଏବଂ ଜୀବନକୁ ଉନ୍ନତ କରିବ, ଯେତେବେଳେ ଅନ୍ୟମାନେ ଭୟ କରୁଛନ୍ତି ଯେ ଏହା ଚାକିରି ସ୍ଥାନାନ୍ତର, ସ୍ୱାୟତତା, ହରାଇବା ଏବଂ

କଂଗ୍ରେସର ଭୁଲ ଯୋଗୁଁ ହୋଇଛି କାଶ୍ମୀର ସମସ୍ୟା

ନୂଆଦିଲ୍ଲୀ,୩୧।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଏକତା ଦିବସ ଅବସରରେ କଂଗ୍ରେସ ଦଳକୁ ଟାର୍ଗେଟ କରିଥିଲେ। ସେ କହିଥିଲେ ଯେ, କଂଗ୍ରେସର ଭୁଲ ଯୋଗୁଁ ଜମ୍ମୁ-କାଶ୍ମୀରର ଏକ ଅଂଶ ପାକିସ୍ତାନକୁ ଚାଲିଗଲା। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ କହିଥିଲେ ଯେ, ସେ ବିଶ୍ୱାସ କରନ୍ତି ଯେ ଇତିହାସ ଲେଖିବାରେ ସମୟ ନଷ୍ଟ କରାଯିବା ଉଚିତ୍ ନୁହେଁ; ବରଂ, ଆମେ ଇତିହାସ ସୃଷ୍ଟି କରିବା ପାଇଁ କଠିନ ପରିଶ୍ରମ କରିବା ଉଚିତ। ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, "କାଶ୍ମୀର ଧାରା ୩୭୦ର ଶିକୁଳି ଭାଙ୍ଗି ମୁଖ୍ୟଧାରାରେ ସାମିଲ ହୋଇଛି। ସମଗ୍ର ବିଶ୍ୱ ଅପରେସନ ସିନ୍ଦୁରରେ ଦେଖିଛି ଯେ, ଯଦି କେହି ଆଜି ଭାରତକୁ ଆଖି ଉଠାଇବାକୁ ସାହସ କରେ, ତେବେ ଭାରତ ଘରେ ପଶି ମାରିବ। ଭାରତର ପ୍ରତିକ୍ରିୟା ପୂର୍ବ ଅପେକ୍ଷା ଅଧିକ ନିର୍ଣ୍ଣାୟକ। ଏହା ଭାରତର ଶତ୍ରୁମାନଙ୍କ ପାଇଁ ଏକ ବାର୍ତ୍ତା।

ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, କାଶ୍ମୀରରେ ହୋଇଥିବା ଭୁଲ, ଉତ୍ତର-ପୂର୍ବରେ ଉପୁଜିଥିବା ସମସ୍ୟା ଏବଂ ଦେଶସାରା ନକ୍ସଲବାଦୀ ଏବଂ ମାଓବାଦୀ ଆତଙ୍କବାଦର ପ୍ରସାର ଦେଶର ସାର୍ବଭୌମତ୍ୱ ପ୍ରତି ସିଧାସଳଖ ଚ୍ୟାଲେଞ୍ଜ ଥିଲା। ତଥାପି, ସର୍ଦ୍ଦାର ସାହେବଙ୍କ ନୀତି ଅନୁସରଣ କରିବା ପରିବର୍ତ୍ତେ, ସେତେବେଳର ସରକାରମାନେ ଏକ ମେରୁଦଣ୍ଡହୀନ ଆଭିମୁଖ୍ୟ ବାଛିଥିଲେ। ଦେଶ ହିଂସା ଏବଂ ରକ୍ତପାତ ରୂପରେ ପରିଣାମ ଭୋଗ କରିଥିଲା। ସେ କହିଥିଲେ, ସର୍ଦ୍ଦାର ସାହେବ ଚାହୁଁଥିଲେ ଯେ, କାଶ୍ମୀରକୁ ମଧ୍ୟ ସେପରି ଏକୀକୃତ କରାଯାଉ ଯେପରି ସେ ଅନ୍ୟ ଗଡ଼ଜାତ ରାଜ୍ୟଗୁଡ଼ିକୁ ଏକୀକୃତ କରିଥିଲେ। କିନ୍ତୁ, ନେହେରୁଜୀ ତାଙ୍କର ଇଚ୍ଛା ପୂରଣ ହେବାରେ ବାଧା ଦେଇଥିଲେ। କାଶ୍ମୀରକୁ ଏକ ସ୍ୱତନ୍ତ୍ର ସମ୍ବିଧାନ ଏବଂ ଏକ ପୃଥକ ପତାକା ସହିତ ବିଭାଜିତ କରାଯାଇଥିଲା। ବିଦେଶୀ ଅନୁପ୍ରବେଶକାରୀମାନେ ଦଶନ୍ଧି ଧରି ଦେଶରେ ପ୍ରବେଶ କରୁଛନ୍ତି, ଜନସଂଖ୍ୟା ସନ୍ତୁଳନକୁ ବିପର୍ଯ୍ୟସ୍ତ କରୁଛନ୍ତି ଏବଂ ଦେଶର ଏକତାକୁ ବିପଦରେ ପକାଇଛନ୍ତି। କିନ୍ତୁ ପୂର୍ବ ସରକାରମାନେ ଏହି ବିଶାଳ ସମସ୍ୟା ପ୍ରତି ଆଖି ବୁଜି ଦେଇଥିଲେ। ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଜାତୀୟ ସୁରକ୍ଷାକୁ ଜାଣିଶୁଣି ବିପଦରେ ପକାଇ ଦିଆଯାଇଥିଲା।

ଭାରତ-ଆମେରିକା ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷରିତ

ନୂଆଦିଲ୍ଲୀ,୩୧।୧୦: ବିଶ୍ୱସ୍ତରୀୟ ମହାଶକ୍ତି ମଧ୍ୟରେ ଏବେ ଶକ୍ତି ସଂଘର୍ଷ ଚାଲିଛି। କେଉଁ ଦେଶ କେତେ ମଜବୁତ ତାହା ପ୍ରମାଣ କରିବାରେ ଲାଗିପଡ଼ିଛନ୍ତି ଅନେକ ବଡ଼ ବଡ଼ ଦେଶ। ଏହି ପ୍ରତିଯୋଗିତା ମଧ୍ୟରେ ଭାରତ ଏବଂ ଆମେରିକା ୧୦ ବର୍ଷର ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହାକୁ ଦୁଇ ଦେଶ ମଧ୍ୟରେ ରଣନୈତିକ ସମନ୍ୱୟର ଏକ ସଙ୍କେତ ଭାବରେ ବର୍ଣ୍ଣନା କରିଛନ୍ତି। ମାଲେସିଆର ରାଜଧାନୀ କୁଆଲାଲମ୍ପୁରରେ ଏକ ବୈଠକରେ ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଚୁକ୍ତିନାମା ସ୍ୱାକ୍ଷରିତ ହେବା ସମୟରେ ଆମେରିକାର ପ୍ରତିରକ୍ଷା ସଚିବ ପିଟର ହେଗସେଥ୍ ମଧ୍ୟ ଉପସ୍ଥିତ ଥିଲେ।

ଏହି ଚୁକ୍ତିନାମା ଏପରି ସମୟରେ କରାଯାଇଛି, ଯେତେବେଳେ ଶୁଳ୍କକୁ ନେଇ ଉତ୍ତେଜନା ପରେ ଉଭୟ ଦେଶ ସମ୍ପର୍କ ପୁନର୍ବାର ସ୍ଥାପନ କରିବାକୁ ଚେଷ୍ଟା କରୁଛନ୍ତି। ଆମେରିକା ଭାରତୀୟ ଉତ୍ପାଦ ଉପରେ ୫୦ପ୍ରତିଶତ ଶୁଳ୍କ ଲାଗୁ କରିଛି। ଏହି ନିଷ୍ପତ୍ତି ପରେ ବି ଭାରତ ମୁଣ୍ଡ ନୁଆଁଉ ନଥିବା ଦେଖି ଏବେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସହିତ ସମ୍ପର୍କ ସୁଧାରିବାକୁ ଅନେକ ସଙ୍କେତ ଦେଉଛନ୍ତି। ଏମଧ୍ୟରେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷରିତ ହେବା ଚର୍ଚ୍ଚାର ବିଷୟ ପାଲଟିଛି। ଆମେରିକାର ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ପରେ, ରାଜନାଥ ସିଂହ ଟ୍ୱିଟରରେ ଲେଖିଛନ୍ତି, 'ଏହା ଆମର ଦୃଢ଼ ପ୍ରତିରକ୍ଷା ସହଭାଗୀତାରେ ଏକ ନୂତନ ଯୁଗର ଆରମ୍ଭ।'

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ, ଏହି ଚୁକ୍ତିନାମା ଗୁରୁତ୍ୱପୂର୍ଣ୍ଣ ନୀତିଗତ ଦିଗଦର୍ଶନ ପ୍ରଦାନ କରିବ ଏବଂ ଭାରତ-ଆମେରିକା ପ୍ରତିରକ୍ଷା ସମ୍ପର୍କରେ ଏକ ବଡ଼ ପରିବର୍ତ୍ତନ ଆଣିବ। ଏହା ଆମର ବଢୁଥିବା ରଣନୈତିକ ସମନ୍ୱୟର ସଙ୍କେତ ଦେଉଛି ଏବଂ ଏକ ନୂତନ ଦଶକର ସହଭାଗିତାର ଆରମ୍ଭକୁ ଚିହ୍ନିତ କରିବ। ପ୍ରତିରକ୍ଷା ସମ୍ପର୍କ ଆମ ସମ୍ପର୍କର ଏକ ଦୃଢ଼ ସ୍ତମ୍ଭ। ଏହା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ମୁକ୍ତ, ଖୋଲା ଏବଂ ନିୟମ-ଆଧାରିତ ନାଭିଗେସନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେବ।

ମନ୍ତ୍ରୀ ଭାବେ ଶପଥ ନେଲେ ଆଝାରୁଦ୍ଦିନ

ଅମରାବତି,୩୧।୧୦: ଭାରତୀୟ କ୍ରିକେଟ ଦଳର ପୂର୍ବତନ କ୍ୟାପଟେନ ମହମ୍ମଦ ଆଝାରୁଦ୍ଦିନ ଏବେ ତେଲଙ୍ଗାନା ସରକାରରେ ଭାଗ ନେଇଛନ୍ତି। ଶୁକ୍ରବାର ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ମନ୍ତ୍ରିମଣ୍ଡଳରେ ସେ ସାମିଲ ହୋଇଛନ୍ତି। ରାଜଭବନରେ ଆୟୋଜିତ ଏକ ସମାରୋହରେ ତାଙ୍କୁ ରାଜ୍ୟପାଳ ଜିଷ୍ଣୁ ଦେବ ବର୍ମା ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ଶପଥଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନେକ ମନ୍ତ୍ରୀ ଓ ନେତା ଉପସ୍ଥିତ ଥିଲେ। ଆଝାରୁଦ୍ଦିନ ମନ୍ତ୍ରିମଣ୍ଡଳରେ ସାମିଲ ହେବା ପରେ ଏବେ ତେଲଙ୍ଗାନା କ୍ୟାବିନେଟରେ ମନ୍ତ୍ରିଙ୍କ ସଂଖ୍ୟା ୧୬ରେ ପହଞ୍ଚିଛି। ଏବେ ବି ଆହୁରି ୨ ଟି ମନ୍ତ୍ରିପଦ ଖାଲି ରହିଛି। ବିଧାନସଭା ଆକାରକୁ ନେଇ ତେଲଙ୍ଗାନା ସରକାରରେ ସର୍ବାଧିକ ୧୮ ମନ୍ତ୍ରୀ ରହିପାରିବେ। ମହମ୍ମଦ ଆଝାରୁଦ୍ଦିନ ଅଗଷ୍ଟମାସ ଶେଷ ସପ୍ତାହରେ ରାଜ୍ୟପାଳଙ୍କ କୋଟାରେ ବିଧାନ ପରିଷଦ ସଦସ୍ୟ ଭାବେ ନାମିତ ହୋଇଥିଲେ। ସେ ୨୦୨୩ ବିଧାନସଭା ନିର୍ବାଚନରେ ଜୁବଲି ହିଲ୍ ଆସନରୁ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଆଝାରୁଦ୍ଦିନ ୨୦୦୯ ମସିହାରେ କ୍ରିକେଟ ଛାଡ଼ି ରାଜନୀତିରେ ପାଦ ଦେଇଥିଲେ। କଂଗ୍ରେସ ଟିକେଟରୁ ସେ ଉତ୍ତରପ୍ରଦେଶର ମୁରାଦାବାଦ ଲୋକସଭା ଆସନରୁ ବିଜୟୀ ହୋଇଥିଲେ। ହେଲେ ୨୦୧୪ ଓ ୨୦୨୩ ନିର୍ବାଚନରେ ପରାଜିତ ହୋଇଥିଲେ। ଏହାପରେ ସେ ୨୦୧୮ ମସିହାରେ ତେଲଙ୍ଗାନା କଂଗ୍ରେସର କାର୍ଯ୍ୟକାରୀ ଅଧ୍ୟକ୍ଷ ହୋଇଥିଲେ।

ଉପହାର ଗ୍ରହଣ କରିବାକୁ ପିନ୍ଧିଲେ କ୍ୟୁଆର କୋଡ୍

ନୂଆଦିଲ୍ଲୀ,୩୧।୧୦: କେରଳରଏକ ବାହାଘରରେ ଜଣେ କନ୍ୟାପିତା ଉଭୟ ବୌଦ୍ଧିକ ଜ୍ଞାନ ଓ ପରଂପରାକୁ ଏକ ସୂତ୍ରରେ ବାନ୍ଧି ନୂଆ କାମ କରି ଦେଖାଇଛନ୍ତି। ଯାହା ବର୍ତ୍ତମାନ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡି ଭିଡିଓ ଭାବେ ଟ୍ରେଣ୍ଡ କରିବାରେ ଲାଗିଛି। ଉକ୍ତ ଭିଡିଓରେ କନ୍ୟାପିତା ଜଣକ ନିଜ ପକେଟରେ ଏକ କ୍ୟୁଆର କୋଡ୍ ଝୁଲାଇ ଅତିଥିମାନଙ୍କୁ ସ୍ୱାଗତ କରୁଥିବା ଦେଖିବାକୁ ମିଳିଛି। ଯାହାଦ୍ୱାରା ଲୋକମାନେ ସିଧାସଳଖ ତାଙ୍କୁ ଏହି କ୍ୟୁଆର କୋଡ ଜରିଆରେ ଉପହାର ପ୍ରଦାନ କରିପାରିବେ। ଯାହାଫଳରେ ଅତିଥିମାନେ ତାଙ୍କୁ ଗିଫ୍ଟ କିମ୍ବା ଖାମ ଦେବା ବଦଳରେ ସିଧାସଳଖ ଡିଜିଟାଲ୍ ପେମେଣ୍ଟ କରିଥିଲେ।

ବିହାର ନିର୍ବାଚନ ପୂର୍ବରୁ ଏନ୍‌ଡିଏର ବଡ଼ ଘୋଷଣା

୧ କୋଟି ସରକାରୀ ଚାକିରି, ୧ କୋଟି ଲକ୍ଷପତି ଦିଦି

ପାଟନା,୩୧।୧୦: ବିହାର ବିଧାନସଭା ନିର୍ବାଚନ ୨୦୨୫ର ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣର ଏକ ସପ୍ତାହ ପୂର୍ବରୁ ନ୍ୟାଶନାଲ୍ ଡେମୋକ୍ରାଟିକ୍ ଆଲାଇନ୍ସ (ଏନ୍‌ଡିଏ) ନିଜର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛି। ପ୍ରବାସୀ ଶ୍ରମିକଙ୍କ ବିଶାଳ ସଂଖ୍ୟା ପାଇଁ ପରିଚିତ ରାଜ୍ୟରେ ଏନ୍‌ଡିଏ ୧ କୋଟି ସରକାରୀ ଚାକିରି ଦେବାର ମେଗା ପ୍ରତିଶ୍ରୁତି ଦେଇଛି।

ମହିଳା ସଶକ୍ତିକରଣ ପାଇଁ ଆଉ ଏକ ବଡ଼ ଘୋଷଣା କରି ୧ କୋଟି 'ଲକ୍ଷପତି ଦିଦି' ଗଢ଼ିବେ, ଯାହାଫଳରେ ମହିଳାମାନେ ବାର୍ଷିକ ୧ ଲକ୍ଷ ଟଙ୍କା ରୋଜଗାର କରିପାରିବେ। ରୋଜଗାର ସୃଷ୍ଟିକୁ ପ୍ରାଧାନ୍ୟ ଦେଇ ଏନ୍‌ଡିଏ ପୁନର୍ବାର ନିର୍ବାଚିତ ହେଲେ କୌଶଳ ଆଧାରିତ ରୋଜଗାର ପାଇଁ ରାଜ୍ୟବ୍ୟାପୀ କୌଶଳ ସେନ୍ସସ୍ କରିବେ ଏବଂ ପ୍ରତ୍ୟେକ ଜିଲାରେ ମେଗା ଲର୍ଣ୍ଣିଂ ସେଣ୍ଟର୍ ସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

ରାଜସ୍ଥାନରେ ଲାଗୁହେଲା ଧର୍ମାନ୍ତରୀକରଣ ବିରୋଧୀ ଆଇନ

ଜୟପୁର,୩୧।୧୦ : ଗତ ମାସରେ ରାଜସ୍ଥାନ ବିଧାନସଭା ଦ୍ୱାରା ଗୃହୀତ ଧର୍ମାନ୍ତରୀକରଣ ବିରୋଧୀ ଆଇନ ଆଜିଠାରୁ କାର୍ଯ୍ୟକାରୀ ହୋଇଛି। ରାଜ୍ୟ ସରକାରଙ୍କ ଗୃହ ବିଭାଗ ନୂତନ ଧର୍ମାନ୍ତରୀକରଣ ଆଇନର ଏକ ଗେଜେଟ୍ ବିଜ୍ଞପ୍ତି ଜାରି କରିଛି। ଏହି ବିଜ୍ଞପ୍ତି ପରେ, ଧର୍ମାନ୍ତରୀକରଣ ସହିତ ଜଡିତ ମାମଲାଗୁଡ଼ିକ ଏବେ ନୂତନ ଆଇନ ଅନୁଯାୟୀ ପଞ୍ଜୀକୃତ ହେବ। ଆଜିଠାରୁ କାର୍ଯ୍ୟକାରୀ ହୋଇଥିବା ଏହି ଆଇନ ଅନୁଯାୟୀ, ସ୍ୱେଚ୍ଛାକୃତ ଧର୍ମାନ୍ତରୀକରଣ ପାଇଁ ମଧ୍ୟ ପୂର୍ବରୁ ସରକାରୀ ଅନୁମୋଦନ ଆବଶ୍ୟକ ହେବ। ତଥାପି, ଏହି ଆଇନ ସେମାନଙ୍କର ମୂଳ ଧର୍ମ, ହିନ୍ଦୁ ଧର୍ମକୁ ଫେରିବା ଲୋକଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ।

ବ୍ୟାପକ ବିରୋଧୀ ହଙ୍ଗାମା ମଧ୍ୟରେ ଚଳିତ ବର୍ଷ ସେପ୍ଟେମ୍ବର ୯ ତାରିଖରେ ରାଜସ୍ଥାନ ବିଧାନସଭାରେ ଧର୍ମାନ୍ତରୀକରଣ ବିରୋଧୀ ବିଲ୍ (ରାଜସ୍ଥାନ ବେଆଇନ ଧାର୍ମିକ ଧର୍ମାନ୍ତରୀକରଣ ନିଷେଧ ବିଲ୍ ୨୦୨୫) ଭଏସ୍ ଭୋଟ୍ ଦ୍ୱାରା ଗୃହୀତ ହୋଇଥିଲା। ଏଥିରେ ଅନେକ କଠୋର ବ୍ୟବସ୍ଥା ଅଛି। ଯେଉଁ କୋଠରେ ଗଣ ଧର୍ମାନ୍ତରୀକରଣ ହେଉଥିବ ତାହାକୁ ବୁଲଡୋଜର ସାହାଯ୍ୟରେ ଭାଙ୍ଗି ଦିଆଯାଇପାରିବ। ଏହି ଆଇନ ମୂଳ ଧର୍ମକୁ ଫେରିବା ମାମଲାରେ ପ୍ରଯୁଜ୍ୟ ହେବନାହିଁ। ଅର୍ଥାତ୍, ଯଦି କାହାର ପୂର୍ବପୁରୁଷ ସନାତନୀ ଥିଲେ ଏବଂ ସେମାନେ ଅନେକ ପିଢ଼ି ଧରି ଅନ୍ୟ ଧର୍ମ ପାଳନ କରିଆସୁଛନ୍ତି, ତେବେ ଏହାକୁ ଗୃହପ୍ରତ୍ୟାବର୍ତ୍ତନ ବୋଲି ବିବେଚନା କରାଯିବ।

ଖଣିଜ ଚୁମ୍ବକ ଆମଦାନୀ ପାଇଁ ଭାରତୀୟ କମ୍ପାନୀକୁ ଲାଇସେନ୍ସ ଦେଲା ଚୀନ

ନୂଆଦିଲ୍ଲୀ,୩୧।୧୦: ରେୟାର ଆର୍ଥ ମ୍ୟାଟେରିଆଲ୍ ଆମଦାନୀ ପାଇଁ ଭାରତୀୟ କମ୍ପାନୀକୁ ଲାଇସେନ୍ସ ଦେଲା ଚୀନ। ଏନେଇ ଗୁରୁବାର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଆମେରିକା ସହିତ ସମ୍ପର୍କରେ ସୁଧାର ଆସିବା ପରେ ଚୀନ ଭାରତକୁ ଲାଇସେନ୍ସ ଦେଇଛି ବୋଲି କୁହାଯାଉଛି। ସାପ୍ତାହିକ ସାମ୍ବାଦିକ ସମ୍ମିଳନୀ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, "କିଛି ଭାରତୀୟ କମ୍ପାନୀ ଚୀନରୁ ବିରଳ ଖଣିଜ ଚୁମ୍ବକ ଆମଦାନୀ କରିବା ପାଇଁ ଲାଇସେନ୍ସ ପାଇଛନ୍ତି। ଏବେ ଆମକୁ ଏହା ଦେଖିବାକୁ ପଡିବ ଯେ ଆମେରିକା ଏବଂ ଚୀନ ମଧ୍ୟରେ ହେଉଥିବା ଆଲୋଚନା ଆମ କ୍ଷେତ୍ରରେ କିପରି ପ୍ରଭାବ ପକାଇବ।" ଗୁରୁବାର ଦିନ ଆମେରିକା ଏବଂ ଚୀନ୍ ମଧ୍ୟରେ ଆଲୋଚନା ହେବା ଓ ପରସ୍ପର ମଧ୍ୟରେ ବାଣିଜ୍ୟ ଯୁଦ୍ଧ ରୋକିବା ଦିଗରେ ରାଜି ହେବା ପରେ ବୈଦେଶିକ ମନ୍ତ୍ରଣାଳୟ ଏହି ସୂଚନା ଦେଇଛି। ଆଲୋଚନାରେ ୱାଶିଂଟନ୍ ଚୀନ ବିରୁଦ୍ଧରେ ଲାଗୁ କରିଥିବା କିଛି ଶୁଳ୍କ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଏପଟେ ଚୀନ ମଧ୍ୟ ଆମେରିକାକୁ ଗୁରୁତ୍ୱପୂର୍ଣ୍ଣ ବିରଳ ପୃଥିବୀ ଚୁମ୍ବକ ଯୋଗାଣ ଜାରି ରଖିବାକୁ ପ୍ରତିଶ୍ରୁତି ଦେଇଛି। ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହେବା ପରେ ଟ୍ରମ୍ପ ଏହି ସାକ୍ଷାତକୁ ବଡ଼ ସଫଳତା ବୋଲି କହିଛନ୍ତି। ବୁସାନରେ ଆଲୋଚନା ପରେ ଟ୍ରମ୍ପ ଏହାକୁ ଏକ ଆଶ୍ଚର୍ଯ୍ୟଜନକ ସାକ୍ଷାତକାର ଥିଲା ବୋଲି କହିଥିଲେ। ଏଥିସହିତ ସେ ଜିନପିଙ୍ଗଙ୍କୁ ଏକ ଅତ୍ୟନ୍ତ ଶକ୍ତିଶାଳୀ ଦେଶର ମହାନ ନେତା ବୋଲି କହି ପ୍ରଶଂସା କରିଥିଲେ।

● ବ୍ରିଟେନ ରାଜ ପରିବାର ତେଜିଲା ବିବାଦ

ରାଜକୀୟ ପଦବୀ ହରାଇଲେ ପ୍ରିନ୍ସ ଆଣ୍ଡ୍ରିଉ

ଲଣ୍ଡନ, ୩୧।୧୦: ବ୍ରିଟେନ ରାଜ ପରିବାରରେ ବିବାଦ ତେଜିଲା। ରାଜକୀୟ ପଦବୀ ହରାଇଲେ ପ୍ରିନ୍ସ ଆଣ୍ଡ୍ରିଉ। ବାସଭବନରୁ ତାଙ୍କୁ ବେଦଖଲ କରାଯାଇଛି। ବକିଙ୍ଗହାମ ପ୍ୟାଲେସ୍ ଏ ନେଇ ଘୋଷଣା କରିଛି। କିଙ୍ଗ୍ ଚାର୍ଲସ୍ ତୃତୀୟ ତାଙ୍କ ସାନଭାଇ ପ୍ରିନ୍ସ ଆଣ୍ଡ୍ରିଉଙ୍କ ରାଜକୀୟ ଉପାଧି ଓ ସମ୍ମାନକୁ ପ୍ରତ୍ୟାହାର କରିବା ପାଇଁ ଆନୁଷ୍ଠାନିକ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରିନ୍ସ ଆଣ୍ଡ୍ରିଉଙ୍କ 'ପ୍ରିନ୍ସ' ଉପାଧି ମଧ୍ୟ ରଦ୍ଦ କରାଯାଇଛି। ଯାହା ସେ ସ୍ୱର୍ଗତା ମହାରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ପୁଅ ଭାବରେ ଜନ୍ମରୁ ଧାରଣ କରିଥିଲେ। ଆଣ୍ଡ୍ରିଉ ବର୍ତ୍ତମାନ କେବଳ ଆଣ୍ଡ୍ରିଉ ମାଉଣ୍ଟବାଟେନ୍ ୱିଣ୍ଡସର ଭାବରେ ପରିଚିତ ହେବେ। ଏହା ବ୍ୟତୀତ, ତାଙ୍କୁ ୱିଣ୍ଡସର ଗ୍ରେଟ୍ ପାର୍କରେ ଥିବା ତାଙ୍କର ଦୀର୍ଘ ଦିନର ବାସଭବନ ରୟାଲ୍ ଲଜରୁ ମଧ୍ୟ ତାଙ୍କୁ ବେଦଖଲ କରାଯାଇଛି। ଏବେ ସେ ତାଙ୍କ ଲିଜ୍ ବା ନିଜସ୍ୱ ଅଧିକାର ସମର୍ପଣ କରିବାକୁ ବାଧ୍ୟ ହେବେ। ସେ ବର୍ତ୍ତମାନ ଇଂଲଣ୍ଡର ନରଫୋକରେ ଥିବା ସାଣ୍ଡ୍ରିଙ୍ଗହାମ ଇଷ୍ଟେଟରେ ଏକ ଘରୋଇ ଆବାସକୁ ସ୍ଥାନାନ୍ତରିତ ହେବେ। ଏହା ଆଧୁନିକ ଇତିହାସରେ ରାଜପଦ ତ୍ୟାଗ କିମ୍ବା ନିର୍ବାସନ ବ୍ୟତୀତ ଜଣେ ବରିଷ୍ଠ ରାଜକୀୟ ବ୍ୟକ୍ତିଙ୍କ ବିରୁଦ୍ଧରେ ନିଆଯାଇଥିବା ସବୁଠାରୁ କଠୋର କାର୍ଯ୍ୟାନୁଷ୍ଠାନ ମଧ୍ୟରୁ ଅନ୍ୟତମ। ଏହି ନିଷ୍ପତ୍ତି ପୂର୍ବରୁ ସାଧାରଣ ଏବଂ ରାଜନୈତିକ ଚାପ ବଢ଼ିବାରେ ଲାଗିଥିଲା। ଯୌନ ଅପରାଧୀ ଜେଫ୍ରି ଏପଷ୍ଟାଇନଙ୍କ ସହ ସଂପର୍କ ଆଣ୍ଡ୍ରିଉଙ୍କୁ ମହଙ୍gା ପଡ଼ିଛି । ଆଣ୍ଡ୍ରିଉ କ୍ରମାଗତ ଭାବରେ ସମସ୍ତ ଭୁଲ୍ କାର୍ଯ୍ୟକୁ ଅସ୍ୱୀକାର କରିବାରୁ ଏହି ପଦକ୍ଷେପ ନେଇଛନ୍ତି କିଙ୍ଗ ଚାର୍ଲସ ତୃତୀୟ।

କାନାଡ଼ାରେ ଭାରତୀୟ ବ୍ୟବସାୟୀଙ୍କୁ ହତ୍ୟା

ନୂଆଦିଲ୍ଲୀ ୩୧।୧୦: କାନାଡାରେ ଜଣେ ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ ଆରବି ସିଂ (୫୫)ଙ୍କୁ ପିଟିପିଟି ହତ୍ୟା କରାଯାଇଛି। ପୁଲିସ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ୫ ଦିନ ଧରି ଚିକିତ୍ସିତ ହେବା ପରେ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ରିପୋର୍ଟ ଅନୁଯାୟୀ ଆରବି ତାଙ୍କ ପ୍ରେମିକାଙ୍କ ସହ ରାତିରେ ଖାଇସାରି ନିଜ ଗାଡ଼ି ପାଖକୁ ଫେରୁଥିଲେ। ସେହି ସମୟରେ ଜଣେ ବ୍ୟକ୍ତି ତାଙ୍କ କାର୍ ଉପରେ ପରିସ୍ରା କରୁଥିବାର ଦେଖିଥିଲେ। ଆରବି ତାଙ୍କୁ ଅଟକାଇବାରୁ ବ୍ୟକ୍ତି ଜଣକ ତାଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ଗଭୀର ଆଘାତ ଲାଗିବା ପରେ ଆରବି ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ତାଙ୍କ ପ୍ରେମିକ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।

ଭିଏତନାମରେ ବନ୍ୟା ତାଣ୍ଡବ, ୧୫ ମୃତ

ହୋନାଇ,୩୧।୧୦ : ଭିଏତନାମରେ ପ୍ରବଳ ବର୍ଷା ହେଉଛି। ଯାହା ଏବେ ଭିଏତନାମର କେତେକ ଅଞ୍ଚଳରେ ବନ୍ୟା ସୃଷ୍ଟି କରିଛି। ପ୍ରବଳ ବର୍ଷା ଯୋଗୁଁ ବନ୍ୟାରେ ୧୫ ଜଣଙ୍କର ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ଭିଏତନାମରେ ପ୍ରବଳ ବର୍ଷା ଯୋଗୁଁ ଲୋକମାନେ ବହୁ ସମସ୍ୟାର ସମ୍ମୁଖୀନ କରୁଛନ୍ତି। ଏଥିସହ ୩୪ ଜଣ ଆହତ ଥିଲାବେଳେ ୧୧ ଜଣ ନିଖୋଜ ରହିଥିବା ଭିଏତନାମାର ଡ୍ୟାମର ପରିଚାଳନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଆହତମାନଙ୍କୁ ସେମାନଙ୍କ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହା ବ୍ୟତୀତ ନିଖୋଜମାନଙ୍କ ସନ୍ଧାନ ମଧ୍ୟ କରାଯାଉଛି। କିନ୍ତୁ ଖରାପ ପାଗ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି କରୁଛି। ଅନ୍ୟପଟେ ଭିଏତନାମର ବନ୍ୟା ପ୍ରଭାବିତ ଅଞ୍ଚଳରେ ଦେଢ଼ଲକ୍ଷରୁ ଅଧିକ ଘର ବୁଡି ଯାଇଛି। ବନ୍ୟା ୪,୯୦୦ ହେକ୍ଟର ଫସଲକୁ କ୍ଷତିଗ୍ରସ୍ତ କରିଛି। ଏହା ବ୍ୟତୀତ ବନ୍ୟା କାରଣରୁ ବିଦ୍ୟୁତ୍ ସେବା ୪ଟି ପ୍ରଦେଶ ଏବଂ ସହରରେ

ମେଲବୋର୍ଣ୍ଣରେ ଭାରତ ଚିତପଟାଙ୍ଗ

୧-୦ରେ ଅଷ୍ଟ୍ରେଲିଆ ସିରିଜ ଆଗୁଆ

ମେଲବୋର୍ନ,୩୧।୧୦: ଆସନ୍ତା ବର୍ଷ ଟି-୨୦ ବିଶ୍ୱକପ ପୂର୍ବରୁ ଭାରତୀୟ ଦଳ ଏକ କଡ଼ା ଶିକ୍ଷା ପାଇଛି। ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚରେ, ଟିମ ଇଣ୍ଡିଆ ମେଲବୋର୍ଣ୍ଣରେ ଅଷ୍ଟ୍ରେଲିଆ ହାତରୁ ୪ ଉଇକେଟରେ ପରାଜୟ ବରଣ କରିଛି। ଭାରତ ବ୍ୟାଟିଂ କ୍ରମରେ ଅନାବଶ୍ୟକ ପରିବର୍ତ୍ତନ ଦଣ୍ଡନୀୟ ହୋଇଥିଲା। କାରଣ ପ୍ରଥମେ ବ୍ୟାଟିଂ କରୁଥିବା ସମୟରେ ମାତ୍ର ୧୨୫ରନରେ ଭାରତ ଅଲଆଉଟ ହୋଇଯାଇଥିଲା। ଅଷ୍ଟ୍ରେଲୀୟ ପେସର୍ ଜୋଶ ହାଜେଲଉଡ ଗୋଟିଏ ଷ୍ପେଲରେ ଭାରତୀୟ ଶୀର୍ଷ କ୍ରମକୁ ଭାଙ୍ଗି ଦେଇଥିଲେ। ଅଷ୍ଟ୍ରେଲିଆ ତା'ପରେ ଅଧିନାୟକ ମିଚେଲ ମାର୍ଶଙ୍କ ଏକ ଧମାକାଦାର ଇନିଂସ ପାଇଁ ୪୦ ବଲ ପୂର୍ବରୁ ଲକ୍ଷ୍ୟ ହାସଲ କରିଥିଲା।

ଅଷ୍ଟ୍ରେଲିଆ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ୧୮.୪ ଓଭରରେ ଭାରତକୁ ୧୨୫ ରନ୍‌ରେ ଅଲଆଉଟ କରିଥିଲା। ଭାରତର ଆରମ୍ଭ ଖରାପ ଥିଲା। ୫୦ ରନ୍‌ରେ ଦଳ ୫ଟି ଉଇକେଟ ହରାଇଥିଲା। ଅଭିଷେକ ଶର୍ମା ଏବଂ ହର୍ଷିତ ରାଣା ଅର୍ଦ୍ଧଶତକୀୟ ଭାଗୀଦାରୀ କରି ଭାରତକୁ ୧୨୦ ରନ ଅତିକ୍ରମ କରିବାରେ ସାହାଯ୍ୟ କରିଥିଲା। ଅଭିଷେକ ଶର୍ମା ଏକାକୀ ୬୮ ରନ କରିଥିଲେ। ସପ୍ତମ ନମ୍ବରରେ ବ୍ୟାଟିଂ କରୁଥିବା ହର୍ଷିତ ରାଣା ଟିମ ଇଣ୍ଡିଆ ପାଇଁ ଦ୍ୱିତୀୟ ସର୍ବାଧିକ ସ୍କୋର କରିଥିଲେ, ଗୁରୁତ୍ୱପୂର୍ଣ୍ଣ ୩୫ ରନ କରିଥିଲେ। ଅଭିଷେକ ଏବଂ ହର୍ଷିତଙ୍କ ବ୍ୟତୀତ ଅନ୍ୟ କୌଣସି ଭାରତୀୟ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନଥିଲେ।

ଭାରତୀୟ ଦଳର ଆରମ୍ଭ ଖରାପ ଥିଲା। ତୃତୀୟ ଓଭରରେ ଶୁବମନ ଗିଲ ୫ ରନ କରି ଆଉଟ ହୋଇଥିଲେ। ଦଳ ପରିଚାଳନା ମଧ୍ୟ ବ୍ୟାଟିଂ କ୍ରମ ପରିବର୍ତ୍ତନ କରି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ପାଇଁ ପରିସ୍ଥିତିକୁ ଟିକେ କଷ୍ଟକର କରିଦେଇଥିଲା। ଅଧିନାୟକ ସୂର୍ଯ୍ୟକୁମାର ସାଧାରଣତଃ ୩ ନମ୍ବରରେ ବ୍ୟାଟିଂ କରନ୍ତି, କିନ୍ତୁ ସେ ଚତୁର୍ଥ ନମ୍ବରରେ ଆସିଥିଲେ। ସେହିପରି ସଞ୍ଜୁ ସାମସନଙ୍କୁ ତୃତୀୟ ନମ୍ବରକୁ ପଦୋନ୍ନତି ଦିଆଯାଇଥିଲା। ସୂର୍ଯ୍ୟ ଏବଂ ସାମସନ ଯଥାକ୍ରମେ ୧ ଏବଂ ୨ ରନ କରି ଆଉଟ ହୋଇଥିଲେ।

ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ

କନ୍ଧମାଳ, ୩୧।୧୦(ସଂଚାର ବ୍ୟୁରୋ): ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଏକ ୮ ବର୍ଷର ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ମାମଲାର ୧୯ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ ଓ ପୀଡ଼ିତାଙ୍କ ବୟାନ ଆଧାରରେ ବିଚାର କରି ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ଜିତୁ ପ୍ରଧାନ (୨୦) କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୨ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ତାକୁ ଆଉ ଅଧିକ ୧ ବର୍ଷ ୩ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତରଫରୁ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟ ର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

● ପୀତବାସ ପଣ୍ଡା ହତ୍ୟା ମାମଲା

ମୋକଦ୍ଦମା ଲଢ଼ିବାକୁ ହାଇକୋର୍ଟର ଓକିଲ ନିଯୁକ୍ତି ପାଇଁ ଚିଠି

ଗଞ୍ଜାମ,୩୧।୧୦(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲା ମୋକଦ୍ଦମା ଲଢ଼ିବାକୁ ବ୍ରହ୍ମପୁର ଏସ୍‌ପି ଡକ୍ଟ ରସରଣା ବିବେକ ଏମ୍ ଓଡ଼ିଶା ଡିଜିଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ଏହା ଏକ ସମ୍ବେଦନଶୀଳ ମକଦ୍ଦମା ହୋଇଥିବାରୁ ଏବଂ ହତ୍ୟା ଅଭିଯୁକ୍ତ ବିକ୍ରମପଣ୍ଡା ଓ ଅନ୍ୟ ସହଯୋଗୀଙ୍କ ପାଇଁ ବ୍ରହ୍ମପୁରର ୫୦ରୁ ଉର୍ଦ୍ଧ୍ୱ ଆଇନଜୀବୀ ମୋକଦ୍ଦମା ଲଢୁଥିବାରୁ ଏହାକୁ ପ୍ରତିହତକରିବା ପାଇଁ ହାଇକୋର୍ଟର ଦୁଇଜଣ ବରିଷ୍ଠ ଓକିଲ ଅବିନାଶ ପାଢ଼ି ଓ କାଳୀଚରଣ ପାଢ଼ୀଙ୍କୁ ନିଯୁକ୍ତି କରିବାକୁ ଏସପି ପତ୍ର ଲେଖିଛନ୍ତି।

ଉଠାଦୋକାନୀଙ୍କୁ ଉଚ୍ଛେଦ କଲା ପୌରପାଳିକା

ଜୟପୁର,୩୧।୧୦(ସଂଚାର ବ୍ୟୁରୋ): ଜୟପୁର ମୁଖ୍ୟ ରାସ୍ତାର ପୋଲିସ ଫାଣ୍ଡି ସମ୍ମୁଖରେ ଓ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ରାସ୍ତା ଅବରୋଧ କରି ଉଠା ଦୋକାନୀ ବସିଥିବା ବେଳେ ତାହାକୁ ଉଚ୍ଛେଦ କରାଯାଇଛି। ଜୟପୁର ଉପ ଜିଲାପାଳ ତଥା ପୌର କାଯ୍ୟନିବାହୀ ଅଧିକାରୀ ଆକା ବରମ ଶଶ୍ୟା ରେଡ୍ଡିଙ୍କ ନିର୍ଦ୍ଦେଶ କ୍ରମେ ପୌର ପାଳିକା ଉଚ୍ଛେଦ କରିଛି। ଅମିନ ଶୁଭସ୍ମିତା ଜେନା, ପରିମଳ ନିରିକ୍ଷକ ଭୁବୁନି ହାଲବା ଓ ସତ୍ୟ ନାରାୟଣ ପାତ୍ର, ଟାଉନ ପୋଲିସ ଉଚ୍ଛେଦ କରିଥିଲେ।

● ରାଜ୍ୟ ଭାରୋତ୍ତୋଳ ପ୍ରତିଯୋଗିତା

ବଲାଙ୍ଗିର ଝିଅ ସୁନୈନାଙ୍କୁ ରୌପ୍ୟ ପଦକ

ବଲାଙ୍ଗିର, ୩୧।୧୦(ସଂଚାର ବ୍ୟୁରୋ): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଯାଇଥିବା ୭୨ତମ ଓଡ଼ିଶା ରାଜ୍ୟ ଭାରୋତ୍ତୋଳ ପ୍ରତିଯୋଗିତାରେ ବଲାଙ୍ଗିର ଝିଅ ସୁନେନା ବେହେରାଙ୍କୁ ରୌପ୍ୟ ପଦକ ମିଳିଛି। ଗତ ୨୮ ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ସୁନୈନା ବେହେରା ବଲାଙ୍ଗିର ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସେ ୮୮ କେଜି ବର୍ଗରେ ସୁନ୍ଦର ପ୍ରଦର୍ଶନ କରି ସ୍ନାଚ ଓ କ୍ଲିନ ଜାର୍କ ରେ ୧୦୯ କେଜି ଭାରଉତ୍ତୋଳନ କରି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।

କାର୍ କାଚ ଭାଙ୍ଗି ଲୁଟିନେଲେ ଦୁଇଲକ୍ଷ

ବାରିପଦା,୩୧।୧୦(ସଂଚାର ବ୍ୟୁରୋ): ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଟାଉନଥାନା ଅନ୍ତର୍ଗତ ବାଇଦାପୋଷୀ ଗ୍ରାମର କାଲେଶ୍ୱର ହାଁସଦା ଆଜି ପୂର୍ବାହ୍ନ ୧୧ ଘଟିକା ରେ ଘରର ଆବଶ୍ୟକତା ପାଇଁ ରାଇରଙ୍ଗପୁର ଷ୍ଟେଟ ବ୍ୟାଙ୍କରୁ ଦୁଇ ଲକ୍ଷ ଟଙ୍କା ଉଠାଣ କରି ବଜାରକୁ ମାର୍କେଟିଂ ପାଇଁ ଯାଇଥିଲେ ।ବଜାରର ବାଟିକା ଲୁଗାଦୋକାନ ଏବଂ ବିଦେଶୀ ଠିପି ଖୋଲା ମଦ ଦୋକାନ ନିକଟରେ କାର ଟିକୁ ରଖି ଲକ କରି ନିକଟସ୍ଥ ଦୋକାନକୁ ମାର୍କେଟିଂ କରିବା ପାଇଁ ନିଜ ପରିବାର ସହିତ ଯାଇଥିଲେ । କିଛି ସମୟ ପରେ ଆସି ଦେଖନ୍ତି ତ କାର କାଚ ଭାଙ୍ଗି ଟଙ୍କା ଥଳି ଲୁଟ ହୋଇଯାଇଛି । ତାଙ୍କର ହୋସ ଉଡିଗଲା । ମନଦୁଖରେ ସପରିବାର ରାଇରଙ୍ଗପୁର ଟାଉନ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ ।ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିବା ସହ ନିକଟସ୍ଥ ସିସିକେମେରା ଚେକ୍ କରିବା ସହିତ ତଦନ୍ତ ଜାରି ରଖିଅଛି ।

ପବିତ୍ର ଅଁଳା ନବମୀରେ ଶ୍ରୀରାଧାଙ୍କ ପାଦ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

ସାକ୍ଷିଗୋପାଳ, ୩୧।୧୦ (ସଂଚାର ବ୍ୟୁରୋ): ପବିତ୍ର କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ନବମୀ ତିଥି ତଥା ଅଁଳା ନବମୀରେ ରାଜ୍ୟର ଅନ୍ୟତମ ପ୍ରମୁଖ ବୈଷ୍ଣବ କ୍ଷେତ୍ର ପୁରୀ ଜିଲ୍ଲାର ସାକ୍ଷିଗୋପାଳ ମନ୍ଦିରରେ ଶ୍ରୀରାଧାଙ୍କ ପାଦ ଦର୍ଶନ ଅନୁଷ୍ଠିତ ହୋଇଛି। ଏହି ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁ ପହଞ୍ଚିଛନ୍ତି।

ଏହି ପବିତ୍ର ତିଥିରେ ଭକ୍ତମାନେ ଶ୍ରୀକୃଷ୍ଣଙ୍କ ନଟବର ବେଶ ଓ ଶ୍ରୀରାଧାଙ୍କ ଓଡ଼ିଆଣୀ ବେଶ ଦର୍ଶନ କରିବା ସହ ମା'ଙ୍କ ପାଦଦର୍ଶନର ସୁଯୋଗ ପାଇଛନ୍ତି। ଏହି ଉପଲକ୍ଷେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସିଂହଦ୍ୱାର ସମ୍ମୁଖରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ଭୋର୍ ୫ଟା ଠାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତ ମାନେ ବ୍ୟାରିକେଡ୍ ଦେଇ ଯାଇ ସିଂହଦ୍ୱାରରେ ପ୍ରବେଶ ପୂର୍ବକ ଦର୍ଶନ ଓ ବେଢ଼ା ପରିକ୍ରମା କରି ଉତର ଦ୍ୱାରରେ ପ୍ରସ୍ଥାନ କରିଥିଲେ। ସେହିପରି ଭିଆଇପି ପାସ୍ ଧାରୀ ମାନେ ଦକ୍ଷିଣ ଦ୍ୱାରରେ ପ୍ରବେଶ ପୂର୍ବକ ଦର୍ଶନ ଓ ବେଢ଼ା ପରିକ୍ରମା କରି ଉତର ଦ୍ୱାରରେ ପ୍ରସ୍ଥାନ କରିଥିଲେ। ଏହି ପବିତ୍ର ତିଥିରେ ଶ୍ରୀକୃଷ୍ଣଙ୍କ ନଟବର ବେଶ ଓ ଶ୍ରୀରାଧାଙ୍କ ଓଡ଼ିଆଣୀ ବେଶ ଦର୍ଶନ କଲେ କୋଟି ଜନ୍ମର ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି।

ପୁଲିସ ପକ୍ଷରୁ କୁହା ଯାଇଛି ଯେ, ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେନେଇ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା। ଭକ୍ତଙ୍କ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାରିକେଡ୍ ଏବଂ ସିସିଟିଭି ବ୍ୟବସ୍ଥା କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ମନ୍ଦିର ଭିତରେ ଓ ବାହାରେ ୨୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ୩ ଜଣ ଅତିରିକ୍ତ ଏସପି, ୧୧ ଜଣ ଡିଏସପି, ୧୬ ଜଣ ଆଇଆଇସି, ୭୦ ଜଣ ଏସଆଇ ଓ ଏଏସଆଇ, ୨୫୦ ଜଣ ହୋମଗାର୍ଡ଼ ଓ କ୍ୟୁକ୍ ଆକ୍ସନ ଟିମ୍ ମୁତୟନ ହୋଇଥିଲେ।

ଦଳିତ ପରିବାରକୁ କଙ୍ଗାରୁ କୋର୍ଟରେ ୧ ଲକ୍ଷ ଜରିମାନା

ନ୍ୟାୟ ପାଇଁ ଏସ୍‌ପି ଅଫିସ୍ ସମ୍ମୁଖରେ ଆମରଣ ଅନଶନ

ଭଦ୍ରକ,୩୧।୧୦(ସଂଚାର ବ୍ୟୁରୋ): ପୀରହାଟ ଥାନା ଅଧୀନ ତଳଦପା ଗ୍ରାମର ଏକ ପରିବାର କେତେକ ଖଳ ପ୍ରକୃତିର ଲୋକଙ୍କ ଚକ୍ରାନ୍ତର ଶିକାର ହୋଇ କଙ୍ଗାରୁ କୋର୍ଟ ଭଳି ଅଭାବନୀୟ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ମଧ୍ୟ ସ୍ଥାନୀୟ ପୁଲିସ୍ ଅସାମାଜିକ ଲୋକଙ୍କୁ ସମର୍ଥନ କରି କୌଣସି ପଦକ୍ଷେପ ଗ୍ରହଣ ନକରିବା ବିରୁଦ୍ଧରେ ଆଜି ପୀଡିତ ପରିବାର ପକ୍ଷରୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତଙ୍କୁ ଏହି ପରିବାର ପକ୍ଷରୁ ବିଷ୍ଣୁମୋହନ ମଳିକ ଦେଇଥିବା ଅଭିଯୋଗ ପତ୍ର ମୂଳେ ପୂର୍ବ ଶତ୍ରୁତାରୁ ତଳଦପା ଗ୍ରାମର କେତେକ ଖଳ ପ୍ରକୃତିର ବ୍ୟକ୍ତି ତାଙ୍କ ପରିବାରକୁ କଙ୍ଗାରୁ କୋର୍ଟ ଭଳି ପରିସ୍ଥିତିର ସମ୍ମୁଖୀନ କରାଇଛନ୍ତି। ଏପରିକି ବିଷ୍ଣୁ କରିଥିବା ଏକ ତେଜରାତି ଦୋକାନରୁ ଲୋକମାନେ ସଉଦାପତ୍ର କିଣିବାକୁ ବାରଣ କରିବା ସହ ଯିଏ କିଣିବ, ତାକୁ ଜରିମାନା ଦେବାକୁ ପଡ଼ିବ ବୋଲି ନିଷ୍ପତ୍ତି ଶୁଣାଇଛନ୍ତି। ବିଷ୍ଣୁଙ୍କ ପରିବାର ଏକଲକ୍ଷ ଟଙ୍କା ଦେଲେ ସେମାନଙ୍କ ଉପରେ ଲାଗିଥିବା ବାସନ୍ଦ ଭଳି କଟକଣା ଉଠାଇ ଦିଆଯିବ ବୋଲି କହିଥିଲେ। କିନ୍ତୁ ବିଷ୍ଣୁ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ଉକ୍ତ ଟଙ୍କା ନଦେବା ଫଳରେ ସେମାନେ ନିଆଁ ପାଣି ବନ୍ଦ କରିଥିଲେ। ଏପରିକି ସେମାନେ ବିଷ୍ଣୁଙ୍କ ପରିବାର ଏକ ଅନାବାଦୀ ଜମିରେ କରିଥିବା ପୋଖରୀରୁ ପାଣି ନେବାକୁ ବାରଣ କରିଥିଲେ। ଫଳରେ ତାଙ୍କ ପରିବାରର ଜୀବନ ଜୀବିକା କ୍ଷତିଗ୍ରସ୍ତ ହେବାରୁ ସେ ଏହି ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ହାବିଲଦାର ଟୁଡୁ ବାବୁ ଅପରପକ୍ଷଙ୍କୁ ନଡାକି ତାଙ୍କୁ ପ୍ରବଳ ମାଡ ମାରିଥିଲେ। ଥାନାଧିକାରୀ ମଧ୍ୟ ତାଙ୍କର ଅଭିଯୋଗ ପ୍ରତି କର୍ଣ୍ଣପାତ କରିନଥିଲେ। ଯେଉଁଥିପାଇଁ ସେ ନ୍ୟାୟ ପାଇଁ ଗତମାସ ୧୮ ତାରିଖରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଶରଣାପନ୍ନ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଫଳରେ ବାଧ୍ୟହୋଇ ସଂକ୍ଷୁବ୍ଧ ପରିବାର ଆଜି ପୂର୍ବ ଘୋଷଣା ମତେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିଲେ।

ପତ୍ନୀହନ୍ତାକୁ ୭ବର୍ଷ କାରାଦଣ୍ଡ

ବାରିପଦା, ୩୧।୧୦(ସଂଚାର ବ୍ୟୁରୋ): ବାରିପଦା ଅତିରିକ୍ତ ଜିଲ୍ଲା ଦୌରା ଜଜ (୨) ଏକ ପତ୍ନୀହନ୍ତା ସ୍ୱାମୀକୁ ଦୋଷୀ ସାବ୍ୟସ୍ତ କରାଇ ୭ ବର୍ଷ କାରାଦଣ୍ଡର ରାୟ ଦେଇଛନ୍ତି। ଅତିରିକ୍ତ ଜିଲ୍ଲା ଦୌରା ଜଜ (୨) ସୁମନ କୁମାର ମିଶ୍ର ଶୁକ୍ରବାର ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତକୁ ୭ବର୍ଷ କାରାଦଣ୍ଡ ଭୋଗ କରିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲା ବେତନଟୀ ଥାନା ଅନ୍ତର୍ଗତ ସିତୁଞ୍ଜି ଗ୍ରାମର ବାପି ବିନ୍ଧାଣି(୩୫)। ଅଭିଯୋଗ ଅନୁଯାୟୀ, ମଇନା କିସ୍କୁ ଆସାମୀ ବାପିଙ୍କୁ ଦ୍ୱିତୀୟ ବିବାହ କରି ବାରିପଦାରେ ରହୁଥିଲେ। ତେବେ କୌଣସି କାରଣ ପାଇଁ ତାଙ୍କର ବାରମ୍ବାର କଳହ ହେଉଥିଲା। ଯାହାକୁ ନେଇ ବାପି ସ୍ତ୍ରୀ ମଇନାକୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିଲା। ଗତ ୮/୦୨/୨୦୨୪ରେ ମଇନା ମୁଣ୍ଡ ବଥା ହେବାରୁ ସ୍ୱାମୀକୁ ହସ୍ପିଟାଲ ନେବାକୁ କହିଥିଲା। କିନ୍ତୁ ସେ ହସ୍ପିଟାଲ ନେବା ପରିବର୍ତେ ଗାଳିଗୁଲଜ କରିଥିଲେ। ରାତିରେ ସେ ଘର ବାହାରେ ଚା ପ୍ରସ୍ତୁତ କରୁଥିବା ବେଳେ ବାପି ଉତକ୍ଷିପ୍ତ ହୋଇ ତାଙ୍କୁ ଜୋର ଜବରଦସ୍ତ ଘର ଭିତରକୁ ଭିଡି ନେଇ ପିଟାମରା କରିଥିଲେ। ଉକ୍ତ ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା।

ବସ୍ ଭିତରେ ୪ ବର୍ଷର ନାବାଳିକାକୁ ଦୁଷ୍କର୍ମ ଘଟଣା

୨ ସେନା ଯବାନଙ୍କୁ ଆଜୀବନ ଜେଲ

ବ୍ରହ୍ମପୁର,୩୧।୧୦ (ସଂଚାର ବ୍ୟୁରୋ): ବସ ଭିତରେ ୪ ବର୍ଷର ନାବାଳିକାକୁ ଦୁଷ୍କର୍ମ ଘଟଣାରେ ଦୁଇ ଆର୍ମି ଯବାନଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଲେ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ। ଚଳିତ ବର୍ଷ ଜାନୁଆରୀ ମାସ ୩ ତାରିଖରେ ଗୋପାଳପୁର ଆର୍ମି ଏଡି କଲେଜର ବସ ଭିତରେ ଜଣେ ଆର୍ମି ମେଜରଙ୍କ ୪ ବର୍ଷର ଝିଅକୁ ଦୁଷ୍କର୍ମ ହୋଇଥିଲା। ଏନେଇ ନାବାଳିକା ଜଣକ ନିଜ ପରିବାରକୁ ଜଣାଇବା ପରେ ପରିବାର ଲୋକେ ଏନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ତଦନ୍ତ କରି ଆର୍ମି ଏଡି କଲେଜର ଦୁଇଜଣ ସେନା କର୍ମଚାରୀଙ୍କୁ ଗିରଫ କରିଥିଲା। ଗିରଫ ଦୁଇ ଅଭିଯୁକ୍ତ ହେଲେ ଭି.ଜୟଶ କୁମାର ଓ ହସେଲଦାର ମୁଣ୍ଡା। ଗିରଫ ପରେ ଗୋପାଳପୁର ଥାନା ପୁଲିସ ଉଭୟଙ୍କୁ କୋର୍ଟ ଚାଲାଣ କରିଥିଲା।

ମାମଲାକୁ ନେଇ ବ୍ରହ୍ମପୁର ପୋକ୍ସୋ କୋର୍ଟରେ ବିଚାରଣା ଆରମ୍ଭ ହୋଇଥିଲା। ୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଥିଲା। ଆଜି ଏହି ଦୁଇ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନା ଦେବାକୁ ରାୟ ଶୁଣାଇଛନ୍ତି। ଏହାସହ ପୀଡ଼ିତା ନାବାଳିକାଙ୍କ ପରିବାରକୁ ୧୦ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗର ୧୦ ମାସ ମଧ୍ୟରେ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ରାୟ ଶୁଣାଇଥିବା ନେଇ ସୂଚନା ଦେଇଛନ୍ତି କୋର୍ଟର ପବ୍ଲିକ ପ୍ରସିକ୍ୟୁଟର।

ବାରିପଦା ଜଗନ୍ନାଥ ମନ୍ଦିରରେ ଅଘଟଣ

ନୀଳଚକ୍ରରୁ ଉଡ଼ିଗଲା ପତିତପାବନ ନେତ

ମୟୁରଭଞ୍ଜ,୩୧।୧୦ (ସଂଚାର ବ୍ୟୁରୋ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରେ ଅଘଟଣ। ନୀଳଚକ୍ରରୁ ଉଡିଗଲା ପତିତପାବନ ନେତ। ବନ୍ଦ ହେଲା ସମସ୍ତ ନୀତିକାନ୍ତି। ଆଗକୁ କୌଣସି ବଡ଼ ବିପଦ ମାଡି ଆସୁଥିବା ଆଶଙ୍କାରେ ଏବେ ସବୁଠି ଚର୍ଚ୍ଚା। ନୀଳ ଆକାଶ ତଳେ ନୀଳଚକ୍ରରେ ଫର ଫର ହୋଇ ଉଡୁଥିବା ବାନା ହେଉଛି ପତିତପାବନ। ଆଉ ତା ସହିତ ଶୋଭା ବଢାଇ ଥାନ୍ତି ଏକାଧିକ ଛୋଟଛୋଟ ବାନା। ପତିତପାବନ ବାନାରେ ରହିଥାନ୍ତି ଚନ୍ଦ୍ର-ସୂର୍ଯ୍ୟ। କୁହାଯାଏ ଯଦି ନୀଳଚକ୍ରର ନେତକୁ ଦର୍ଶନ କରାଯାଏ ତେବେ କୋଟି ଜନ୍ମର ପୂଣ୍ୟ ପ୍ରାପ୍ତ ହୁଏ ଏବଂ ମହାବାହୁଙ୍କ ଦର୍ଶନ ସାର୍ଥକ ହୁଏ। ତେବେ ଆଜି ଏକ ପବିତ୍ର ଦିନ। ଅଁଳା ନବମୀରେ ନୀଳଚକ୍ରରୁ ନେତ ଉଡ଼ିଯିବା ଭଳି ଅଘଟଣକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି ଶ୍ରଦ୍ଧାଳୁଙ୍କ ଠାରୁ ସେବାୟତ ପର୍ଯ୍ୟନ୍ତ। ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ମନ୍ଦିରରେ ଏଭଳି ଅଘଟଣ ଘଟିଛି। ସେବାୟତମାନଙ୍କ ସଂଗୀନ ଅଭିଯୋଗ ହେଉଛି କି ମନ୍ଦିରରେ ବାରମ୍ବାର ମହାପ୍ରଭୁଙ୍କ ନୀତିକାନ୍ତି ବିଭ୍ରାଟ ଘଟୁଛି। ସେଥିପାଇଁ ଏଭଳି ଅଘଟଣ ଏକ ସଂକେତ। ଅମାପ ସମ୍ପତ୍ତିର ମାଲିକ ମହାପ୍ରଭୁ ପୁଣି ଅର୍ଥ ଅଭାବରୁ କେବେ କେବେ ତାଙ୍କୁ ଉପାସରେ ରହିବାକୁ ପଡୁଛି। ପାଉଣା ନପାଇ ପୂଜା ଓ ଭୋଗ ସାମଗ୍ରୀ ଯୋଗାଉ ନାହାନ୍ତି ଦୋକାନୀ। ଯାହାଫଳରେ ନୀତି ବିଭ୍ରାଟ ହେଉଛି। ଏହି ସବୁ ସମସ୍ୟା ପାଇଁ ଏବେ ନେତ ଉଡ଼ିଯିବା ଏକ ଆସନ୍ନ ବିପଦର ସୂଚନା ବୋଲି ମତ ପ୍ରକାଶ ପାଉଛି। ପ୍ରଭୁ

ଅଭିନବ ଉପାୟରେ ବିଦ୍ୟାଳୟରେ ବିଧାନସଭା

● ବିରୋଧୀ, ସରକାରଙ୍କ ନେଇ ଉପସ୍ଥାପନା ଆଲୋଚନା

କାକଟପୁର/ଅସ୍ତରଙ୍ଗ,୩୧।୧୦ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ମଞ୍ଜଳଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ପିଏମ ଶ୍ରୀ ଶ୍ରୀଜଗନ୍ନାଥ ନୋଡାଲ ବିଦ୍ୟାଳୟ, ବକ୍ତିଲୋରେ ବିଧାନସଭା କେଉଁଭଳି ଭାବରେ ପରିଚାଳନା କରାଯାଏ ତାହାକୁ ପିଲା ମାନଙ୍କ ମଧ୍ୟରେ ଶିକ୍ଷା ଦେବା ପାଇଁ ଅଭିନବ ଉପାୟରେ ଶୁକ୍ରବାର ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଛାତ୍ର ବିଧାନସଭା ଶୀତକାଳୀନ ଅଧିବେଶନ ପାଇଁ ବିଧାନସଭା ସଦସ୍ୟ ଗଠନ କରାଯାଇଥିଲା।

ଛାତ୍ର ବିଧାନସଭା ଶୀତକାଳୀନ ଅଧିବେଶନ ଶୁକ୍ରବାର ଦିନ ୧୧ଟା ବେଳେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଧାନସଭା କାର୍ଯ୍ୟସୂଚୀ ଅନୁସାରେ ପ୍ରଥମେ ଗୃହରେ ଦିବଙ୍ଗତଙ୍କ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ପରେ ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷା, ସ୍ୱାସ୍ଥ୍ୟ, ପଂଚାୟତରାଜ, ପରିବେଶ, ଗ୍ରାମ୍ୟ ଉନ୍ନୟନ, ଶ୍ରମ ରାଜ୍ୟ ବୀମା ବିଭାଗର ପ୍ରଶ୍ନକାଳ ରହିଥିଲା। କିଛି ସମୟ ଅଭିନୟ କରୁଥିବା ଛାତ୍ର, ଛାତ୍ରୀ ଗୃହକୁ ମୁଲତବି ରଖିଥିଲେ। ଅର୍ଥମନ୍ତ୍ରୀ ଗୃହରେ ଅତିରିକ୍ତ ବଜେଟ ଆଗତ କରିଥିଲେ। ଅନ୍ୟ ପଟେ ଶୀତକାଳୀନ ଅଧିବେଶନ ବିରୋଧୀ ଦଳ ସରକାରଙ୍କୁ ଘେରିବା ସହ ଯୋଜନା ସମ୍ପର୍କରେ ପ୍ରଶ୍ନ କରିଥିଲେ। ଶାସକ ଦଳ ବିରୋଧୀ ଙ୍କୁ ମୁକାବିଲା କରି କାଉଣ୍ଟର ରଣନୀତି କରିଥିଲେ। ଅଭିନୟ ମାଧ୍ୟମରେ ବିଧାନସଭାକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ଶେଷରେ ସବୁ ଦଳର ସହଯୋଗ ଲୋଡ଼ିଥିଲେ। ସଭା ପରିଶେଷରେ ଅଭିନୟ କରୁଥିବା କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ସହ ୪ଜଣ କୃତି ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଥିଲା।

ଗାଈଗୋରୁ ଚରିବାକୁ ଏବେ ଜାଗା ମିଳୁନି

ଜବରଦଖଲ ହୋଇଛି ଜିଲ୍ଲାର ୩୩୨ ଏକର ଗୋଚର ଜମି

ଯାଜପୁର,୩୧।୧୦ (ସଂଚାର ବ୍ୟୁରୋ): ଗାଈଗୋରୁ ଚରିବାକୁ ଆଉ ଖୋଲା ଜାଗା ମିଳୁନି। ଏଭଳି ଅଭିଯୋଗ ଏବେ ଜିଲ୍ଲାର ଅନେକ ଗ୍ରାମରୁ ଶୁଣିବାକୁ ମିଳୁଛି। କାରଣ ସରକାରୀ ଗୋଚର ଜମି ଦିନକୁ ଦିନ ଜବରଦଖଲରେ ପଡ଼ିଯାଉଛି। ରାଜସ୍ୱ ବିଭାଗ ତଥ୍ୟ ଅନୁସାରେ, ଯାଜପୁର ଜିଲ୍ଲାରେ ମୋଟ ୨୮,୫୪୬.୭୧ ଡିସିମିଲ୍ ଗୋଚର ଜମି ରହିଛି। ସେଥିରୁ ୩୩୨.୪୬୮ ଡିସିମିଲ୍ (ପ୍ରାୟ ୩୩ ଏକର) ଜମି ଜବରଦଖଲ ହୋଇ ରହିଛି। ଗାଁ ଗହଳିରେ ହେଉ କି ସହରାଞ୍ଚଳରେ ଗୋଚର ଜମିକୁ ଘର, ଦୋକାନ ଓ ଅନ୍ୟାନ୍ୟ ବ୍ୟବସାୟିକ ଗଠନରେ ବ୍ୟବହାର କରାଯାଉଛି। ଦର୍ପଣ ତହସିଲରେ ସର୍ବାଧିକ ଜବରଦଖଲ ହୋଇଛି।

ଜିଲ୍ଲାର ୧୦ଟି ବ୍ଲକ ମଧ୍ୟରୁ ଦର୍ପଣ ତହସିଲ ଅଧୀନରେ ସର୍ବାଧିକ ୨୩୪.୩୩ ଡିସିମିଲ୍ ଗୋଚର ଜମି ଜବରଦଖଲ ହୋଇଛି। ସୁକିନ୍ଦା ଓ ଧର୍ମଶାଳା ତହସିଲରେ ମଧ୍ୟ ଅବସ୍ଥା ଚିନ୍ତାଜନକ। ସୁକିନ୍ଦାରେ ୩୦୧୮.୫୨ରୁ ୭.୩୫ ଡିସିମିଲ୍, ଧର୍ମଶାଳାରେ ୩୦୦୫.୮୮ରୁ ୧୫.୩୪୨ ଡିସିମିଲ୍ ଗୋଚର ଜମି ଜବରଦଖଲରେ ରହିଛି।

ଗାଁ ଲୋକମାନେ ଏବେ ଦାବି କରୁଛନ୍ତି ଯେ ଯଦି ଗୋଚର ଜମିକୁ ଜବରଦଖଲରୁ ମୁକ୍ତ କରାଯିବ, ତେବେ ଗୃହପାଳିତ ପଶୁମାନଙ୍କ ଚରାଣ ସମସ୍ୟା ସମାଧାନ ହେବ। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗୋଚର ଜମିକୁ ମୁକ୍ତ କରିବା ପାଇଁ ଦାବି ଉଠିଛି।

ଗୋଚର ଜମିର ଅବସ୍ଥା

ତହସିଲ	ମୋଟ ଗୋଚର (ଡିସିମିଲ୍)	ଜବରଦଖଲ (ଡିସିମିଲ୍)
ଯାଜପୁର	୧୬୫୫.୨୯	୩.୪୫
ଦଶରଥପୁର	୮୦୩୭.୬୯	୨.୪୩
ବିଞ୍ଜାରପୁର	୮୯୭.୮୭	୭.୩୬
ବରି	୧୪୧୬.୫୩	୨.୩
ରସୁଲପୁର	୧୬୪୭.୪୪	୧୯.୧୦
ଧର୍ମଶାଳା	୩୦୦୫.୮୮	୧୫.୩୪
ଦର୍ପଣ	୩୫୩୪.୯୯	୨୩୪.୩୩ (ସର୍ବାଧିକ)
ଦାନଗଦି	୧୪୩୪.୩୨	୩.୮୪
ବ୍ୟାସନଗର	୩୮୯୮.୧୮	୭.୩୫
ସୁକିନ୍ଦା	୩୦୧୮.୫୨	୭.୩୫

ହିଞ୍ଜିଳି ଥାନା ପକ୍ଷରୁ ଏକତା ଦୌଡ଼

ହିଞ୍ଜିଳିକାଟୁ,୩୧।୧୦ (ସଂଚାର ବ୍ୟୁରୋ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ସମଗ୍ର ଦେଶର ବିଭିନ୍ନ ସ୍ଥାନରେ 'ଏକତାର ଦୌଡ' (ରନ୍ ଫର ୟୁନିଟି) ଅନୁଷ୍ଠିତ ହୋଇଥିବା ବେଳେ ହିଞ୍ଜିଳି ଥାନା ପକ୍ଷରୁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସକାଳୁ ସକାଳୁ ଥାନାଧିକାରୀ ଶ୍ରୀନିବାସ ସେଠାଙ୍କ ତତ୍ତ୍ୱାବଧାନରେ ହିଞ୍ଜିଳି ଥାନାରୁ ଆରଏମସି ଛକ ଓ ମିନି ଷ୍ଟାଡିୟମ ଠାରେ ଉକ୍ତ ଦୌଡ଼ ସମାପନ ହୋଇଛି। ଏହା ସହ ସର୍ଦ୍ଦାର ପଟେଲଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିବା ସହ ତାଙ୍କ କାର୍ଯ୍ୟଦକ୍ଷତା, ଦେଶପ୍ରେମ ଓ ସ୍ୱାଧୀନତା ସଂଗ୍ରାମରେ ଅତୁଳନୀୟ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

ଗୋପ ବ୍ରାଞ୍ଚ କେନାଲରେ ବୁଡି ବୃଦ୍ଧାଙ୍କ ମୃତ୍ୟୁ

ବାଲିଅନ୍ତା,୩୧।୧୦ (ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ମୁଦୁଲି ସାହିର ବଉ ମୁଦୁଲି (୮୫) ଆଜି ସକାଳ ସାଢେ ୫ଟା ସମୟରେ ଗୋପ ବ୍ରାଞ୍ଚ କେନାଲକୁ ଶୌଚ ହେବାକୁ ଯାଇଥିବା ବେଳେ ଭାସି ଯାଇଥିଲେ। ପ୍ରାୟ ଘଣ୍ଟା ପରେ ସିଙ୍ଗଡ଼ା ଭୋଇ ସାହି ନିକଟରେ ବଇଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପାଇ ପରିବାର ଲୋକେ ପହଞ୍ଚି ବଇଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ମକରଝୋଳରେ ବାଘ ଆତଙ୍କ ଘଟଣା

ବନ ବିଭାଗ ଦେଲା ସ୍ପଷ୍ଟିକରଣ

ହିଞ୍ଜିଳିକାଟୁ,୩୧।୧୦ (ସଂଚାର ବ୍ୟୁରୋ): ବାଘ ନୁହଁ ବଣ ବିଲେଇ ବୁଲୁଛି। ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ମକରଝୋଳ ଗ୍ରାମରେ ବାଘ ବୁଲୁଥିବା ନେଇ ଯେଉଁ ପ୍ରଚାର ଚାଲିଥିଲା, ତାହା ଏକ ଗୁଜବ ବୋଲି ସ୍ପଷ୍ଟ କରିଛି ହିଞ୍ଜିଳିକାଟୁ ବନବିଭାଗ। ଗୁରୁବାର ବିଳମ୍ବିତ ରାତିରେ ଏକ ବାଘ ବୁଲୁଥିବା ନେଇ ଆଲୋଚନାର ବିଷୟ ପାଲଟିଥିବା ବେଳେ ଶୁକ୍ରବାର ସକାଳୁ ସକାଳୁ ମୋବାଇଲ ଠୁ ମୋବାଇଲ ଭାଇରାଲ ହୋଇଥିଲା ଏକ ବାଘ ବୁଲୁଥିବା ନେଇ ସିସିଟିଭି ଫୁଟେଜ। ସୋସିଆଲ ମିଡିଆରେ ଖବର ପ୍ରଚାରିତ ହେଲା ପରେ ଗ୍ରାମବାସୀଙ୍କ ମନରେ କୋକୁଆ ଭୟ ସୃଷ ହୋଇଥିଲା। କିନ୍ତୁ ବନ ବିଭାଗ ଏପରି ଅଭିଯୋଗକୁ ଖଣ୍ଡନ କରିଥିବା ବେଳେ ବନ ବିଭାଗ ପକ୍ଷରୁ କୁହାଯାଇଛି ଯେ ଏହା ବାଘ ନୁହଁ, ବଣ ବିଲେଇ

ବୁଲୁଛି। ପରେ ବନ ବିଭାଗ ଉକ୍ତ ଗ୍ରାମକୁ ଯାଇ ଏଭଳି ଗୁଜବ ପ୍ରଚାର କରି ଲୋକଙ୍କୁ ଭୟଭୀତ କରନ୍ତୁ ନାହିଁ ଓ ଏପରି ଗୁଜବ ପ୍ରତି ବିଶ୍ୱାସ ନ କରିବା ପାଇଁ ବନପାଳ ଘରମଣୀ ପାଣିଗ୍ରାହୀ ନିବେଦନ କରିଛନ୍ତି। ତେବେ ଆଗକୁ ବାଘ ସମ୍ପର୍କରେ ଯେଉଁ ବ୍ୟକ୍ତି ଗୁଜବ ପ୍ରଚାର କରିବେ ସେଇ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ବନ ବିଭାଗ ଅଧିକାରୀ।

ଆହତ ଅବସ୍ଥାରେ କଳା ବଗୁଲା ଉଦ୍ଧାର

ବ୍ରହ୍ମପୁର,୩୧।୧୦ (ସଂଚାର ବ୍ୟୁରୋ): ସ୍ଥାନୀୟ ଗଜପତି ନଗରରୁ ଏକ କଳା ବଗୁଲା ବା ବ୍ଲାକ ବିଟେନ ଆହତ ଅବସ୍ଥାରେ ଉଦ୍ଧାର ହୋଇଛି । ସ୍ଥାନୀୟ ବାସିନ୍ଦା ଉକ୍ତ ପକ୍ଷୀକୁ ଦେଖିବା ପରେ ପରିବେଶପ୍ରେମୀ ପି. ଅରବିନ୍ଦ ଦେଶିବେହେରାଙ୍କୁ ଯୋଗାଯୋଗ କରିବାରୁ ସେ ପହଞ୍ଚି ଆହତ ପକ୍ଷୀଟିକୁ ଉଦ୍ଧାର କରିଥିଲେ । କଳା ବଗୁଲା ପକ୍ଷୀ ଭାରତୀୟ ବନ୍ୟପ୍ରାଣୀ ସୁରକ୍ଷା ଆଇନ,୧୯୭୨ର ସୂଚୀରେ ତାଲିକାଭୁକ୍ତ। ଏହି ପ୍ରଜାତିର ପକ୍ଷୀ ସାଧାରଣତଃ ଏସିଆ, ଅଷ୍ଟ୍ରେଲିଆ ମହାଦେଶ ମାନଙ୍କରେ ଦେଖାଯାଏ। ମୁଖ୍ୟତଃ ଘଞ୍ଚ ଆଦ୍ର ଭୂମି ଜଙ୍ଗଲ, ଆଦ୍ର ଭୂମି, ହ୍ରଦ ଏମାନେ ବସା କରିଥାନ୍ତି। ବ୍ରହ୍ମପୁର ଭଳି ଜନଗହଳି ପୂର୍ଣ୍ଣ ସ୍ଥାନରେ ଏହା ପ୍ରଥମ ଦେଖାଯାଇଛି । ଲାଜକୁଳା ଏବଂ ଏକାନ୍ତ ସ୍ୱଭାବର ହୋଇଥିବାରୁ ଏମାନଙ୍କୁ ଦେଖିବା ବହୁତ ବିରଳ। ବହୁତ କମ ଥର ଓଡିଶାର ଭିତରକନିକା, ମଙ୍ଗଳାଯୋଡି ଓ ସୋନପୁରରେ ଦୃଶ୍ୟ ହୋଇଛି। ଆଜି ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝୀ, ଅରବିନ୍ଦ ଦେଶିବେହେରା ଆହତ ପକ୍ଷୀକୁ ଚିକିତ୍ସା କରି ବ୍ରହ୍ମପୁର ବନାଞ୍ଚଳ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ।

ଜାତୀୟ ଏକତା ଦିବସରେ ଗଞ୍ଜାମ ପୁଲିସର ଫିଟ ଇଣ୍ଡିଆ ମିନି ମାରାଥନ

ଗଞ୍ଜାମ,୩୧।୧୦ (ସଂଚାର ବ୍ୟୁରୋ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଦିନ ଅବସରରେ ପାଳିତ ଜାତୀୟ ଏକତା ଦିବସ ଉପଲକ୍ଷେ ଗଞ୍ଜାମ ଥାନା ପୁଲିସ ବିଭାଗ ପକ୍ଷରୁ ଆଜି ଏକ ବିଶେଷ "ଫିଟ ଇଣ୍ଡିଆ ମିନି ମାରାଥନ" ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ରଙ୍କ ନେତୃତ୍ୱରେ ପୁଲିସ ଅଧିକାରୀ, ସ୍ଥାନୀୟ ବାସିନ୍ଦା, ସ୍ୱେଚ୍ଛାସେବୀ ସଂଗଠନ, ଛାତ୍ରଛାତ୍ରୀ ଓ ଗଣମାଧମ ପ୍ରତିନିଧି ସକ୍ରିୟ ଭାବେ ଯୋଗଦେଇ "ରନ୍ ଫର ୟୁନିଟି" କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ମାରାଥନର ଶୁଭାରମ୍ଭ ଜୟଶ୍ରୀ ଛକରୁ ହୋଇ ଭାରତୀ ବିଦ୍ୟାପୀଠ ପର୍ଯ୍ୟନ୍ତ ହୋଇଥିଲା।ପରେ ପୁଲିସ ବିଭାଗ ପକ୍ଷରୁ ବିଜେତା ଓ ସକ୍ରିୟ ଅଂଶଗ୍ରହୀମାନଙ୍କୁ ସମ୍ମାନ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅବସାନରେ ସମସ୍ତ ଅଂଶଗ୍ରାହୀ ଜାତୀୟ ଏକତା ଶପଥ ଗ୍ରହଣ କରିଥିଲେ ଓ ସର୍ଦ୍ଦାର ପଟେଲଙ୍କ ଦେଶସେବା ଓ ଏକତାର ବାଣୀକୁ ସ୍ମରଣ କରିଥିଲେ। "ଫିଟ ଇଣ୍ଡିଆ ମିନି ମାରାଥନ ମାଧମରେ ଆମେ ଏକତା, ସ୍ୱାସ୍ଥ୍ୟ ସଚେତନତା ଓ ଦେଶପ୍ରେମର ମୂଲ୍ୟବୋଧକୁ ପ୍ରଚାର ପ୍ରସାର କରିବା ସହ ଏକତା ଓ ସୁସ୍ଥ ଜୀବନ ହେଉଛି ଆଧୁନିକ ଭାରତର ଶକ୍ତିର ମୂଳ ଆଧାର" ବୋଲି ଥାନା ଅଧିକାରୀ ଶ୍ରୀମତୀ ପାତ୍ର କହିଛନ୍ତି।

ସମୁଦ୍ରରେ ମାଛଧରା ଉପରେ କଟକଣା

ପାରାଦ୍ୱୀପ,୩୧।୧୦ (ସଂଚାର ବ୍ୟୁରୋ): ଆରମ୍ଭ ହେଲା କଟକଣା। ସମୁଦ୍ର ଉପକୂଳରୁ ୨୦ କିଲୋମିଟର ଭିତରେ ମାଛ ଧରିବା ମନା। ଉଲଂଘନ କଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ। ଏଭଳି ସତର୍କ ସୂଚନା ଜାରି କରିଛି ଓଡିଶା ମତ୍ସ୍ୟ ବିଭାଗ। ବିରଳ ଅଲିଭରିଡଲେ କଇଁଚଙ୍କ ଅଞ୍ଚାଦାନ ସମୟରେ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି କଟକଣା ଜାରି କରାଯାଇଥିବା ବେଳେ ମତ୍ସ୍ୟଜୀବୀଙ୍କ ଦାବି ପ୍ରତି ସରକାର ସେତେଟା ଯତ୍ନଶୀଳ ନୁହଁନ୍ତି ବୋଲି କହିଛନ୍ତି ବୋଟ ମାଲିକ। ନଭେମ୍ବର ଏକ ତାରିଖରୁ ଆସନ୍ତା ବର୍ଷ ମଇ ୩୧ ପର୍ଯ୍ୟନ୍ତ ଏହି କଟକଣା କଇଁଚ ମାନଙ୍କ ସୁରକ୍ଷା ନିମନ୍ତେ ସରକାର ଲଗାଉଛନ୍ତି। ସମସ୍ତ ମତ୍ସ୍ୟଜୀବି ମାନଙ୍କୁ ସମୁଦ୍ର ଉପକୂଳରୁ ୨୦ କିଲୋମିଟର ଭିତରେ ଫିସିଂ କରିବାକୁ ବାରଣ କରାଯାଇଛି। ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ମାଳଦ୍ୱୀପ, ଭିଏତନାମ ଓ ଇଣ୍ଡୋନେସିଆରୁ ଅଲିଭରିଡଲେ କଇଁଚମାନେ ଧାମରା, ଗହୀରମଥା, ଦେବୀ ଓ ଋଷିକୁଲ୍ୟା ମୁହାଣକୁ ଅଞ୍ଚାଦାନ କରିବାକୁ ଆସୁଥିବା ବେଳେ ଟ୍ରଲର ଓ ମାଛଧରା ଡଙ୍ଗୀର ପ୍ୟାନ ସଂଯୋଗରେ ଆସି ଏମାନେ ମୃତ୍ୟୁବରଣ କରିଥାନ୍ତି। ସରକାରୀ ନିୟମକୁ ମାନି ମତ୍ସ୍ୟଜୀବିମାନେ କଟକଣା ସମୟରେ ସହୁଥିବା କ୍ଷତିର ଭରଣା ପାଇଁ ଏମାନେ ସରକାରୀ ସହାୟତା ପାଇଁ ଦାବି କରୁଥିବା ବେଳେ ସରକାର ନୀରବ। ବର୍ଷ ତମାମ ଲଘୁଚାପ, ବାତ୍ୟା ଓ ମାଛ ଏବଂ କଇଁଚ ପାଇଁ କଟକଣା ସରକାର ଜାରି କରୁଥିବା ବେଳେ ଏହି ବ୍ୟବସାୟ ଉପରେ ନିର୍ଭରଶୀଳ ହଜାର ହଜାର ପରିବାର ଖାଇବେ କଣ ବଞ୍ଚିବେ କେମିତି, ସେ ବିଷୟରେ ସରକାର ଚିନ୍ତା ମଧ କରୁନାହାନ୍ତି। ସରକାର ଏବଂ ସରକାରୀ କଳ କେବଳ ସତର୍କ ସୂଚନା ମାଇକ ଯୋଗେ ପ୍ରଚାର କରି ନିଜ ଦାୟିତ୍ୱ ଛିଣ୍ଡାଇ ଦେଉଥିବା ବେଳେ ମତ୍ସ୍ୟଜୀବୀଙ୍କ ଦାବି ପ୍ରତି ସରକାର ବିଚାର କରିବା ପାଇଁ ସେମାନେ ଅନୁରୋଧ କରିଛନ୍ତି।

ବାଲିଯାତ୍ରା ମହୋତ୍ସବ ନେଇ କୁଆଖାଇ ନଦୀପଠା ଚଳଚଞ୍ଚଳ

ବାଲିଅନ୍ତା,୩୧।୧୦ (ସଂଚାର ବ୍ୟୁରୋ): ବାଙ୍କୁଆଳ ସ୍ଥିତ କୁଆଖାଇ ନଦୀପଠାରେ ଏକାମ୍ର ବାଲିଯାତ୍ରା ମହୋତ୍ସବ ଆୟୋଜନ ନେଇ ଏବେ ମହୋତ୍ସବ ପଡ଼ିଆ ପରିସର ଚଳଚଞ୍ଚଳ ହୋଇପଡ଼ିଛି। ଚଳିତ ବର୍ଷ ଦ୍ୱିତୀୟ ବାର୍ଷିକ ଏକାମ୍ର ବାଲିଯାତ୍ରା ମହୋତ୍ସବକୁ ଅଧିକ ବ୍ୟବସ୍ଥିତ ଏବଂ ଆକର୍ଷଣୀୟ ଢଙ୍ଗରେ ପାଳନ କରାଯିବାକୁ କମିଟି ନିଷ୍ପତ୍ତି ନେଇଛି। ଟଙ୍କପାଣି ରୋଡ଼ ଠାରୁ ଟଙ୍କପାଣି ବ୍ରିଜ ଏବଂ ମହୋତ୍ସବ ପଡ଼ିଆ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ଗେଟ (ତୋରଣ) ନିର୍ମାଣ କରାଯିବ। ପୂର୍ବବର୍ଷ ଅପେକ୍ଷା ଏବର୍ଷ ଅଧିକ ଜନ ସମାଗମଙ୍କୁ ଆଖି ଆଗରେ ରଖି ମହୋତ୍ସବ କମିଟି ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ଚାଲିଥିବା ପରିଚାଳନା କମିଟିର ସମ୍ପାଦକ କବିରାଜ ସ୍ୱାଇଁ କହିଛନ୍ତି।

ଆସନ୍ତା ୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଭୋର ସମୟରେ ୭ ସାଧବ ସାଧବାଣୀ ବୋଇତ ବନ୍ଦାଣ ବିଧି ଅନୁଷ୍ଠିତ ହେବ । ସକାଳେ ଅର୍ଦ୍ଧତା ସାହୁ ଓ ସାଥୀ କଣ୍ଠ ଶିଳ୍ପୀମାନେ ଭକ୍ତି ସଙ୍ଗୀତ ଓ ଭଜନ ପରିବେଷଣ କରିବେ। ସନ୍ଧ୍ୟାରେ ପଙ୍କଜ ଜାଲ, ମାନସୀ ଏବଂ ଗଗନ ବିହାରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ୬ ତାରିଖ ସନ୍ଧ୍ୟାରେ ରୁକୁସୁନା ଗ୍ରୁପ, ୭ ତାରିଖରେ ସ୍ୱୟଂପାଢ଼ୀ ଗ୍ରୁପ,୮ ତାରିଖରେ ଅସୀମା ପଣ୍ଡା ଗ୍ରୁପ, ୯ ତାରିଖରେ ବଲିଉଡ଼ ସିଙ୍ଗର ପାମେଲା ଜୈନ ଗ୍ରୁପ, ୧୦ ତାରିଖରେ ମଣ୍ଟୁ ଛୁରିଆ, ୧୧ ତାରିଖରେ ଅନ୍ତରା ଚକ୍ରବର୍ତ୍ତୀ ଗ୍ରୁପ ଓ ହାସ୍ୟ ଅଭିନେତା ପପୁ ପମପମ ୧୨ ତାରିଖ ଉଦଯାପନୀ ସନ୍ଧ୍ୟାରେ ସୁଜ୍ଞାନୀ ମହାପାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ୟତମ ଆକର୍ଷଣ ହେବ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପୂର୍ବରୁ ସନ୍ଧ୍ୟା ୬ଟାରୁ ୭ଟା ଏକଘଣ୍ଟା ପର୍ଯ୍ୟନ୍ତ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଞ୍ଚରେ ଓଡ଼ିଶୀ ,ଗୋଟିପୁଅ ଓ ଅନ୍ୟାନ୍ୟ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରାଯିବ। ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ ପାଇଁ ବଡ଼ଗଡ଼ ପୁଲିସ ସମେତ ୨୦୦ ଜଣ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ଏବଂ ୮୦ ଜଣ ସୁରକ୍ଷା କର୍ମୀ ମୃତୟନ କରାଯିବ।

ମଞ୍ଚେଇ ମହୋତ୍ସବ ପାଇଁ ସାଂସ୍କୃତିକ ଦଳ ଚୟନ କମିଟି ବୈଠକ

ନବରଙ୍ଗପୁର,୩୧।୧୦ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅଶୋକ ମେହେଚ୍ଚା ସମ୍ମିଳନୀ କକ୍ଷ ଠାରେ ମଞ୍ଚେଇ ମହୋତ୍ସବ ୨୦୨୫ ସାଂସ୍କୃତିକ ଦଳ ଚୟନ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ହେବାକୁ ଥିବା ମଞ୍ଚେଇ ୨୦୨୫ର ମୁଖ୍ୟ ଉତ୍ସବ ତା.୧୨.୧୨.୨୦୨୫ରୁ ତା.୧୪.୧୨.୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଆଲୋଚନା କରାଯାଇଥିଲା। କମିଟିର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମଞ୍ଚେଇ ମହୋତ୍ସବର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଦିନ ସାଂସ୍କୃତିକ ସନ୍ଧ୍ୟାରେ ଜିଲ୍ଲା ଓ ଜିଲ୍ଲା ବାହାରରୁ ଆମନ୍ତ୍ରିତ ସାଂସ୍କୃତିକ ଦଳମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ଆଲୋଚନା କରିଥିଲେ। ଜିଲ୍ଲାର ୧୦ଟି ବ୍ଲକ୍‌ରୁ ସାଂସ୍କୃତିକ ଦଳ ପ୍ରେରଣ ନିମନ୍ତେ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହଯୋଗରେ ଶ୍ରେଷ୍ଠ ଦଳ ଚୟନ କରି ସାଂସ୍କୃତିକ ଦଳ ଚୟନ କମିଟି ନିକଟକୁ ପ୍ରେରଣ କରିବା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସମୟ ସର୍ବାଧିକ ୭ ମିନିଟ ରଖିବା ପାଇଁ ଉପସ୍ଥିତ ସଭ୍ୟ/ସଭ୍ୟାମାନେ ସମ୍ମତି ପ୍ରକାଶ କରିଥିଲେ। ଏହି ମହୋତ୍ସବର ମୁଖ୍ୟ ତିନି ଦିନରେ ମାଲକାନଗିରି, କୋରାପ

କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି କଟକ ବାଲିଯାତ୍ରା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିମନ୍ତ୍ରଣ ପତ୍ର ପ୍ରଦାନ କରୁଛନ୍ତି।

ବିଏମ୍‌ସିର ୩୫ତମ ସାଧାରଣ ବୈଠକ

ବିଏମ୍‌ସିକୁ ଆସିବ ୩୧୬ କିମି ଡ୍ରେନ

ଭୁବନେଶ୍ୱର, ୩୧।୧୦ (ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ର ୩୫ ତମ ସାଧାରଣ ପରିଷଦ ବୈଠକ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ବିଏମ୍ ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ଏହି ସାଧାରଣ ବୈଠକରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହାଁର, କମିଶନର ଚଞ୍ଚଳ ରାଣା, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ ଓ କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଂଜନ ବେହେରା ମଞ୍ଚାସୀନ ଥିଲେ। ପରେ ଏଜେଣ୍ଡା ଅନୁଯାୟୀ ପୂର୍ବ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ଓ ତା'ର କାର୍ଯ୍ୟାନ୍ୱୟ ସଂପର୍କରେ ଆଲୋଚନା କରାଯାଇଥିଲା।

ସଂପ୍ରତି ବିଏମ୍ ସି ଅଞ୍ଚଳରେ ବିଭିନ୍ନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଆଜିର ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଉନ୍ନତି ଓ ସହରୀ ବିକାଶ ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଛନ୍ତି। ଆଉ ମଧ୍ୟ କିଛି ଅର୍ଥ ରାଜ୍ୟ ସରକାର ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଉଭୟ ମାନନୀୟା ମେୟର ଓ କମିଶନର ଗୃହକୁ ଅବଗତ କରାଇଥିଲେ। ତେଣୁ ପ୍ରତ୍ୟେକ ୱାର୍ଡରେ କିଛି କିଛି କାମ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ମଧ୍ୟ କମିଶନର ଅବଗତ କରାଇଛନ୍ତି। କେବଳ ସେତିକି ନୁହେଁ ଆର୍ ଆଣ୍ଡ ବି ଅଧୀନରେ ଥିବା ୩୧୬ କିଲୋମିଟର ଡ୍ରେନ ମଧ୍ୟ ବିଏମ୍ ସି ଅଧୀନକୁ ଆସିବ। ଆଇଗିଣିଆ ଆଳୁଗଦି ବା କୁବେରପୁରୀଠାରେ ଟ୍ରକ ରହିବା ପାଇଁ ହେବ ପାର୍କିଂ ବ୍ୟବସ୍ଥା । ବର୍ଜ୍ୟ ସଂଗ୍ରହ ଓ ପରିଚାଳନା ପାଇଁ ଏଜେନ୍ସି ଚୟନ ନିମନ୍ତେ ଆସିଥିବା ଏସଓପିକୁ କର୍ପୋରେସନ ମଂଜୁରୀ ମିଳିଛି। ସେହିପରି ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ତିନୋଟି ଜୋନରେ ତିନୋଟି ଏଜେନ୍ସିଙ୍କୁ ନିୟୋଜିତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଖୁବ୍ ଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବ। ଆସନ୍ତା ୬ ତାରିଖ ଦିନ ମୁକ୍ତା ଓ ଜାଗା ମିଶନ ସଂପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପାଇଁ କର୍ପୋରେସନର ସ୍ୱତନ୍ତ୍ର ବୈଠକ ଡକାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅତିରିକ୍ତ କମିଶନର ରତ୍ନାକର ସାହୁ।

- ଆଇଗିଣିଆ କୁବେରପୁରୀଠାରେ ଟ୍ରକ ରହଣି ପାଇଁ ହେବ ପାର୍କିଂ ବ୍ୟବସ୍ଥା
- ବର୍ଜ୍ୟ ପରିଚାଳନା ପାଇଁ ଏଜେନ୍ସି ଚୟନ ନିମନ୍ତେ ଆସିଲା ଏସ୍‌ଓପି
- ନଭେମ୍ବର ୬ ତାରିଖ ଦିନ ମୁକ୍ତା ଓ ଜାଗା ମିଶନ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି
- ବିଦ୍ୟୁତ୍ ସମସ୍ୟା ସମାଧାନ ପାଇଁ ୩ ଜୋନରେ ନିୟୋଜିତ ହେବେ ୩ ଏଜେନ୍ସି

କଳିଙ୍ଗା ଘାଟିରେ ଗଡ଼ିଲା ଗାଡ଼ି

ଜି.ଉଦୟଗିରି,୩୧।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଏବଂ ଗଞ୍ଜାମ ସୀମାରେ ଥିବା କଳିଙ୍ଗା ଘାଟି ରାସ୍ତାରେ ପୁଣି ଗଡ଼ିଛି ଗାଡ଼ି। ପ୍ରାୟ ୪୭ ଦିନ ପରେ ଏହି ରାସ୍ତାରେ ଗାଡ଼ି ଚଳାଚଳ ଆରମ୍ଭ ହୋଇଛି। ପ୍ରାୟ ଦେଢ଼ ମାସ ତଳେ ବର୍ଷା ଯୋଗୁ ଭୂସ୍ଖଳନ ହୋଇ ଏହି ଘାଟି ରାସ୍ତା ବଡ଼ ଆକାରରେ କ୍ଷତିଗ୍ରସ୍ତ ହୋଇଥିଲା। ତାହାବି ପୁଣି ଦୁଇ ଦୁଇ ଥର। ଯାହା ପରଠାରୁ ଏହାର ମରାମତି କାମ ଜାରି ରହିଥିଲା। ଆଉ ଏବେ ନିର୍ମାଣକାମ ସରିଆସିଥିବାବେଳେ ଶୁକ୍ରବାର ଠାରୁ ଗାଡ଼ି ଯାତାୟାତ କରିଛନ୍ତି। ଅବଶ୍ୟ ଏପର୍ଯ୍ୟନ୍ତ ଏହି ରାସ୍ତାରେ ଯାନବାହନ ଯାତାୟାତ ନିମନ୍ତେ ଜିଲ୍ଲା ପ୍ରଶାସନ କିମ୍ବା ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆନୁଷ୍ଠାନିକ ଭାବରେ କୌଣସି ଆଦେଶ ଜାରି କରିନଥିଲେ। ସେପଟେ ଯାନବାହନ ଚଳାଚଳ ଆରମ୍ଭ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ମନରେ ଖୁସି ଦେଖାଯାଇଛି। ବିଶେଷ ଭାବରେ ଏହି ରାସ୍ତାକଡ଼ରେ ବ୍ୟବସାୟ କରି ପରିବାର ଚଳାଉଥିବା ଲୋକେ ବେଶ ଉତ୍ସାହିତ ଅଛନ୍ତି।

ବିଧାନସଭା ସଚିବଙ୍କୁ କେନ୍ଦ୍ରର ପ୍ରଶଂସା

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଓଡ଼ିଶା ବିଧାନସଭାକୁ ପେପର ଲେସ କରିବାକୁ ଆରମ୍ଭ ହୋଇଥିବା ନେଭା ପ୍ରକଳ୍ପର ଅଗ୍ରଗତିକୁ ପ୍ରଶଂସା କରିଛନ୍ତି କେନ୍ଦ୍ର ସରକାର। ନୂଆ ସରକାର ଦାୟିତ୍ୱ ନେବା ପରେ ଗତ ଫେବୃଆରୀ ୧୨ ତାରିଖରେ ଓଡିଶା ବିଧାନସଭାରେ ନେଭା ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଆଜି ନୂଆଦିଲ୍ଲୀ ଠାରେ ଆୟୋଜିତ ତୃତୀୟ ଇ-ବିଧାନ ଆପ୍ଲିକେସନ ସମ୍ମିଳନୀରେ ଓଡିଶା ବିଧାନସଭାର ସଫଳତାକୁ ପ୍ରଶଂସା କରାଯାଇଛି। କେନ୍ଦ୍ର

ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଗତ ୩୦ ତାରିଖରେ ଆୟୋଜିତ ଏହି ସମ୍ମିଳନୀକୁ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କୀରଣ ରିଜିଜୁ ଉଦଘାଟନ କରିଥିଲେ। କେନ୍ଦ୍ର ସଂସଦୀୟ ବ୍ୟାପାର ସଚିବ ନିକୁଞ୍ଜ ଧଳ ଏହି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ସେ ନିଜେ ସବୁ ରାଜ୍ୟର ପ୍ରଦର୍ଶନର ସମୀକ୍ଷା କରିଥିଲେ। ଏହି ଅବସରରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ୯ମାସରେ ଓଡିଶା ବିଧାନସଭାର ପ୍ରଦର୍ଶନକୁ ସାବାସୀ ଦେଇଥିଲେ। ଓଡିଶା ବିଧାନସଭାକୁ ପେପର ଲେସ କରିବାକୁ ୨୦୨୦ରେ କେନ୍ଦ୍ର ସହ ଏକ ଏମଓୟୁ ହୋଇଥିଲା।

ଷଷ୍ଠ ଓଏସ୍‌ଏପି ବାଟାଲିୟନରେ ଏକତା ଦିବସ ପାଳିତ

କଟକ,୩୧।୧୦ (ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନରେ କଟକସ୍ଥିତ ଷଷ୍ଠ ଓଏସଏପି ବାଟାଲିୟନ ପରିସରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ ବ୍ରାଞ୍ଚ) ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାପୁରୁଷ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ।

ରାଷ୍ଟ୍ରର ଏକତା, ଅଖଣ୍ଡତା, ସୁରକ୍ଷା ତଥା ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ କରିବାପାଇଁ ଉପସ୍ଥିତ ପୋଲିସ ଅଧିକାରୀ, କର୍ମଚାରୀ ଏବଂ ପ୍ୟାରେଡରେ ସାମିଲ ହୋଇଥିବା ଯବାନଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ ମିଶ୍ର ଶପଥ ପାଠ କରାଇଥିଲେ। ଏହି ଅବସରରେ ଓଡିଶା ପୋଲିସର ୩୪ ପୁଲିସ ଜିଲ୍ଲାର ସମସ୍ତ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଆଜିର ସମ୍ମିଳିତ ପ୍ୟାରେଡରେ ଓଏସଏପି ଷଷ୍ଠ ବାଟାଲିୟନ (କଟକ), ଷଷ୍ଠ ଆଇଆର ବାଟାଲିୟନ (ଖୋର୍ଦ୍ଧା), ତୃତୀୟ ଆଇଆର ବାଟାଲିୟନ, ପୁଲିସ କଲର ପାର୍ଟି (କଟକ), ବ୍ରାସବ୍ୟାଣ୍ଡ ପାର୍ଟି (କଟକ) ଅଂଶଗ୍ରହଣ କରିଥିଲେ। ଶ୍ରୀ ୟାକୁବ ଖାନ ତୃତୀୟ ଆଇ.ଆର. ବାଟାଲିୟନ ପ୍ୟାରେଡର ନେତୃତ୍ୱ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଧୁନିକୀକରଣ) ଏସ. କେ. ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କମ୍ୟୁନିକେସନ) ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାରଙ୍କ ସମେତ ପୁଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

● ପୀତବାସ ହତ୍ୟା ଘଟଣା

ଫୁଲବାଣୀ ଜେଲରେ ପିଣ୍ଟୁ ଦାସ

ବ୍ରହ୍ମପୁର,୩୧।୧୦ (ସଂଚାର ବ୍ୟୁରୋ): ବିଜେପି ନେତା ତଥା ଓକିଲ ପୀତବାସ ପଣ୍ଡା ହତ୍ୟା ମାମଲାର ଅଭିଯୁକ୍ତ ଶିବ ଶଙ୍କର ଦାସ ଓରଫ ପିଣ୍ଟୁ ଦାସଙ୍କୁ ଫୁଲବାଣୀ ଜେଲକୁ ନିଆଯାଇଛି। ବ୍ରହ୍ମପୁର ଜେଲରୁ ବାହାର କରି ତାଙ୍କୁ ଫୁଲବାଣୀ ଜେଲକୁ କଡ଼ା ସୁରକ୍ଷା ବଳରେ ସ୍ଥାନାନ୍ତର କରାଯାଇଥିଲା। ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସ ତାଙ୍କୁ ଗିରଫ କରି ବ୍ରହ୍ମପୁର ଜେଲରେ ରଖିଥିଲା। ସୁରକ୍ଷା କାରଣରୁ ତାଙ୍କୁ ଫୁଲବାଣୀ ଜେଲକୁ ପଠାଯାଇଛି। ଅନ୍ୟପଟେ ବ୍ରହ୍ମପୁର ପୀତବାସ ପଣ୍ଡା ହତ୍ୟା ମାମଲାରେ ସ୍ୱତନ୍ତ୍ର ସରକାରୀ ଓକିଲ ନିଯୁକ୍ତି ପାଇଁ ଡିଜିଙ୍କୁ ଚିଠି ଲେଖିଛନ୍ତି ବ୍ରହ୍ମପୁର ଏସପି। ଏହି ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। ସେ କହିଛନ୍ତି, ଡିଜି ଏହାକୁ ଅନୁମୋଦନ କରିବା ପରେ ତାକୁ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ। ସରକାର ପରବର୍ତ୍ତୀ ନିଷ୍ପତ୍ତି ନେବେ। ଗତ ୬ ତାରିଖରେ ପୀତବାସଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ବ୍ରହ୍ମପୁରରେ ଥିବା ତାଙ୍କ ବାସଭବନରୁ ଅଳ୍ପ ଦୂରରେ ହିଁ ତାଙ୍କୁ ଦୁର୍ବୃତ୍ତମାନେ ଗୁଳି କରିଥିଲେ। ଏହି ମାମଲାରେ ଦୁଇ ଜଣ ରାଜନେତାଙ୍କ ସମେତ ୧୩ ଜଣଙ୍କୁ ପୁଲିସ ଗିରଫ କରିଛି।

ଟ୍ରକ୍ ଧକ୍କାରେ ବାପା ମୃତ, ଝିଅ ଓ ଦାଦା ଗୁରୁତର

କେନ୍ଦୁଝର, ୩୧।୧୦ (ସଂଚାର ବ୍ୟୁରୋ): କେନ୍ଦୁଝରରେ ଟ୍ରକ୍ ଧକ୍କାରେ ବାପା ମୃତ, ଝିଅ ଓ ଦାଦା ଗୁରୁତର ହୋଇଛନ୍ତି । ଆଜି ଦିନ ପ୍ରାୟ ୧୧ଟା ବେଳେ ସଦର ଥାନା ଉପର କୁସୁମିତା କଶିରାସାହିର ବିଦ୍ୟାଧର ନାଏକ ଝିଅକୁ ରାଇସୁଆଁ ଆବାସିକା ବିଦ୍ୟାଳୟରେ ଛାଡ଼ିବାକୁ ଘରୁ ଭାଇଙ୍କ ସହ ମୋଟର ସାଇକେଲରେ ଯାଇଥିଲେ। ପଦ୍ମପୁର ବଜାରରୁ ଝିଅ ପାଇଁ କିଛି ଜିନିଷ କିଣିବାକୁ ଆସୁଥିବା ବେଳେ ପଦ୍ମପୁର କଲେଜ ଛକ ନିକଟରେ ଏକ ୧୪ ଚକିଆ ଟ୍ରକ୍ ମୋଟର ସାଇକେଲକୁ ଧକ୍କା ଦେଇଥିଲା। ବିଦ୍ୟାଧର ତଳେ ପଡିଯାଇଥିଲା ବେଳେ ଟ୍ରକଟି ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଛି। ପଛରେ ବସିଥିବା ଝିଅ ଓ ଦାଦା ଗୁରୁତର ହୋଇଛନ୍ତି। ଗୁରୁତର ଦାଦା ଓ ଝିଅଟିଙ୍କୁ ଉଦ୍ଧାର କରାଯାଇ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ସ୍ଥାନାନ୍ତ କରାଯାଇଛି। ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଏବଂ ଚାଳକଙ୍କୁ ଥାନାକୁ ଆଣି ଅଟକ ରଖିଥିବା ଜଣାପଡିଛି।

ଭିଜିଲାନ୍ସ ଜାଲରେ ପ୍ରଧାନଶିକ୍ଷକ

● ମହିଳା ରୋଷେୟାଙ୍କୁ ଛୁଟି ପାଇଁ ଲାଞ୍ଚ ମାଗି ଧରାପଡ଼ିଲେ

ଦାରିଙ୍ଗବାଡି/ ଫୁଲବାଣୀ, ୩୧।୧୦ (ସଂଚାର ବ୍ୟୁରୋ): ଜଣେ ଲେଡି କୁକ - କମ - ଆଟେଣ୍ଡାଣ୍ଟଙ୍କ ଛୁଟି ମଞ୍ଜୁର କରିବା ପାଇଁ ଲାଞ୍ଚ ନେବାବେଳେ ଭିଜିଲାନ୍ସ ଚଢ଼ଉ କରିଛି। ଫୁଲବାଣୀ ଭିଜିଲାନ୍ସ ଟିମ ପ୍ରଧାନଶିକ୍ଷକଙ୍କୁ ଗିରଫ କରିଛି। ପ୍ରକାଶ ଯେ, କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବୁଡ଼ାଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କୁକ -କମ-ଆଟେଣ୍ଡାଣ୍ଟ ସୁରେଖା ପ୍ରଧାନ(୩୧)ଙ୍କ ଛୁଟି ମଞ୍ଜୁର କରିବା ପାଇଁ ପ୍ରଧାନଶିକ୍ଷକ କୁମରମଣି ମଲିକ ଅର୍ଥ ଦାବି କରିଥିଲେ। ଏଥିପାଇଁ ସେ ବାରମ୍ବାର ଫୋନରେ ମଧ୍ୟ ଅର୍ଥ ଦାବି କରିଆସୁଥିଲେ। ଏହାର ପ୍ରମାଣକୁ ସୁରେଖା ନିଜ ମୋବାଇଲ କଲ ରେକର୍ଡରେ ରଖିଥିଲେ। ପରେ ସେ ଫୁଲବାଣୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପ୍ରଧାନଶିକ୍ଷକ ନିଜ ଫୋନ ପେ'ରେ ଏହି ଅର୍ଥ ଦାବି କରିଥିଲେ। ଦାବି ମୁତାବକ ଅଭିଯୋଗକାରୀ ସୁରେଖା ପ୍ରଧାନ ଶିକ୍ଷକଙ୍କୁ ନିଜ ଫୋନ ପେ'ରୁ ୪ ହଜାର ଟଙ୍କା ଟ୍ରାନ୍ସଫର କରିଥିଲେ। ପୂର୍ବ ଯୋଜନା ପ୍ରକାରେ ଭିଜିଲାନ୍ସ ଡିଏସପି ହେମନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଭିଜିଲାନ୍ସ ଟିମ ଚଢ଼ାଉ କରି ସଂପୃକ୍ତ ପ୍ରଧାନଶିକ୍ଷକଙ୍କୁ କାବୁକରିବା ସହ ତାଙ୍କଠାରୁ ମୋବାଇଲ ଫୋନ ଓ ଅନ୍ୟ ଆବଶ୍ୟକ ପ୍ରମାଣ ଜବତ କରିଛି। ସଂପୃକ୍ତ ପ୍ରଧାନଶିକ୍ଷକଙ୍କୁ ଫୁଲବାଣୀ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଥିବା ଜଣାପଡିଛି। ଏନେଇ ଭିଜିଲାନ୍ସ ପକ୍ଷରୁ ମାମଲା (୧୬ /୨୫)ରୁଜୁ କରାଯାଇ ଅଧିକା ତଦନ୍ତ କରାଯାଉଥିବା ଭିଜିଲାନ୍ସ ଡିଏସପି ମହାନ୍ତି କହିଛନ୍ତି। ଡିଏସପି ଆହୁରି କହିଛନ୍ତି, ସେ ଉକ୍ତ ବିଦ୍ୟାଳୟରେ ରହୁଥିବା ଛାତ୍ରୀମାନଙ୍କୁ ଅତି ନିମ୍ନମାନର ଖାଦ୍ୟ ଦେଇ ଚଞ୍ଚକତା କରିବା ସହ ବିଦ୍ୟାଳୟରେ ରହିଥିବା ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କଠାରୁ ମଧ୍ୟ ଲାଞ୍ଚ ଟଙ୍କା ଆଦାୟ କରୁଥିବା ଅଭିଯୋଗ ମଧ୍ୟ ରହିଛି। ସୂଚନାଯୋଗ୍ୟ ଯେ, ଉକ୍ତ ବିଦ୍ୟାଳୟଟି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ପଛୁଆ ବର୍ଗ ଉନ୍ନୟନ ବିଭାଗ ଦ୍ୱାରା ରହିଛି ।

ସୁବାହକ ରାକେଶଙ୍କ ସଫଳତା

ଓଡ଼ିଶା ସରକାରଙ୍କ ଯାନ ଚାଳନା ତାଲିମ୍ ଓ ଗବେଷଣା କେନ୍ଦ୍ରରୁ ପ୍ରଶିକ୍ଷିତ



କଟକ/ଭୁବନେଶ୍ୱର, ୩୧।୧୦ (ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ଯାନ ଚାଳନା ତାଲିମ୍ କେନ୍ଦ୍ରରୁ ପ୍ରଶିକ୍ଷିତ ଜେଣ ଦକ୍ଷ ଗାଡ଼ି ଚାଳକ ସଫଳ ସୁବାହକ ଭାବେ ଆଜି ବିଶ୍ୱସ୍ତରବର ନିଜର ସୁନାମ ହାସଲ କରିବାରେ ସକ୍ଷମ ହୋଇଛନ୍ତି। କେନ୍ଦୁଝର ଜିଲ୍ଲାର ରାକେଶ କୁମାର ଦାସ ଜାପାନର ଏକ ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ପାଇ ଜାପାନ ଅଭିମୁଖେ ଯାଇଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ଯାନ ଚାଳନା ତାଲିମ୍ ଓ ଗବେଷଣା ପ୍ରତିଷ୍ଠାନ ବଣାଇ, ଛତିଆ, ପାଲୁର, କେନ୍ଦୁଝରରେ ରହିଛି। ରାକେଶ ଛତିଆ ପ୍ରଶାସଣ କେନ୍ଦ୍ରରୁ ସୁବାହକ ଭାବେ ପ୍ରଶିକ୍ଷିତ ହୋଇଥିଲେ। ଏଠାରେ ପ୍ରଶାସାର୍ଥୀଙ୍କ ତାଲିମ୍ ସହ ରହିବା ଖାଇବାର ସମସ୍ତ ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ କରାଯାଇଥାଏ। ସଫଳତାର ସହ ଯାନଚାଳନା ଶିଖିବା ପରେ ସେ ଜାପାନର ମାଜୁଇ କମ୍ପାନୀରେ ନିଯୁକ୍ତି ପାଇଁ ମନୋନୀତ ହୋଇଛନ୍ତି। ରାକେଶଙ୍କ ନିଯୁକ୍ତି ନେଇ ମନ୍ତ୍ରୀ ବିଭୂତିଭୂଷଣ ଜେନା, ପ୍ରମୁଖ ଶାସନସଚିବ ଉଷା ପାଢୀ, ପରିବହନ ଆୟୁକ୍ତ ଅମିତାଭ ଠାକୁର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

ନୂଆପଡ଼ାରେ ବଡ଼ ମିଶ୍ରଣ ପର୍ବ

ବିଜେପିରେ ଯୋଗଦେଲେ ମନୀଷ ଦେବାଙ୍ଗନ

ନୂଆପଡ଼ା/ଭୁବନେଶ୍ୱର, ୩୧।୧୦ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିଚାଲିଛି। ନୂଆପଡା ଉପନିର୍ବାଚନରେ ଏହା ସ୍ପଷ୍ଟ ପରିଲକ୍ଷିତ ହେଉଛି। ଆଜି ନୂଆପଡା ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ଖରିଆର ରୋଡ ଛାତ୍ର ବିଜେଡ଼ି ସଭାପତି ମନୀଷ ଦେବାଙ୍ଗନ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି।

ମୋଦି ଏବଂ ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଉପରେ ନୂଆପଡାବାସୀ ପୂର୍ଣ୍ଣ ଆସ୍ଥା ପ୍ରକଟ କରିଛନ୍ତି। ନୂଆପଡା ଜିଲ୍ଲା ପ୍ରତି ଭଲପାଇବା ଓ ନୂଆପଡା ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ଆମ ସମସ୍ତଙ୍କୁ ପ୍ରଭାବିତ କରିଛି। ରାଜ୍ୟରେ ବିଜେପିର ଡବଲ ଇଂଜିନ ସରକାର କାରଣରୁ ନୂଆପଡା ଜିଲ୍ଲାର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ। ନିର୍ବାଚନମଣ୍ଡଳୀ ବାହାରୁ ପ୍ରାର୍ଥୀ ଆଣି ବିଜେଡି ସ୍ଥାନୀୟ କର୍ମକର୍ତ୍ତାଙ୍କୁ ଅଣଦେଖା କରିଛି। ନିଜ ସ୍ୱାର୍ଥ ପାଇଁ ନୁହେଁ, ନୂଆପଡାର ସ୍ୱାର୍ଥ ପାଇଁ ସେବା କାର୍ଯ୍ୟ ଜାରି ରଖିବି ବୋଲି ଶ୍ରୀ ଦେବାଙ୍ଗନ କହିଛନ୍ତି। ଏହି ଅବସରରେ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ବିଧାୟକ ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଦେବାଙ୍ଗନଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଛନ୍ତି।

● କମ୍-କାର୍ବନ ନିର୍ମାଣ ଅଭ୍ୟାସ ମାଧ୍ୟମ

ନିରନ୍ତର ସହରାଞ୍ଚଳ ବିକାଶରେ ଓଡ଼ିଶା ହେବ ଅଗ୍ରଣୀ

ଭୁବନେଶ୍ୱର, ୩୧।୧୦(ସଂଚାର ବ୍ୟୁରୋ): ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ, ଭୁବନେଶ୍ୱର ଏବଂ ବିକାଶ ବିକଳ୍ପ

ବନ୍ଧନ ବ୍ୟାଙ୍କର ମୋଟ ବ୍ୟବସାୟ ୯% ବୃଦ୍ଧି

୨.୯୮ ଲକ୍ଷ କୋଟିରେ ପହଞ୍ଚିଲା

କୋଲକାତା,୩୧।୧୦(ସଂଚାର ବ୍ୟୁରୋ): ବନ୍ଧନ ବ୍ୟାଙ୍କ ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରିଛି। ବ୍ୟାଙ୍କର ମୋଟ ବ୍ୟବସାୟ ୯% ବୃଦ୍ଧି ପାଇ ୨.୯୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ମୋଟ ଜମାରେ ବ୍ୟାଙ୍କର ଖୁଚୁରା ଅଂଶ ଏବେ ପ୍ରାୟ ୭୧%। ଦ୍ୱିତୀୟ ତ୍ରୈମାସିକରେ ପରିଲକ୍ଷିତ ବ୍ୟବସାୟ ଅଭିବୃଦ୍ଧି ବ୍ୟାଙ୍କର ବିସ୍ତାରିତ ବଣ୍ଟନ ନେଟୱାର୍କ, ଉନ୍ନତ କାର୍ଯ୍ୟକ୍ଷମତା ଏବଂ ଏକ ଅନୁକୂଳ ବ୍ୟବସାୟିକ ପରିବେଶ ଦ୍ୱାରା ପରିଚାଳିତ ହୋଇଥିଲା। ବ୍ୟାଙ୍କ ବର୍ତ୍ତମାନ ଭାରତର ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶ ମଧ୍ୟରୁ ୩୫ଟିରେ ୬, ୩୫୦ରୁ ଅଧିକ ବ୍ୟାଙ୍କିଂ ଆଉଟଲେଟ୍ ମାଧ୍ୟମରେ ୩.୨୩ କୋଟିରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି। ବନ୍ଧନ ବ୍ୟାଙ୍କରେ କାର୍ଯ୍ୟରତ କର୍ମଚାରୀଙ୍କ ମୋଟ ସଂଖ୍ୟା ୭୩, ୫୦୦ ରୁ ଅଧିକ। ଆର୍ଥିକ ବର୍ଷ ୨୦୨୬ର ଦ୍ୱିତୀୟ ତ୍ରୈମାସରେ, ବ୍ୟାଙ୍କ ଏହାର ଜମା ଆଧାରରେ ବର୍ଷ-ବର୍ଷ ୧୧% ଅଭିବୃଦ୍ଧି ପଞ୍ଜୀକୃତ କରିଛି ଏବଂ ଜମା ବହି ବର୍ତ୍ତମାନ ୧.୫୮ ଲକ୍ଷ କୋଟିରେ ପହଞ୍ଚିଛି। ସେହି ଅବଧି ପାଇଁ ମୋଟ ଅଗ୍ରିମ ୧.୪୦ ଲକ୍ଷ କୋଟିରେ ପହଞ୍ଚିଛି। ଚଳନ୍ତି ଆକାଉଣ୍ଟ ଏବଂ ସଞ୍ଚୟ ଆକାଉଣ୍ଟ (ସିଏଏସ୍ଏ) ଅନୁପାତ ୨୮% ରହିଛି। ଆର୍ଥିକ ସ୍ଥିରତାର ଏକ ପ୍ରମୁଖ ସୂଚକ, ବ୍ୟାଙ୍କର ପୁଞ୍ଜି ପର୍ଯ୍ୟାପ୍ତତା ଅନୁପାତ (ସିଏଆର୍) ଏକ ଦୃଢ଼ ୧୮.୬% ରେ ଅଛି, ଯାହା ନିୟାମକ ସୀମାଠାରୁ ବହୁତ ଅଧିକ। ବ୍ୟାଙ୍କର ପ୍ରଦର୍ଶନ ବିଷୟରେ କହିବାକୁ ଗଲେ, ଏମ୍‌ଡି ଏବଂ ସିଇଓ ପାର୍ଥ ପ୍ରତିମ ସେନଗୁପ୍ତା

କହିଛନ୍ତି, 'ବନ୍ଧନ ବ୍ୟାଙ୍କର ବର୍ତ୍ତମାନର ତ୍ରୈମାସିକ ପ୍ରଦର୍ଶନ ବ୍ୟାଙ୍କ ପାଇଁ ଏକ ପରିବର୍ତ୍ତନଶୀଳ ପର୍ଯ୍ୟାୟକୁ ପ୍ରତିଫଳିତ କରେ କାରଣ ଆମେ ଏକ ଅଧିକ ବିବିଧ ଏବଂ ସ୍ଥିର ପୋର୍ଟଫୋଲିଓ ଆଡକୁ ପୁନଃସଜ୍ଜିତ କରିବା ଜାରି ରଖିଛୁ। ଏହି ପରିବର୍ତ୍ତନକୁ ଆଗକୁ ବଢ଼ାଇବା ସହିତ, ଆମେ ଆମର ଅଂଶୀଦାରମାନଙ୍କ ପାଇଁ ସ୍ଥାୟୀ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି ପାଇଁ ଏକ ସନ୍ତୁଳିତ ଲାଭଜନକ ଅଭିବୃଦ୍ଧି ହାସଲ କରିବାକୁ ଚାହୁଁଛୁ। ପ୍ରଯୁକ୍ତିବିଦ୍ୟାରେ ନବସୃଜନ, ଆମର ପ୍ରକ୍ରିୟାଗୁଡ଼ିକୁ ପରିଷ୍କାର କରିବା ଏବଂ ଉତ୍ପାଦ ଏବଂ ଲୋକଙ୍କ କ୍ଷମତା ବୃଦ୍ଧି କରିବା ଉପରେ ଧ୍ୟାନ ଦେଇ, ଆମେ ବନ୍ଧନ ବ୍ୟାଙ୍କ ୨.୦ ପାଇଁ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟକୁ ଚଳାଇବା ପାଇଁ ଭଲ ସ୍ଥିତିରେ ଅଛୁ। ବ୍ୟାଙ୍କ ଖୁଚୁରା ପୋର୍ଟଫୋଲିଓ ବୃଦ୍ଧି ଉପରେ ରଣନୈତିକ ଗୁରୁତ୍ୱ ଦେଇ ଏହାର ସମ୍ପତ୍ତି ଆଧାରକୁ ବିବିଧ କରିବା ଉପରେ ଧ୍ୟାନ ଦେଉଛି। ଦକ୍ଷତା ବୃଦ୍ଧି, ଉତ୍ପାଦକତା ବୃଦ୍ଧି ଏବଂ ଗ୍ରାହକ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ଡିଜିଟାଇଜେସନ୍ ତ୍ୱରାନ୍ୱିତ କରିବା ଏକ ପ୍ରାଥମିକତା ହୋଇ ରହିଛି।

ବରାଦ କଲେ ଦାମୀ ଫୋନ୍, ପାଇଲେ ଟାଇଲ୍

ବେଙ୍ଗାଲୁରୁ,୩୧।୧୦: ଅନ୍‌ଲାଇନ୍‌ରେ କିଛି ବରାଦ କରି ଠକାମୀର ଶିକାର ହେବା କଥା କିଛି ନୂଆ ଜିନିଷ ନୁହେଁ। ପୂର୍ବରୁ ମଧ୍ୟ ଏପରି ବିଭିନ୍ନ ମାମଲା ରେକର୍ଡ ହୋଇଛି। ନିକଟରେ ବେଙ୍ଗାଲୁରୁର ଜଣେ ସଫ୍ଟୱେର୍ ଇଞ୍ଜିନିୟର ପ୍ରେମାନନ୍ଦ ଅନଲାଇନରେ ବରାଦ କରିଥିବା ସାମ୍‌ସଙ୍ଗ୍ ଗ୍ୟାଲାକ୍ସି ଜେଡ୍ ଫ୍ଲୋଡ୍ ୭ ସ୍ମାର୍ଟଫୋନ୍ ବଦଳରେ ଏକ ଟାଇଲ୍ ପାଇଛନ୍ତି। ଯାହା ଫଳରେ ଗ୍ରାହକ ଜଣକ ଆମାଜନ୍ ଡେଲିଭରି ଠକାମୀର ଶିକାର ହୋଇ ୧.୮୬ ଲକ୍ଷ ଟଙ୍କା ହରାଇଛନ୍ତି। ୟେଲାଚେନାହାଲ୍ଲିର ବାସିନ୍ଦା ପ୍ରେମାନନ୍ଦ ଅକ୍ଟୋବର ୧୪ ତାରିଖରେ ନିଜର ଏଚ୍‌ଡିଏଫ୍‌ସି କ୍ରେଡିଟ୍ କାର୍ଡ ବ୍ୟବହାର କରି ଏକ ଦାମୀ ଫୋନ୍ ଆମାଜନ୍‌ରୁ ବରାଦ କରିଥିଲେ। ସେ ବରାଦ କରିବା ବେଳେ ପୂରା ଟଙ୍କା ପେଠ କରି ଦେଇଥିଲେ। ହେଲେ ସେ ଜାଣିନଥିଲେ ଯେ ତାଙ୍କୁ ଏପରି ଠକାମୀର ଶିକାର ହେବାକୁ ପଡ଼ିବ ବୋଲି। ସେ ଉଚ୍ଚମାନର ସ୍ମାର୍ଟଫୋନ୍ ବଦଳରେ ବାକ୍ସ ଭିତରେ କେବଳ ଏକ ବର୍ଗାକାର ଧଳା ଟାଇଲ୍ ପାଇ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏଭଳି ଘଟଣା ଘଟିବା ପରେ ପ୍ରେମାନନ୍ଦ ତୁରନ୍ତ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲରେ ଅଭିଯୋଗ ଦାଖଲ କଲେ ଏବଂ ପରେ କୁମାରସ୍ୱାମୀ ଲେଆଉଟ୍ ପୁଲିସ ଷ୍ଟେସନରେ ଅଭିଯୋଗ କଲେ। ଏହି ଅଭିଯୋଗ ଅନୁଯାୟୀ ଏକ ଏଫଆଇଆର ରୁଜୁ କରାଯାଇଛି। ପୁଲିସ ଏହି ଠକେଇ ପଛରେ ଥିବା ଲୋକଙ୍କୁ ଖୋଜିବା ପାଇଁ ତଦନ୍ତ ଆରମ୍ଭ କରିଛି। ମୁମ୍ବାଇର ଅନ୍ୟ ମାମଲାରେ, ଅଗଷ୍ଟ ମାସରେ ଏକ ଅନଲାଇନ୍ ଡେଲିଭରି ଆପ୍ ମାଧ୍ୟମରେ ଏକ ଲିଟର କ୍ଷୀର ଅର୍ଡର କରିବାକୁ ଚେଷ୍ଟା କରୁଥିବା ସମୟରେ ଜଣେ ୭୧ ବର୍ଷୀୟ ମହିଳା ୧୮.୫ ଲକ୍ଷ ଟଙ୍କା ହରାଇଥିଲେ।

ଆଜିର ସୁନା ଦର

ପୁଣି ବଢିଲା ସୁନା ଏବଂ ରୁପା ଦର । ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର ।ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୨,୬୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୨,୪୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୨,୬୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୨,୪୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୨,୬୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୨,୪୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୨,୮୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୨,୬୦୦ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୩,୨୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୩,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୨,୬୮୦ ଓ ୧,୧୨,୪୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୧,୦୦୦ ଟଙ୍କା ହୋଇଛି ।

ଡ୍ରେସ ଦୋକାନରୁ ସଫଳ ଛତୁଚାଷୀ

ଭୁବନେଶ୍ୱର,୩୧।୧୦ (ସଂଚାର ବ୍ୟୁରୋ): ଡ୍ରେସ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ। ଚାହିଦା ଅନୁଯାୟୀ ସେତେଟା ବିକ୍ରି ବଟା ହେଲା ନାହିଁ । ଲାଭ କାମ ହେବାରୁ କିଛି ଅଲଗା ବାଟ ଆପଣେଇବାକୁ ଭାବି ଚାଷ ଦିଗରେ ମନ ବଳାଇଲେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ କନପାଳ ଗାଁର ବିଧୁଭୂଷଣ ମିଶ୍ର। ଚାଷ ପ୍ରତି ଥିବା ଭଲ ପାଇବା ତାଙ୍କୁ ଛତୁ ଚାଷ ଦିଗରେ ଟାଣି ନେଇଥିଲା। ପ୍ରଥମେ ପ୍ରଥମେ ଜାଣି ପାରୁନଥିଲେ କିପରି ଆଉ କେଉଁ ଭଳି ପରିବେଶରେ ଛତୁ ଚାଷ କରିବେ । ଏଥିପାଇଁ ସେ ଢେଙ୍କାନାଳ କୃଷି ବିଜ୍ଞାନ ସହ ଯୋଗାଯୋଗ କରି ସିବିସାଇ ବିକାଶ ପ୍ରକଳ୍ପ ଅଧୀନରେ ଦିଆଯାଉଥିବା 5 ଦିନିଆ ତାଲିମ ବାବଦରେ ଜାଣି ପ୍ରଶିକ୍ଷଣ ନେଇଥିଲେ । ୨୦ ରୁ ୩୦ ଟି ବେଡ଼ରେ ଛତୁ ଚାଷ ଆରମ୍ଭ କରିଥିବା ବିଧୁଭୂଷଣ ବର୍ତମାନ ମାସକୁ ୫୦ ହଜାର ଯାଏଁ ରୋଜଗାର କରୁଛନ୍ତି । ନିଜ ଖର୍ଚ ସହ ପରିବାରର ସମସ୍ତ ସୁବିଧା ଅସୁବିଧା ମଧ୍ୟ ବୁଝିପାରୁଛନ୍ତି। ଏଥିପାଇଁ ସେ ସିବିସାଇ ବିକାଶ ପ୍ରକଳ୍ପର

ପ୍ରଶିକ୍ଷଣକୁ ଶ୍ରେୟ ଦେଇଛନ୍ତି । ବିଧୁ ବର୍ତମାନ ୩୦୦ ଲେଖାଏଁ ଦୁଇ ଥର ପାଳ ଛତୁ ବେଡ଼ ପକାଉଛନ୍ତି । ଛତୁକୁ କିପରି ଯତ୍ନ ନେବେ, କେଉଁଭଳି ବେଡ଼ ପ୍ରସ୍ତୁତ କରିବେ ଏ ସମସ୍ତ ଦିଗରେ କୃଷି ବିଜ୍ଞାନ କେନ୍ଦ୍ରରୁ ତାଲିମ ପାଇଛନ୍ତି ସେ । ଏଣୁ କୌଣସି ପ୍ରକାର ଅସୁବିଧା ହେଲେ କୃଷି ବୈଜ୍ଞାନିକ ମାନେ ମଧ୍ୟ ଅନେକ ସହାୟତା ଯୋଗାଉଥିବା ବିଧୁ କହିଛନ୍ତି । ଛତୁ ଚାଷରୁ ସମସ୍ତ ଖର୍ଚ ଯାଇ ମାସକୁ ୫୦ ହଜାର ଲାଭ ମିଳୁଥିବା ସେ କହିଛନ୍ତି । ତାଙ୍କ ଅଧୀନରେ ୨ ଜଣଙ୍କୁ ସେ ରୋଜଗାର ମଧ୍ୟ ଦେଇପାରିଛନ୍ତି । ଆଗକୁ ପ୍ରକଳ୍ପ ଅଧୀନରେ ଦିଆଯାଉଥିବା ପନିପରିବା ଚାଷ, ମାଛ ଚାଷ, ଗୋପାଳନ, ଚାରା ରୋପଣ, ଜିଆ ଖତ ପ୍ରସ୍ତୁତି ଆଦି ଅନେକ ପ୍ରଶିକ୍ଷଣ ନେବାକୁ ଇଚ୍ଛା ରଖିଛନ୍ତି ବିଧୁ । ପ୍ରକଳ୍ପ ଅଧୀନରେ ଦିଆଯାଉଥିବା ଏଭଳି ଅନେକ ଚାଷକୁ ଉପଲବ୍ଧ କରି ବିଧୁଭୂଷଣଙ୍କ ଭଳି ଅନେକ ଚାଷୀ ହୋଇପାରିଛନ୍ତି ସଶକ୍ତ ଓ ସ୍ୱାବଲମ୍ବୀ । ଏଣୁ ଯୁବଗୋଷ୍ଠୀ ପ୍ରକଳ୍ପ ଅଧୀନରେ ଦିଆଯାଉଥିବା ସମସ୍ତ ତାଲିମ ନେଇ ରୋଜଗାରକ୍ଷମ ହେବାକୁ ବିଧୁଭୂଷଣ ପରାମର୍ଶ ଦେଇଛନ୍ତି ।

ଓ.ପି. ଜିନ୍ଦଲ ସ୍କୁଲରେ ଜାତୀୟ ଏକତା ଦିବସ ପାଳିତ

ଅନୁଗୁଳ,୩୧।୧୦(ସଂଚାର ବ୍ୟୁରୋ): ଅନୁଗୁଳର ଜିନ୍ଦଲ ନଗରରେ ଅବସ୍ଥିତ ଓ.ପି. ଜିନ୍ଦଲ ସ୍କୁଲ ପକ୍ଷରୁ 'ଭାରତର ଲୌହ ପୁରୁଷ' ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ଜାତୀୟ ଏକତା ଦିବସ ପାଳନ କରାଯାଇଛି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକତା, ଅଖଣ୍ଡତା ଏବଂ ଭାଇଚାରାର ଭାବନାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ଷ୍ଟୋର୍ଟ୍ସ କଂପ୍ଲେକ୍ସ ଠାରେ ଏକ ସ୍ୱତନ୍ତ୍ର ସଭା ସହିତ ଆରମ୍ଭ ହୋଇଥିଲା, ଯେଉଁଠାରେ ସ୍କୁଲର

ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ଭାରତର ଏକୀକରଣରେ ସର୍ଦ୍ଦାର ପଟେଲଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଜାତୀୟ ସଂହତି ଏବଂ ସଦ୍‌ଭାବର ବାର୍ତ୍ତା ପ୍ରସାର ପାଇଁ ଇଣ୍ଟର ହାଉସ୍ ଦୌଡ଼ 'ରନ୍ ଫର୍ ୟୁନିଟି' ଆୟୋଜନ କରାଯାଇଥିଲା। ଏହି ଅବସରରେ ସ୍କୁଲର ଏନସିସି ଛାତ୍ରଛାତ୍ରୀମାନେ ସର୍ଦ୍ଦାର ପଟେଲଙ୍କ ଜୀବନୀ ଏବଂ ଆଦର୍ଶ ଉପରେ ଭାଷଣ ମଧ୍ୟ ଉପସ୍ଥାପନ କରିଥିଲେ। ଜିନ୍ଦଲ ସ୍କୁଲର ପ୍ରଶାସନ ବିଭାଗର ମୁଖ୍ୟ କର୍ଣ୍ଣେଲ ସୁଦୀପ ମାଜି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଜେତା ଏବଂ ଉପବିଜେତାଙ୍କୁ ପଦକ ଏବଂ ପ୍ରମାଣପତ୍ର ମଧ୍ୟ ବଣ୍ଟନ କରାଯାଇଥିଲା। ରାଷ୍ଟ୍ରର ଏକତା ଏବଂ ଅଖଣ୍ଡତା ବଜାୟ ରଖିବା ପାଇଁ ଶପଥ ନେବା ସହ ଉତ୍ସବ ଶେଷ ହୋଇଥିଲା। ଆମ ଦେଶର ପ୍ରଗତି ଏବଂ ସଦ୍‌ଭାବ ପାଇଁ ଏକାଠି କାମ କରିବାକୁ ଏହି କାର୍ଯ୍ୟକ୍ରମ ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲା।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ପେଟ୍ରୋଲ ଏବଂ ଡିଜେଲ ଦାମ୍ ପ୍ରତିଦିନ ବଦଳିଥାଏ । ଆଜି ଅର୍ଥାତ୍ ଅଏଲ ମାର୍କେଟିଂ କମ୍ପାନୀମାନେ ଦେଶର ସମସ୍ତ ରାଜ୍ୟ ପାଇଁ ପେଟ୍ରୋଲ-ଡିଜେଲ ଦାମ୍ ଜାରି କରିଦେଇଛନ୍ତି । ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇନି । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି ।

ଭାରତର ପ୍ରଥମ ସ୍ୱଦେଶୀ ୨୨୦ କେଭି ମୋବାଇଲ ଜିଆଇଏସ୍ ସିଷ୍ଟମର ଶୁଭାରମ୍ଭ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଭାରତର ବିଦ୍ୟୁତ ସରବରାହ କ୍ଷେତ୍ରରେ ଐତିହାସିକ ସଫଳତା ଭାବେ ଦେଶରେ ନିର୍ମିତ ପ୍ରଥମ ସ୍ୱଦେଶୀ ୨୨୦ କେଭି ମୋବାଇଲ ଗ୍ୟାସ-ଇନ୍‌ସୁଲେଟେଡ ସ୍ୱିଚ୍‌ଗିୟର (ଏମ୍-ଜିଆଇଏସ୍) ସିଷ୍ଟମ ତୋସିବା ଟ୍ରାନ୍‌ସମିସନ ଆଣ୍ଡ ଡିଷ୍ଟ୍ରିବ୍ୟୁସନ ସିଷ୍ଟମ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ (ଟିଟିଡିଆଇ) ଦ୍ୱାରା ପାୱାର ଗ୍ରୀଡ୍ କର୍ପୋରେସନ ଅଫ୍ ଇଣ୍ଡିଆ (ପାୱାରଗ୍ରୀଡ୍)କୁ ପ୍ରଦାନ କରାଯାଇଛି। ଏହି ପ୍ରାରମ୍ଭ ଭାରତର ସରବରାହ ନେଟ୍‌ୱାର୍କରେ ବୈଷୟିକ ନବସୃଜନ, ମାନକୀକରଣ ଏବଂ ଗୁରୁତ୍ୱପୂର୍ଣ୍ଣ ଅଗ୍ରାଧିକାର ଦେବାରେ ପାୱାରଗ୍ରୀଡ୍‌ର ନେତୃତ୍ୱକୁ ପୁନର୍ବାର ପ୍ରମାଣିତ

କରିଛି। ୨୨୦ କେଭି ଏମ୍-ଜିଆଇଏସ୍ ସିଷ୍ଟମକୁ ପାୱାରଗ୍ରୀଡ୍‌ର ପରିଚାଳନାଗତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ଡିଜାଇନ ଏବଂ ନିର୍ମାଣ କରାଯାଇଛି। ପତାକା ଦେଖାଇ ଔପଚାରିକ ଭାବେ ତେଲେଙ୍ଗାନାସ୍ଥିତ ଟିଟିଡିଆଇ ଉତ୍ପାଦନ କେନ୍ଦ୍ରରୁ ଏହି ସିଷ୍ଟମର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ବାମ୍‌ସି ରାମ ମୋହନ ବୁର୍ରା (ନିର୍ଦ୍ଦେଶକ - ପ୍ରକଳ୍ପ), ରାଜିଲ ଶ୍ରୀବାସ୍ତବ (କାର୍ଯ୍ୟକାରୀ ନିର୍ଦ୍ଦେଶକ - ପରିସମ୍ପତ୍ତି ପରିଚାଳନା), ଏବଂ ଶ୍ରୀ ଅଭୟ କୁମାର (ସିଜିଏମ୍ - ଭାରପ୍ରାପ୍ତ ଇଞ୍ଜିନିୟରିଂ) ପ୍ରମୁଖ ଉପସ୍ଥିତ ରହିଥିଲେ। ଗ୍ୟାସ୍-ଇନ୍‌ସୁଲେଟେଡ ସ୍ୱିଚ୍‌ଗିୟର (ଜିଆଇଏସ୍) ଏକ ସଂହତ ଏବଂ ଅତ୍ୟନ୍ତ ଭରସାଯୋଗ୍ୟ ପ୍ରଣାଳୀ ହୋଇଥିବା ବେଳେ ଏହାର ବ୍ୟବହାର ସୁରକ୍ଷିତ ଏବଂ ଦକ୍ଷ ଭାଓ୍ୱେ ଉଚ୍ଚ-ଭୋଲ୍‌ଟେଜ ବିଦ୍ୟୁତ ବିତରଣ କରିବା ପାଇଁ ହୋଇଥାଏ, ବିଶେଷକରି ସେହିପରି ସ୍ଥାନରେ ଯେଉଁଠି ଜାଗା ସୀମିତ ରହିଥାଏ। ଗତିଶୀଳତା ଏବଂ ତ୍ୱରିତ ପ୍ରତିକ୍ରିୟାର ଆବଶ୍ୟକତାକୁ ଦୃଷ୍ଟିରେ ରଖି, ପାୱାରଗ୍ରୀଡ୍ ଏକ ମୋବାଇଲ ଜିଆଇଏସ୍ (ଏମ୍-ଜିଆଇଏସ୍) ସମାଧାନର ପରିକଳ୍ପନା ଏବଂ ବୈଷୟିକ ରୂପରେଖ ପ୍ରସ୍ତୁତ କରିଥିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନର୍ଭାହ କରିଛି।

ଜିଓ ବ୍ୟବହାରକାରୀଙ୍କୁ ୧୮ ମାସ ପାଇଁ ମାଗଣାରେ ମିଳିବ ଗୁଗୁଲ୍ ଏଆଇ ପ୍ରୋ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଏବଂ ଗୁଗୁଲ୍ ଆଜି ଏକ ପ୍ରମୁଖ ରଣନୈତିକ ସହଭାଗୀତା ଘୋଷଣା କରିଛନ୍ତି, ଯାହା ଅଧୀନରେ ଉଭୟ କମ୍ପାନି ଭାରତରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାରକୁ ଦ୍ରୁତ ଭାବରେ ବିସ୍ତାର କରିବା ପାଇଁ ଏକାଠି କାମ କରିବେ। ଏହି ସହଭାଗୀତାର ସ୍ୱତନ୍ତ୍ରତା ହେଉଛି ଜିଓ ବ୍ୟବହାରକାରୀମାନେ ୧୮ ମାସ ପାଇଁ ଗୁଗୁଲ ଏଆଇ ପ୍ରୋ ପ୍ଲାନ ର ମାଗଣା ପ୍ରବେଶ ବା ଆକ୍ସେସ ପାଇବେ। ଏହି ପ୍ଲାନର ମୂଲ୍ୟ ପ୍ରତି ଉପଯୋଗକର୍ତ୍ତାଙ୍କ ପାଇଁ ପ୍ରାୟ ୩୫,୧୦୦ ଟଙ୍କା ରହିଥିବା ବେଳେ, ଏହି ସହଭାଗିତା ଅଧୀନରେ ଏହା ମାଗଣାରେ ଉପଲବ୍ଧ ହେବ। ଗୁଗୁଲ୍ ଜେମିନି ୨.୫ ପ୍ରୋ, ନୂତନତମ ନାନୋ ବନାନା, ଏବଂ ଭିଓ ୩.୧ ମଡେଲ୍ ସହିତ ଚମତ୍କାର ଚିତ୍ର ଏବଂ ଭିଡିଓ ତିଆରି କରିବା ପାଇଁ ଉପଭୋକ୍ତାମାନେ ବିସ୍ତାରିତ ଲିମିଟ ପାଇବେ। ଅଧ୍ୟୟନ ଏବଂ ଗବେଷଣା ପାଇଁ ନୋଟବୁକ୍ ଏଲଏମର ବର୍ଦ୍ଧିତ ଆକ୍ସେସ ଏବଂ ୨ ଟିବି କ୍ଲାଉଡ୍ ଷ୍ଟୋରେଜ୍ ଭଳି ପ୍ରିମିୟମ୍ ସେବା ମଧ ଏହି ଅଫରରେ ଅନ୍ତର୍ଭୁକ୍ତ ରହିଛି।

● ଧିଙ୍ଗରୀ ଛତୁ ଦିଗରେ ଆଗ୍ରହୀ ଚାଷୀ

ଓୟୁଏଟିର ପ୍ରଶିକ୍ଷଣ ପାଇଁ ସ୍ୱାବଲମ୍ବୀ ଅଶୋକ

ଭୁବନେଶ୍ୱର,୩୧।୧୦ (ସଂଚାର ବ୍ୟୁରୋ): ଛତୁ ଏକ ପୁଷ୍ଟିକର ସ୍ୱାଦିଷ୍ଟ ଖାଦ୍ୟ ହୋଇଥିବାବେଳେ ଛତୁ ଚାଷ ଲାଭକାରୀ ମଧ୍ୟ ଅଟେ। ଏଣୁ ପ୍ରଚୁର ପୋଷାକ ତତ୍ତ୍ୱରେ ଭରପୁର ଛତୁ ଚାଷ ଦିଗରେ ଏବେ ଚାଷୀ ଅଧିକ ଆଗ୍ରହୀ ହେଲେଣି । ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ଦରି ଗାଓଁର ଅଶୋକ କୁମାର ମହନ୍

ରାଷ୍ଟ୍ରୀୟ ଏକତା ଦିବସ ଓ ଏକତା ଦୌଡ଼

ପଟ୍ଟାମୁଣ୍ଡାଇ,୩୧।୧୦ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା, ଏମ ଏନ ହାଇସ୍କୁଲ ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ଓ ଏକତା ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୮ଟା ସମୟରେ ପଟ୍ଟାମୁଣ୍ଡାଇ ବାଇପାସ ଠାରୁ ଏମ ଏନ ହାଇସ୍କୁଲ ପର୍ଯ୍ୟନ୍ତ ଏକତା ଦୌଡ଼ କରାଯାଇଥିଲା । ଏଥିରେ ଏମ ଏନ ହାଇସ୍କୁଲ, ପଟ୍ଟାମୁଣ୍ଡାଇ କଲେଜ ଏନ ସି ସି, ସ୍କାଉଟ, ଛାତ୍ରଛାତ୍ରୀ ଓ ବିଭିନ୍ନ ବର୍ଗର ଲୋକମାନେ ସାମିଲ ହୋଇଥିଲେ।

ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଦୌଡ଼ର ଶୁଭାରମ୍ଭ କରିଥିଲେ। ଏହାପରେ ଏମଏନ ହାଇସ୍କୁଲ ଠାରେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଆଇ ଆଇ ସି ବନ୍ଦନା ପାତ୍ର ଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ନାୟକ ମୁଖ୍ୟଅତିଥି ପଟ୍ଟାମୁଣ୍ଡାଇ କଲେଜ ପ୍ରାଧାପକ କ୍ୟାପ୍ଟେନ ଶ୍ରୀ ମନୋଜ ପରିଡା ମୁଖ୍ୟବକ୍ତା, ଏମ ଏନ ହାଇସ୍କୁଲ ପ୍ରଧାନଶିକ୍ଷକ ଅଶୋକ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦେଶର ଏକତା ଅଖଣ୍ଡତା, ଦେଶ ପ୍ରେମ ସମ୍ପର୍କରେ ଆଲୋକପାତ କରିଥିଲେ।

ଏଇ ଅବସରରେ ରାଷ୍ଟ୍ରୀୟ ଏକତା ଉପରେ ଗଣ ଶପଥ ପାଠ କରାଯାଇଥିଲା ଏଇ ଅବସରରେ ଆୟୋଜିତ ବକ୍ତୃତା, ରଙ୍ଗୋଲି ଆଦି ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିବାବେଳେ ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ଦିଆଯାଇଥିଲା।

ବିଞ୍ଝାରପୁର ବ୍ଲକରେ ଭତ୍ତା କେଳେଙ୍କାରୀ ଘଟଣା

ସ୍ଥଗିତ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଦେବାକୁ ନିର୍ଦ୍ଦେଶ

ବିଞ୍ଝାରପୁର,୩୧।୧୦ (ସଂଚାର ବ୍ୟୁରୋ): ବିଂଝାରପୁର ବ୍ଲକର ଜରି ପଞ୍ଚାୟତର କିଛି ଭତ୍ତା ହିତାଧିକାରୀ ସେମାନଙ୍କର ୨୦୨୧-୨୨ ମସିହାର ବେକେୟା ଏକ ବର୍ଷର ଭତ୍ତା ଟଙ୍କା ପାଇନଥିବା ଅଭିଯୋଗରେ ମାନ୍ୟବର ଓଡିଶା ହାଇକୋର୍ଟରେ ରିଟ କରିଥିଲେ। ମାନ୍ୟବର ହାଇକୋର୍ଟ କେଶର ବିଚାର କରି ଯାଜପୁର ଜିଲ୍ଲାପାଳଙ୍କୁ ସମସ୍ତ କାଗଜ ପତ୍ର ତନଖି କରି ସେମାନଙ୍କ ଦାବିକୁ ବିଚାରକୁ ନେଇ ଚାରି ସପ୍ତାହ ମଧରେ ନ୍ୟାୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ବିଡ଼ିଓ ବିଂଝାରପୁର ଓ କେଶ କରିଥିବା ପକ୍ଷଙ୍କୁ ଏ ସମ୍ପର୍କିତ ସମସ୍ତ କାଗଜ ପତ୍ର ସହିତ ଲିଖିତ ରିପୋର୍ଟ ଜିଲ୍ଲାପାଳଙ୍କ କୋର୍ଟରେ ଦାଖଲ କରିବାକୁ ଚିଠି ଦ୍ୱାରା ଅବଗତ କରିଥିଲେ। କିନ୍ତୁ କେଶ ଆଦୌ ବିଚାର ନହୋଇଥିବା ବେଳେ ବେଆଇନ ଭାବେ ବିଂଝାରପୁର ବ୍ଲକର ଜରି, ବାଙ୍ଗରା, ଉଡରଙ୍ଗ ଓ ଉତଙ୍ଗରା ଆଦି ପଞ୍ଚାୟତର ୧୬୩ଜଣଙ୍କ ଭତ୍ତାକୁ ଅକ୍ଟୋବର ମାସରୁ ସାମୟିକ ଭାବେ ବନ୍ଦ କରିଦେଇଥିଲେ।

ଏହାପରେ ଜରି ଓ ଅନ୍ୟ ପଞ୍ଚାୟତର ଭତ୍ତା ହିତାଧିକାରୀ ଜିଲ୍ଲାପାଳଙ୍କୁ ଏ ବିଷୟରେ ଲିଖିତ ଅଭିଯୋଗ କରିଥିଲେ। ଗତକାଲି ମାନନୀୟ ଜିଲ୍ଲାପାଳଙ୍କ କୋର୍ଟରେ ବିଚାର ହୋଇ ଆସନ୍ତା ତିନି ଦିନ ମଧରେ ଚାରି ବର୍ଷ ଧରି ପାଇଅସୁଥିବା ଭତ୍ତା ହିତାଧିକାରୀଙ୍କ ଭତ୍ତା ଟଙ୍କା ପ୍ରଦାନ କରିବାକୁ ବିଡ଼ିଓ, ବିଂଝାରପୁରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣା ପଡିଛି। ବକେୟା ଭତ୍ତା ଟଙ୍କାର ବିଚାର ଆଗାମୀ ଧାର୍ଯ୍ୟ ତାରିଖ ରେ କାଗଜ ପତ୍ର ଯାଞ୍ଚ କରି ବିଚାର କରାଯିବ ବୋଲି ଅବଗତ କରାଇଥିଲେ। ଅଭିଯୋଗକରଙ୍କ ପକ୍ଷରୁ ଆଡ଼ ଭୋକେଟ ଶ୍ରୀ କୁଳମଣି ନାୟକ ପରିଚାଳନା କରୁଥିଲେ ଓ ବିଚାର ସମୟରେ ବିଡ଼ିଓ ,ବିଂଝାରପୁର ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉପସ୍ଥିତ ଥିଲେ।

ମନୋହରପୁର ଅନନ୍ତ ଗୋପାଳ ପୀଠରେ ରାଧାପାଦ ଦର୍ଶନ

ସାଲେପୁର,୩୧।୧୦ (ସଂଚାର ବ୍ୟୁରୋ): ଆଜି ପବିତ୍ର ଅଁଳା ନବମୀ ଅବସରରେ ସାଲେପୁର ବ୍ଲକ ପିକୋଳ ପଞ୍ଚାୟତ ମନୋହରପୁର ଗ୍ରାମରେ ଥିବା ଅନନ୍ତ ଗୋପାଳ ମନ୍ଦିରରେ ରାଧାପାଦ ଦର୍ଶନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାକ୍ଷୀଗୋପାଳରୁ ଆଜ୍ଞାମାଳ ଆଣି ମନ୍ଦିରରେ ଯଥା ରୀତିନୀତି ଅନୁଯାୟୀ ରାଧାପାଦ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜି ଅଁଳା ନବମୀ ପରିପ୍ରେକ୍ଷୀରେ ରାଧାକୃଷ୍ଣ ମୂର୍ତ୍ତିଙ୍କ ସ୍ୱତନ୍ତ୍ର ସ୍ନାନ କରାଯାଇ ସ୍ୱତନ୍ତ୍ର ରୀତିନୀତିରେ ପୂଜାର୍ଚ୍ଚନା କରାଯାଇ ରାଧାପାଦ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଏହି ପରିପ୍ରେକ୍ଷୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଆଖପାଖ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରାଧାପାଦ ଦର୍ଶନ କରିବା ସହ ମାତୃକୃପା ଲାଭ କରିଥିଲେ।

ରାଧାପାଦ ଦର୍ଶନ କରିବାକୁ ମନ୍ଦିରରେ ଭିଡ଼

କାକଟପୁର/ଅସ୍ତରଙ୍ଗ,୩୧।୧୦ (ସଂଚାର ବ୍ୟୁରୋ): କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିକୁ ଅଁଳା ନବମୀ ଭାବେ ପାଳନ କରାଯାଏ। ଏହା ଅକ୍ଷୟ ନବମୀ ନାଁରେ ମଧ ଜଣାଯାଏ। ଏହି ଦିନ ଶ୍ରଦ୍ଧାଳୁ ଶ୍ରୀରାଧାପାଦ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ କରିଥାନ୍ତି। ହିନ୍ଦୁ ଧର୍ମରେ ଅଁଳା ନବମୀର ବିଶେଷ ମହତ୍ୱ ରହିଛି। ଏହି ଦିନ ଅଁଳା ଗଛକୁ ପୂଜା କରାଯାଏ। ଅଁଳା ଶ୍ରୀହରି ବିଷ୍ଣୁଙ୍କ ପ୍ରିୟ ଫଳ। ଏହି ବୃକ୍ଷରେ ସମସ୍ତ ଦେବା ଦେବୀ ବାସ କରନ୍ତି ବୋଲି ବିଶ୍ୱାସ ରହିଛି। ଅଁଳା ଗଛର ପୂଜାର୍ଚ୍ଚନା କରି ଅଖଣ୍ଡ ଆରୋଗ୍ୟ ଓ ପରିବାର ସୁଖ ସମୃଦ୍ଧି କାମନା କରାଯାଇଥାଏ। ପବିତ୍ର ରାଧା ପାଦ ଦର୍ଶନ ଅବସରରେ ଓଡ଼ିଆଣି ବେଶରେ ରାଧାରାଣୀ। ନଟବର ବେଶରେ ଶ୍ରୀକୃଷ୍ଣ। ଏଭଳି ସୁନ୍ଦର ବେଶ ଦେଖିବାକୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବରାଙ୍ଗ ଗ୍ରାମର ରାଧାକୃଷ୍ଣ ମନ୍ଦିରରେ ଶୁକ୍ରବାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ରାଧାଙ୍କ ପାଦ ଦର୍ଶନ ପାଇଁ ସୌଭାଗ୍ୟ ପ୍ରାପ୍ତି କରିବା ସହ ଭକ୍ତ ମନ୍ଦିର ନିକଟରେ ଅଁଳା ବୃକ୍ଷକୁ ପୂଜାର୍ଚ୍ଚନା କରିଥିଲେ। ଅନ୍ୟ ପଟେ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।ବିଭିନ୍ନ ଗ୍ରାମରେ ଥିବା ଅଁଳା ବୃକ୍ଷକୁ ପୂଜାର୍ଚ୍ଚନା ସହ ଅଁଳା ବୃକ୍ଷ ମୂଳରେ ପ୍ରସ୍ତୁତ ପ୍ରସାଦ କୁ ବୃକ୍ଷ ତଳେ ବସି ଭୋଜନ କରିଥିଲେ ଶ୍ରଦ୍ଧାଳୁ। କୁହାଯାଏ ସମଗ୍ର କାର୍ତ୍ତିକ ମାସର ପୁଣ୍ୟ ଏହି ଗୋଟିଏ ଦିନରେ ପ୍ରାପ୍ତ ହୋଇଥାଏ।

ମଗଡ଼ିଙ୍ଗିଆରେ ଖେଳ ପଡ଼ିଆର ଉନ୍ନତିକରଣ କେବେ ?

କନ୍ଧମାଳ,୩୧।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କନ୍ଧୁଆଗାଁ ବ୍ଲକ ବଞ୍ଚଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ମଗଡ଼ିଙ୍ଗିଆ ଗ୍ରାମର ଖେଳ ପଡ଼ିଆ ବ୍ଲକ ଓ ପଞ୍ଚାୟତ ପ୍ରଶାସନ ଦ୍ୱାରା ନିର୍ମାଣ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ଖେଳ ପଡ଼ିଆର ଅବସ୍ଥା କହିଲେ ନ ସରେ ଲଗାଣ ବର୍ଷାରେ ଧୋଇ ହୋଇ ଯାଉଛି ଯାହା ଫଳରେ ଯୁବ ଗୋଷ୍ଠୀ ବର୍ତ୍ତମାନ ସେହି ଖେଳ ପଡ଼ିଆରେ ଖେଳିବା ପାଇଁ ମଧ ସୁରକ୍ଷିତ ମନେ କରୁନାହାଁନ୍ତି କାରଣ ପ୍ରାୟ ଦଶ ଫୁଟ ପାଖାପାଖି ରାସ୍ତାରୁ ଉପରେ ରହୁଥିବାରୁ ଖେଳ ପଡ଼ିଆର ମାଟି ଖସି ଖସି ଆସୁଛି ଖେଳ ପଡ଼ିଆ ପାଇଁ ମୁଖ୍ୟ ଦାବି ଗୁଡ଼ିକ ହେଉଛି ଖେଳ ପଡ଼ିଆ ପାର୍ଶ୍ୱରେ ଗାଡ଼ୱାଲ୍ ପାନୀୟଜଳ ର ବ୍ୟବସ୍ଥା ଦର୍ଶକଙ୍କ ପାଇଁ ଗାଡ଼ୱାଲ୍ ଡ୍ରେସିଂ ରୁମ୍ ଓ ପାନୀୟଜଳ ଆଦି ନିର୍ମାଣ ପୂର୍ବରୁ ଏହି ବିଷୟ ନେଇ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ଏବଂ ଜିଲ୍ଲାପାଳ ସମସ୍ତଙ୍କୁ ଦାବି ଦିଆଯାଇଥିଲା ! ବର୍ତ୍ତମାନ ବାଲିଗୁଡ଼ା ବିଧାୟକ ଶ୍ରୀଯୁକ୍ତ ଚକ୍ରମଣି କହଁର ଦାବି ଜଣାଇଛନ୍ତି ମଗଡ଼ିଙ୍ଗିଆ ଗ୍ରାମର କିଛି ଯୁବ ଗୋଷ୍ଠୀ ଆଜିକା ସମୟରେ ଛଟ ଛଟ ଗ୍ରାମ ଗୁଡ଼ିକରେ ମଧ୍ଯ ଖେଳ ପଡ଼ିଆ ନିର୍ମାଣ ହୋଇଯାଇଛି ମଗଡ଼ିଙ୍ଗିଆ ଏକ ବଡ଼ ଗ୍ରାମ ହୋଇଥିବା ବେଳେ ବାଲିଗୁଡ଼ା ବିଧାୟକ ଶ୍ରୀଯୁକ୍ତ ଚକ୍ରମଣି କହଁର ଛଡ଼ା ଅନ୍ୟ ପ୍ରଶାସନ ଏହି ଖେଳ ପଡ଼ିଆକୁ କାହିଁକି ସମସ୍ତେ ଅଣଦେଖା କରୁଛନ୍ତି ତାହା ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହା ଉପରେ ବିଚାର ବିମର୍ଶ କରିବା ଆବଶ୍ୟକ ବୋଲି ଯୁବ ଗୋଷ୍ଠୀ ମତ ପ୍ରକାଶ କରିଛନ୍ତି। ଜଜ୍

ରାସ୍ତା ପାର୍ଶ୍ୱରୁ ଶାଳ ଗଛ କାଟି ଦଖଲି ଫେରାର

ଫିରିଙ୍ଗିଆ,୩୧।୧୦ (ସଂଚାର ବ୍ୟୁରୋ): ସରକାର ପରିବେଶ ବଞ୍ଚାଅ ଜୀବନ ବଞ୍ଚାଅ ନାରା ଦେବା ସହ ବୃକ୍ଷ ରୋପଣ କରିଛନ୍ତି। ଏହି କିଛି ଦିନ ତଳେ ଆମ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ନିଜ ୭୫ ତମ ଜନ୍ମ ଦିନରେ ସମଗ୍ର ଓଡ଼ିଶାରେ ୭୫ ଲକ୍ଷ ଗଛ ଲଗେଇବାକୁ ସଂକଳ୍ପ କରି ଚାରା ରୋପଣ କରିଥିଲେ। ଓଡ଼ିଶାର ପ୍ରତ୍ୟେକ ସରକାରୀ ବେସରକାରୀ ଅନୁଷ୍ଠାନ ସମେତ ବିଭିନ୍ନ କାର୍ଯ୍ୟାଳୟରେ ଚାରା ରୋପଣ କରାଯାଇଛି। ହେଲେ ଗୋଟିଏ ପଟେ ସରକାର ଚାର ରୋପଣ ଓ ତାର ଯତ୍ନ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅନ୍ୟ ପଟେ ରାସ୍ତା ସାଇଟ୍ ର ମୂଲ୍ୟବାନ

ଶାଳ ଗଛ କାଟି ଦଖଲି ଫେରାର ହୋଇଥିବା ଅଭିଯୋଗ ହୋଇଛି। ଯାହା ଫଳରେ ବାଲନ୍ଦାପଡ଼ା ଠାରୁ ବୃଡିଗୁଡ଼ା ଦେଇ ରାଇଗୁଡ଼ା କୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତାରେ ଆଜି ଯାନବାହାନ ଚଳାଚଳ ଠପ୍ ହୋଇଥିଲା। ବନ ବିଭାଗ ଅଧିକାରୀଙ୍କୁ ରାଇଗୁଡ଼ା ଯୁବକ ସଂଘ ଗୋଷ୍ଠୀ ଅନୁରୋଧ କରିଛନ୍ତି ଏହି ମୂଲ୍ୟବାନ ଶାଳ ଗଛ କାଟି ଫେରାର ହେଲା କିଏ ଏନେଇ ଅଧିକ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଇଗୁଡ଼ା ଯୁବକ ସଂଘ ଗୋଷ୍ଠୀ ଦାବି କରିଛନ୍ତି।

ପୁଲିସ ପକ୍ଷରୁ ଏକତା ଗଣଦୌଡ଼

ସାଲେପୁର,୩୧।୧୦ (ସଂଚାର ବ୍ୟୁରୋ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସାଲେପୁର ପୁଲିସ ପକ୍ଷରୁ ଏକତା ଗଣ ଦୌଡ଼ କାର୍ଯ୍ୟକ୍ରମ ସାଲେପୁରଠାରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଆଦର୍ଶ ଥାନା ଅଧିକାରୀ ଅନିତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଏକତା ଦୌଡ଼ରେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ତେନ୍ତୋଳ ଗ୍ରାମର ଜନସାଧାରଣ ଓ ସାଲେପୁର ଥାନାର ସମସ୍ତ କର୍ମଚାରୀମାନେ ସାମିଲ ହୋଇ ହରିଚନ୍ଦନପୁର ବ୍ୟାରେଜ୍ ଛକ ଠାରୁ ତେନ୍ତୋଳ ପଦନେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଏକତା ଦୌଡ଼ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ଓ ଏକତା ବନ୍ଧୁତା ସ୍ଥାପନ କରିବା ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏହି ଦୌଡ଼ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାଲେପୁର ଥାନା ସବ୍‌ଇନିସ୍ପେକ୍ଟର ଶ୍ରଦ୍ଧାଞ୍ଜଳି ସେନାପତି, ନୀଳମାଧବ ପଣ୍ଡା, ଶୁଭେନ୍ଦୁ ମିଶ୍ର ଙ୍କ ସମେତ ବହୁ ପୁଲିସ କର୍ମଚାରୀ ଓ ସାଲେପୁର କଲେଜ, ସ୍କୁଲ ଓ ସ୍ଥାନୀୟ ଜନସାଧାରଣ ଏଥିରେ ସାମିଲ ହୋଇ ପ୍ରାୟ ୨କି.ମି. ରାସ୍ତାରେ ଦୌଡ଼ିଥିଲେ।

ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ

ବିଞ୍ଝାରପୁର,୩୧।୧୦ (ସଂଚାର ବ୍ୟୁରୋ): ବିଞ୍ଝାରପୁର ଥାନା ପକ୍ଷରୁ ସିଂହପୁର ସ୍ଥିତ ନବଘନ ମହନ୍ତ ମାୟାଧର ସରକାରୀ ଉ.ପ୍ରା ବିଦ୍ୟାଳୟ ପରିସରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜୟନ୍ତୀ ଓ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ସାମଲ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଞ୍ଝାରପୁର ଥାନା ଅଧିକାରୀ ରଂଜନ କୁମାର ମଲ୍ଲିକ,ମଞ୍ଚଳ ଶିକ୍ଷା ଅଧିକାରୀ ସତ୍ୟବ୍ରତ ମିଶ୍ର ସମେତ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଓ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ତଥା କଳା ଶିକ୍ଷକ ଦିନେଶ କୁମାର ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ବିଦ୍ୟୁତ୍ କଟିଲେ ବିଏସ୍‌ଏନ୍‌ଏଲ୍ ନେଟୱର୍କ ଆସୁନି

ଫିରିଙ୍ଗିଆ,୩୧।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସଦରମହକୁମା ସ୍ଥିତ ବିଏସ୍‌ଏନ୍‌ଏଲ୍ ନେଟୱର୍କଟି ଇଲେକ୍ଟ୍ରି କଟିଲେ ନେଟୱର୍କ କଟୁଚି ଅଭିଯୋଗ ପରେ ମଧ ସୁଧୁରୁନି ଅଞ୍ଚଳରେ ସମସ୍ୟା । ସୂଚନା ପ୍ରକାରେ ଖଜୁରୀପଡ଼ା ଅଞ୍ଚଳରେ ସବୁ ଅଫିସ ଓ ବ୍ୟାଙ୍କ ସେବା କେନ୍ଦ୍ର ଗୁଡ଼ିକରେ ବିଏସ୍‌ଏନ୍‌ଏଲ୍ ନେଟ ବ୍ୟବହାର କରୁଥିବା ବେଳେ ବିଏସ୍‌ଏନ୍‌ଏଲ୍ ନେଟୱର୍କଟି ଇଲେକ୍ଟ୍ରି ବାରମ୍ବାର କଟିବା ଫଳରେ ନେଟୱର୍କ କଟି ଯିବାରୁ ବଜାରର ସମସ୍ତ ବ୍ୟାଙ୍କ ,କିଓସ୍କ ବ୍ୟାଙ୍କ, ଜନସେବା କେନ୍ଦ୍ର ଓ ସରକାରୀ ଅଫିସ ଗୁଡ଼ିକରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାହା ଫଳରେ କେନ୍ଦ୍ର ଓ ଅଫିସ ଗୁଡ଼ିକରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି ଜନସାଧାରଣ ତଦ ସହିତ ଜିଓ , ବିଏସ୍‌ଏନ୍‌ଏଲ୍ ନେଟୱର୍କ ଗୋଟିଏ ଠାରେ ବସି ଥିବାରୁ ଜିରୋ ନେଟୱର୍କ ଠିକ୍ ଭାବେ କାମ କରୁନି କି ଘର ଭିତରକୁ ଆଦୌ ଆସୁ ନ ଥିବା କହିଛନ୍ତି ଅଧିକାରୀ ମାନେ ଏଥିପାଇଁ ଖଜୁରୀପଡ଼ା ଅଞ୍ଚଳ ପକ୍ଷରୁ ବିଏସ୍‌ଏନ୍‌ଏଲ୍ ଅଧିକାରୀଙ୍କୁ ଏବଂ ଜିଲ୍ଲାପ୍ରଶାସନକୁ

ଜଣାଇ ଦୀର୍ଘ ଦିନ ବିତି ଯାଇଥିଲେ ମଧ ସୁଧୁରୁନି ସମସ୍ୟା । ତେଣୁ ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ଏଥିପ୍ରତି ଉଚ୍ଚ କତୃପକ୍ଷ ଦୃଷ୍ଟି ଦେଇ ଉକ୍ତ ସମସ୍ୟାକୁ ସମାଧାନ କରିବା ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଗଣଦୌଡ଼

ସୁନ୍ଦରଗଡ଼,୩୧।୧୦ (ସଂଚାର ବ୍ୟୁରୋ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ସୁନ୍ଦରଗଡ଼ଠାରେ ଆୟୋଜିତ ହୋଇଯାଇଅଛି ଏକ ଗଣଦୌଡ଼।

ଏହି ଅବସରରେ ଓଡ଼ିଶା ବିଧାନ ସଭାର ମାନ୍ୟବର ଉପ ବାଚସ୍ପତି ତଥା ମାନ୍ୟବର ବିଧାୟକ ତଳସରା ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ପୌର ପରିଷଦର ଅଧକ୍ଷା ଶ୍ରୀମତୀ ତନୟା ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ସୁନ୍ଦରଗଡ଼ ବିଜେପି ସଭାପତି ଗିରିଶ ଚନ୍ଦ୍ର ସାହୁ, ଯୋଗ ଦେଇଥିଲେ। "ଏକ ଭାରତ, ଆତ୍ମନିର୍ଭର ଭାରତ"ର ବାର୍ତ୍ତା ନେଇ ଆୟୋଜିତ ଏହି ଏକତା ଦୌଡ଼କୁ ଅତିଥି ମାନେ ଶୁଭାରମ୍ଭ କରିଥିଲେ। ଅତିଥି ମାନେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହା ସହିତ ସମସ୍ତେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ରାଷ୍ଟ୍ର ର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ସହିତ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ନିଜକୁ ସମର୍ପଣ କରିବାକୁ ଶପଥ ପାଠ କରିଥିଲେ।

ଏହି ଗଣ ଦୌଡ଼ଟି ବିର୍ସା ମୁଣ୍ଡା ଛକଠାରୁ ଆରମ୍ଭ ହୋଇ ରାଉରକେଲା ଛକ, ବି.ଏସ. ହାଇସ୍କୁଲ ଛକ, ଷ୍ଟେଟ ବ୍ୟାଙ୍କ ଛକ, ଡି ଆର ଡି ଏ ଛକ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ଏଥିରେ ଜିଲ୍ଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ , ସ୍ୱେଚ୍ଛାସେବୀ ଦିଲ୍ଲୀପ ପଟେଲ

ସିନେମା

ରିଲିଜ ହେଲା ‘ବାହୁବଳୀ: ଦ ଏପିକ୍’

୧୦ କୋଟି ଅତିକ୍ରମ କରିଥିବା ପ୍ରଥମ ଭାରତୀୟ ରି-ରିଲିଜ ଫିଲ୍ମ

ସିନେମା ହଲ୍‌କୁ ଫେରିଛି ଫିଲ୍ମ ନିର୍ମାତା ଏସ୍ ଏସ୍ ରାଜମୌଲିଙ୍କ ମାଷ୍ଟରପିସ୍ । ହେଲେ ଏଥର ଏହା ରିଲିଜ ପୂର୍ବରୁ ରେକର୍ଡ ଭାଙ୍ଗିବାରେ ଲାଗିଛି। ବାହୁବଳୀ: ଦ ବିଗିନିଂ ଏବଂ ବାହୁବଳୀ ୨: ଦ କନକ୍ଲୁଜନ୍ ର ଏଡିଟ ଭର୍ସନ 'ବାହୁବଳୀ: ଦ ଏପିକ୍' ଅକ୍ଟୋବିର ୩୧, ଶୁକ୍ରବାର ରିଲିଜ ହୋଇଛି। ହେଲେ ରିଲିଜ ପୂର୍ବରୁ ଫିଲ୍ମ ଆଡଭାନ୍ସ ବୁକିଂରେ ରେକର୍ଡ କରିଛି । ୧୦ କୋଟି ଟଙ୍କାର ଆଡଭାନ୍ସ ବୁକିଂ ସହ ବିଶ୍ୱ ବକ୍ସ ଅଫିସ୍‌ରେ ଧମାକା କରିଛି । ଏହାକୁ ନେଇ ଅନୁମାନ କରାଯାଉଛି ଯେ ଫିଲ୍ମ ପ୍ରଥମ ଦିନରେ ମୋଟା ଅଙ୍କର ଆୟ କରି ନୂଆ ରେକର୍ଡ ସୃଷ୍ଟି କରିବ । ତେବେ ସାକନିକଙ୍କ ଅନୁଯାୟୀ, ଭାରତ ଏବଂ ବିଦେଶ ପାଇଁ ମିଳିତ ପ୍ରି-ସେଲ୍ସ 'ବାହୁବଳୀ:ଦ ଏପିକ୍' କୁ ତାମିଲ ଅଭିନେତା ବିଜୟଙ୍କ 'ଗିଲି' ଏବଂ ତେଲୁଗୁ ଅଭିନେତା ମହେଶ ବାବୁଙ୍କ 'ଖଲେଜା' ଦ୍ୱାରା ସ୍ଥିର କରାଯାଇଥିବା ପୁଣି-ରିଲିଜ ମାନଦଣ୍ଡକୁ ଅତିକ୍ରମ କରିଦେଇଛି । ଫିଲ୍ମଟି କେବଳ ଭାରତରୁ ୫ କୋଟି ଟଙ୍କାର ଆଡଭାନ୍ସ ବୁକିଂ ରେକର୍ଡ କରିଛି। ସେହିପରି ଉତ୍ତର ଆମେରିକାରୁ ୫ କୋଟି ଟଙ୍କା ଆସିଛି। ପ୍ରଭାସ, ରାଣା ଦଗ୍ଗୁବତୀ, ଅନୁଷ୍କା ସେଟ୍ଟି, ତମନ୍ନା ଭାଟିଆ ଏବଂ ସତ୍ୟରାଜଙ୍କ ଅଭିନୀତ ପ୍ରାୟ ୩ ଘଣ୍ଟା ୪୫ ମିନିଟର ଏକ କଟ୍ ସଂସ୍କରଣକୁ ଏହାର ଥିଏଟର ପ୍ରତ୍ୟାବର୍ତ୍ତନ ପାଇଁ ପୁନଃମାଷ୍ଟର କରାଯାଇଛି । ଅନେକ ଦୃଶ୍ୟକୁ ଟ୍ରିମ୍ କରାଯାଇଛି, ଏବଂ ଅଧିକ ନିମଜ୍ଜିତ ଦେଖିବା ଅଭିଜ୍ଞତା ପାଇଁ ଭିଜୁଆଲ୍ସକୁ ଉନ୍ନତ କରାଯାଇଛି । ବାହୁବଳୀ: ଦ ଏପିକ୍ ସାରା ବିଶ୍ୱରେ ୧୧୫୦ରୁ ଅଧିକ ଥିଏଟରରେ ପୁଣି ପ୍ରଦର୍ଶିତ ହେଉଛି । ଏହି ଚଳଚ୍ଚିତ୍ରଟି ଆମେରିକାରେ ୪୦୦ରୁ ଅଧିକ ଥିଏଟରରେ, ୟୁକେ ଏବଂ ଆୟର୍ଲ୍ୟାଣ୍ଡରେ ୨୧୦, ୟୁଏଇ ଏବଂ ଜିସିସି ଅଞ୍ଚଳରେ ୧୫୦ ରୁ ଅଧିକ, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲ୍ୟାଣ୍ଡରେ ୧୪୪ ଏବଂ ଦକ୍ଷିଣ ପୂର୍ବ ଏସିଆରେ ୧୦୦ରୁ ଅଧିକ ଥିଏଟରରେ ପ୍ରଦର୍ଶିତ ହେବ । ତେବେ ବାହୁବଳୀ: ଦ ଏପିକ୍ କେବଳ ରେକର୍ଡ ଭାଙ୍ଗିବ ନାହିଁ ବରଂ ବିଶ୍ୱବ୍ୟାପୀ ଭାରତୀୟ ସିନେମା ପାଇଁ ନୂତନ ମାନଦଣ୍ଡ ସ୍ଥାପନ କରିବ ବୋଲି ଆଶା କରାଯାଉଛି । ବାଣିଜ୍ୟ ବିଶ୍ଳେଷକମାନେ ଆକଳନ କରୁଛନ୍ତି ଯେ ଏହି ଚଳଚ୍ଚିତ୍ରଟି ୧୦କୋଟି ଟଙ୍କା ଅତିକ୍ରମ କରିଥିବା ପ୍ରଥମ ଭାରତୀୟ ରି-

ଏକତା କପୁରଙ୍କ ପ୍ରୋଜେକ୍ଟ ସାଇନ କଲେ ନିତାଂଶୀ

ଦେବରକୋଣ୍ଡାଙ୍କ ସହ ସ୍କ୍ରିନ୍ ସେୟାର

ଗୋଟିଏ ପରେ ଗୋଟିଏ ଦମ୍‌ଦାର ପ୍ରୋଜେକ୍ଟକୁ ନେଇ ଖବରର ଶିରୋନାମା ହୋଇଛନ୍ତି ନିତାଂଶୀ ଗୋଏଲ । କିରନ ରାଓଙ୍କ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଫିଲ୍ମ 'ଲାପତା ଲେଡିଜ୍'ରେ ଦର୍ଶକୀୟ ଆବୃତି ପାଇବା ପରେ ନିଜର ପ୍ରତିଭା ପାଇଁ ଖୁବ୍ ଲୋକପ୍ରିୟତା ସାଉଁଟୁଛନ୍ତି । ସଦ୍ୟ ରିପୋର୍ଟ ଅନୁସାରେ, ଏକତା କପୁରଙ୍କ ଆଗାମି ପ୍ରୋଜେକ୍ଟରେ ଅଭିନୟ କରିବେ ନିତାଂଶୀ । ବର୍ତ୍ତମାନ ପାଇଁ ନିର୍ମାତା ଫିଲ୍ମ ବିଷୟରେ କୌଣସି ତଥ୍ୟ ସାର୍ବଜନୀନ କରିନାହାନ୍ତି । ନିତାଂଶୀ ଏବେ ଆଉ ଏକ ପ୍ରୋଜେକ୍ଟର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏହାକୁ ଶେଷ କରି ଖୁବ୍‌ଶୀଘ୍ର ଏକତାଙ୍କ ପ୍ରୋଜେକ୍ଟରେ ଯୋଗ ଦେବେ ବୋଲି ଶୁଣିବାକୁ ମିଳୁଛି । ଆହୁରି ଚର୍ଚ୍ଚା ହେଉଛି, ନିତାଂଶୀ ନୂଆ ପ୍ରୋଜେକ୍ଟରେ ତେଲୁଗୁ ଷ୍ଟାର୍ ଆନନ୍ଦ ଦେବରକୋଣ୍ଡାଙ୍କ ସହ ସ୍କ୍ରିନ୍ ଶେୟାର କରିବେ । ଏହା ତାଙ୍କ ସିନେ କ୍ୟାରିଅରରେ ଆଉ ଏକ ଅଧ୍ୟାୟ ଯୋଡ଼ିବ ।

କର୍କଟ ପୀଡ଼ିତଙ୍କୁ ଫିଲ୍ମର ସବୁ ଫି’ ଦାନ କରିବେ ବିବେକ

ବି ଟାଉନରେ ବିବେକ ଓବରଏଙ୍କୁ ନେଇ ବିବାଦ ଯେତିକି ହୁଏ ଚର୍ଚ୍ଚା ବି ସେତିକି କରାଯାଏ । ହେଲେ ଏବେ ବଲିଉଡର ଏହି ଷ୍ଟାର କୌଣସି ବିବାଦ ନୁହେଁ ବରଂ ବଡ଼ପଣ ପାଇଁ ଖବରର ହେଡଲାଇନ୍ ପାଲଟିଛନ୍ତି । ମନୋରଞ୍ଜନ ଦୁନିଆରେ ମନ ଜିଣିଥିବା ବିବେକ ଏବେ କର୍କଟ ପୀଡ଼ିତଙ୍କୁ ସହାୟତା ଦେବାର ନିଷ୍ପତ୍ତି ନେଇ ସମସ୍ତଙ୍କ ହୃଦୟକୁ ଜିତି ଯାଇଛନ୍ତି। ବିବେକ ଓବରଏ ଏବେ ଅନେକ ବର୍ଷର ବ୍ୟବଧାନ ପରେ ବଡ଼ ପରଦାକୁ ଫେରୁଛନ୍ତି । ତାଙ୍କ ପାଖରେ ଏବେ ଅନେକ ପ୍ରୋଜେକ୍ଟ ରହିଛି, ଯେଉଁଥିରୁ ଗୋଟିଏ ହେଉଛି ନିତେଶ ତିୱାରୀଙ୍କ ବହୁ ପ୍ରତୀକ୍ଷିତ ନିର୍ଦ୍ଦେଶିତ ଫିଲ୍ମ "ରାମାୟଣ"। ସୁପରଷ୍ଟାର ରଣବୀର କପୁର ଏବଂ ସାଇ ପଲ୍ଲବୀ ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ବେଳେ ବିବେକ ଲଙ୍କାପତି ରାବଣଙ୍କ ଭାଇ ବିଭୀଷଣଙ୍କ ଭୂମିକାରେ ନଜର ଆସିବେ ବୋଲି ଜଣାପଡ଼ିଛି । ଫ୍ୟାନ୍ସ ମାନେ ଏହି ସିନେମା ପାଇଁ ଉତ୍ସାହର ସହିତ ଅପେକ୍ଷା କରିଥିବା ବେଳେ ବିବେକଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଜଣାପଡ଼ିଛି ଯେ, ବିବେକ ଏହି ଫିଲ୍ମ ପାଇଁ ପାରିଶ୍ରମିକ ନନେଇ ଏହାକୁ କର୍କଟ ପୀଡ଼ିତ ଶିଶୁଙ୍କ ପାଇଁ ଦାନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି ।

ହାପି ବର୍ଥ ଡେ ଧର୍ମେଶ

ଜଣାଶୁଣା ବଲିଉଡ୍ କୋରିଓଗ୍ରାଫର ତଥା ଅଭିନେତା ଧର୍ମେଶ ୟେଲାଣ୍ଡେ ଆଜି ତାଙ୍କର ୪୨ତମ ଜନ୍ମଦିନ ପାଳନ କରୁଛନ୍ତି। "ଡ୍ୟାନ୍ସ ପ୍ଲସ୍"ରେ ପୂର୍ବରୁ ଜଜ୍ ଥିବା ଧର୍ମେଶଙ୍କ ସଫଳତା କାହାଣୀ ଅନେକଙ୍କୁ ପ୍ରେରଣା ଦେଇପାରେ। ଯଦିଓ ସେ ଆଜି ଲକ୍ଷ ଲକ୍ଷ ରୋଜଗାର କରନ୍ତି,କିନ୍ତୁ ଦିନେ ସମୟ ଥିଲା ଯେତେବେଳେ ସେ ପିଅନ ଭାବରେ କାମ କରୁଥିଲେ ଏବଂ ଏକ ଷ୍ଟଲରେ ମିସାଲ ପାଓ ମଧ୍ୟ ବିକ୍ରି କରୁଥିଲେ। ଧର୍ମେଶ ଏକ ସାକ୍ଷାତକାରରେ ପ୍ରକାଶ କରିଥିଲେ ଯେ, ସେ ଜଣେ ନୃତ୍ୟଶିଳ୍ପୀ ହେବା ପାଇଁ ୧୮ ବର୍ଷ ଧରି ସଂଘର୍ଷ କରିଥିଲେ। ସେ ପୂର୍ବରୁ ଛୋଟ ପିଲାମାନଙ୍କୁ ତାଲିମ ଦେଉଥିଲେ।

ରାଗିଗଲେ ଅମୀରଙ୍କ ଗର୍ଲଫ୍ରେଣ୍ଡ ଗୌରୀ

ବଲିଉଡ ଅଭିନେତା ଅମୀର ଖାନ। ତାଙ୍କ ପ୍ରେମିକା ଗୌରୀ ବର୍ତ୍ତମାନ ଦେଶ ଚର୍ଚ୍ଚାରେ ଅଛନ୍ତି। ଯେବେଠୁ ଅମୀର ଗୌରୀଙ୍କ ପ୍ରେମରେ ପଡିଲେଣି ସେବେଠୁ ମିଡିଆ ତାଙ୍କ ପିଛା ଛାଡୁନି। ଗୌରୀ ଯୁଆଡେ ଯାଉଛନ୍ତି ଫଟୋଗ୍ରାଫର୍ ବି ତାଙ୍କ ପଛେ ପଛେ ହାଜର ହେଉଯାଉଛନ୍ତି। ଏହାକୁ ଦେଖି ସେ ଖୁବ୍ ରାଗିଯାଇଛନ୍ତି। ନିକଟରେ ବାନ୍ଦ୍ରାରେ କାମ ପାଇଁ ବାହାରକୁ ଯାଉଥିବା ସମୟରେ, ଫଟୋଗ୍ରାଫର ତାଙ୍କୁ ଘେରି ରହିଥିଲେ। ଏହା ଦେଖି ସେ ବିରକ୍ତ ହୋଇ ପଛକୁ ହଟିଯିବାକୁ ଅନୁରୋଧ କରିଥିଲେ। ଗାଡିରୁ ଓହ୍ଲାଇବା ସମୟରେ, ସେ ଭିଡିଓରେ କହୁଥିବା ଶୁଣାଯାଉଛି, "ମୋତେ କାହିଁକି ଫଲୋ କରୁଛ, ମୋତେ ଏକା ଛାଡିଦିଅ । ଏହା ପ୍ରଥମ ଥର ନୁହେଁ ଯେତେବେଳେ ଗୌରୀଙ୍କୁ କ୍ୟାମେରାକୁ ଏଡାଇ ଯାଉଥିବାର ଦେଖାଯାଇଛି। ପୂର୍ବରୁ ସେ ଫଟୋଗ୍ରାଫରଙ୍କ ପାଇଁ ପୋଜ୍ ଦେବାକୁ ମନା କରିଥିବାର ନଜର ଆସିଥିଲେ ।

ଇମରାନ ହାଶମୀଙ୍କ ସହ ଅପ୍‌କମିଂ ଫିଲ୍ମ ‘ହକ୍’ରେ ୟାମି

ଅପ୍‌କମିଙ୍ଗ ଫିଲ୍ମ ‘ହକ୍’ରେ ଇମରାନ ହାଶମୀଙ୍କ ସହ ବଡ଼ପରଦାକୁ ଆସିବେ ୟାମି ଗୌତମ। ଫିଲ୍ମଟି ତିନ ତଲାକ ଭଳି ଏକ ସମ୍ବେଦନଶୀଳ ବିଷୟ ଉପରେ ପର୍ଯ୍ୟବେସିତ। ଏହାପୂର୍ବରୁ ଏକାଧିକ ସାମାଜିକ ବିଷୟ ଆଧାରିତ ଫିଲ୍ମରେ କାମ କରିଛନ୍ତି ୟାମି। ଏହି ସ୍ଥିତିରେ ତାଙ୍କ ଫିଲ୍ମ ପସନ୍ଦକୁ ଦୃଷ୍ଟିରେ ରଖି ତାଙ୍କୁ ‘ରାଷ୍ଟ୍ରବାଦୀ’ ଅଭିନେତ୍ରୀ ଟ୍ୟାଗ୍ ଦିଆଯାଉଛି । ଏହା ଉପରେ ୟାମି ପ୍ରତିକ୍ରିୟା ଦେଇ କହିଛନ୍ତି, ସେ ଏଭଳି ସମ୍ବୋଧନକୁ ଗମ୍ଭୀରତାର ସହ ନିଅନ୍ତି ନାହିଁ । କେବଳ କାମ ଉପରେ ଧ୍ୟାନ ଦିଅନ୍ତି ।‘ହକ୍’ର ଟ୍ରେଲର୍ ଲଞ୍ଚ୍ ଅବସରରେ ୟ । ମି ଙ୍କୁ କାହିଁକିରାଷ୍ଟ୍ରବାଦୀ କୁହାଯାଉଛି ବୋଲି ପ ଚ ର । ଯ । ଇ ଥି ଲ । । ୟାମିକହିଲେ, ମୁଁ ଏହା ଜାଣିନଥିଲି । ଲୋକେ ଆଜି ଗୋଟିଏ ଟ୍ୟାଗ୍‌ଲଗାଉଛନ୍ତି। କାଲି ଆଉ କିଛି ଲଗାଇବେ । ପ୍ରଥମେ ମୋତେ ଅଞ୍ଚର୍‌ରେଟେଡ୍ କୁହାଯାଉଥିଲା । ତା'ପୂର୍ବରୁ ଆଉ କିଛି କୁହାଯାଉଥିଲା । ଏ ସବୁ ବଦଳୁଥାଏ । ମୁଁ ଏସବୁ ଉପରେ ଧ୍ୟାନ ଦିଏନାହିଁ । ମୋତେ ଯେଉଁ ସୁଯୋଗ ମିଳୁଛି,ଯେଉଁ କାହାଣୀ ଶୁଣିବାକୁ ମିଳୁଛି ତା'ର ନିଜସ୍ୱ ମହତ୍ୱ ଓ ଆବଶ୍ୟକତା ଅଛି । ଆମେ ତାକୁ ମନୋରଞ୍ଜନ ମାଧ୍ୟମରେ ଉପସ୍ଥାପନ କରୁଛୁ ।

ପୂରା ବଦଳି ଯାଇଛନ୍ତି ଶ୍ରୀକ୍ରିଷ୍ଣା ସିରିୟଲର କୃଷ୍ଣ

ରାମାନନ୍ଦ ସାଗରଙ୍କ ଦୂରଦର୍ଶନରେ ଆସୁଥିବା ଶୋ' ଶ୍ରୀକ୍ରିଷ୍ଣା ମନେଥିବ। ଏହି ଶୋ' ୧୯୯୩ରୁ ୧୯୯୯ ଯାଏ ଟେଲିକାଷ୍ଟ ହୋଇଥିଲା। ଏହି ଧାର୍ମିକ ସିରିୟଲରେ ଲିଡ୍ ରୋଲ୍‌ରେ ସର୍ବଦମନ ବାନାର୍ଜୀ ନଜର ଆସିଥିଲେ। ଏହି ସମୟରେ ସେ ଏତେ ଲୋକପ୍ରିୟ ହୋଇଥିଲେ ଯେ , ତାଙ୍କୁ ଦେଖିବା କ୍ଷଣି ଲୋକେ ଆଶୀର୍ବାଦ ନେବାକୁ ଭିଡ଼ ଜମାଉ ଥିଲେ। ସର୍ବଦମନ ଏବେ ୬୦ ବର୍ଷ ବୟସର ହୋଇ ଗଲେଣି ଏବଂ ତାଙ୍କର ଜୀବନ ପୂରା ବଦଳି ଯାଇଛି। ସେ ଚାକଚକ୍ୟକୁ ଛାଡ଼ି ଋଷିକେଶରେ ଏକ ଯୋଗ , ମେଡିଟେସନ ସେଣ୍ଟର ଚଳାଉଛନ୍ତି। ଏହି ମଧ୍ୟରେ କିଛି ଫିଲ୍ମରେ ସେ ଛୋଟ ଛୋଟ ରୋଲ୍ ମଧ୍ୟ କରିଛନ୍ତି।

ଭଙ୍ଗାବ୍ରିଜ୍‌ରୁ ଛାତ୍ରୀ ପଡ଼ି ଆହତ

କଣାସ,୩୧।୧୦ (ସଂଚାର ବ୍ୟୁରୋ): କଣାସ ବ୍ଲକ ଏବଂ ବ୍ରହ୍ମଗିରି ବ୍ଲକକୁ କରମଳା ଠାରେ ଲୁଣାନଦୀ ଉପରେ ସଂଯୋଗ କରୁଥିବା ସେତୁଟି ଦୀର୍ଘଦିନ ହେଲା ଭାଙ୍ଗିଯାଇଥିବାରୁ ବାରମ୍ବାର ଦୁର୍ଘଟଣାମାନ ଘଟୁଛି। ପ୍ରତ୍ୟେକ ଦିନ ଅଭିରାମ ପରମହଂସଙ୍କ ସହସହ ଭକ୍ତ ଏହି ସେତୁଦେଇ ଶାନ୍ତିଧାମ ଆଶ୍ରମକୁ ଆସନ୍ତି ଏବଂ ଅଭିରାମ ନୋଡାଲ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଦୈନନ୍ଦିନ ଏହି ସେତୁ ଉପରଦେଇ ବିଦ୍ୟାଳୟକୁ ଆସିଥାଆନ୍ତି। ଆଜି ନବମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ନାୟକ ଏହି ସେତୁ ଦେଇ ଆସୁଥିବାରୁ ସେତୁର ଦୁଇପାଶ୍ୱ ବାଡ ଭାଙ୍ଗିଯାଇଥିବାରୁ ଅପର ପାର୍ଶ୍ୱରୁ ଆସୁଥିବା ଏକ ଯାନକୁ ଦେଖି ସେତୁରେ ସାଇଟ୍ ହୋଇଯିବାରୁ ନଦୀ ଭିତରକୁ ଖସିପଡ଼ିଥିଲେ। ନଦୀ ଭିତରେ ଅଳ୍ପପରିମାଣର ଜଳ ସହିତ ଦଳ ଥିବାରୁ ସାମାନ୍ୟ ଆହାତ ହୋଇଥିଲେ। ଛାତ୍ରୀ ଜଣ ଖସିପଡ଼ିବା ପରେ ସ୍ଥାନୀୟଜନ ସାଧାରଣଙ୍କ ମଧ୍ୟରେ ତିବ୍ର ଉତେଜନା ପ୍ରକାଶ ପାଇଥିଲା। ଏହି ସେତୁ ତୁରନ୍ତ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ସତ୍ୟବାଦୀ ବିଧାୟକ, ବ୍ରହ୍ମଗିରି ବିଧାୟକ ଏବଂ କେତେକ ମନ୍ତ୍ରୀଙ୍କ ନିକଟରେ ଦାବୀ କରିଆସୁଥିଲେ ମଧ୍ୟ ସେତୁ ନିର୍ମାଣ କାର୍ଯ୍ୟ ହୋଇ ପାରୁନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତିବ୍ରଅସନ୍ତୋଷ ଦେଖାଦେଇଛି।

୧୬ ବର୍ଷ ହେଲାଣି ସମସ୍ୟା ଭୋଗୁଛନ୍ତି ଛାତ୍ରୀ

ବିଦ୍ୟାଳୟଠୁ ହଷ୍ଟେଲ୍ ଦୂରତା ୨କିମି

ଚିତ୍ରକୋଣ୍ଡା,୩୧।୧୦(ସଂଚାର ବ୍ୟୁରୋ): ଉପାନ୍ତ ଅଞ୍ଚଳରେ ସ୍କୁଲ ଯିବା ପାଇଁ ସଂଘର୍ଷ କରୁଛନ୍ତି ଛାତ୍ରୀ । ସ୍କୁଲରେ ପହଞ୍ଚିବାକୁ ହଷ୍ଟେଲରୁ ଚାଲିଚାଲି ଦୁଇ କିଲୋମିଟର ଯାଉଛନ୍ତି ଛାତ୍ରୀ । ଖାଲି ସେତିକି ନୁହେଁ ବିଦ୍ୟାଳୟରେ ପିଇବା ପାଣି, ବିଜୁଳି ଭଳି ଅନେକ ସମସ୍ୟା ରହିଛି । ଯାହାର ସମାଧାନ ହୋଇପାରୁନି। ପାଠ ପଢ଼ିବା ପାଇଁ କୋମଳମତି ଶିଶୁଙ୍କ ସଂଘର୍ଷ । ବିଦ୍ୟାଳୟଟି ଚିତ୍ରକୋଣ୍ଡା ବ୍ଲକ ଜାନିଗୁଡ଼ାରେ ଥିବା ବେଳେ ୨ କିମି ଦୂର ଟନେଲ୍‌କ୍ୟାମ୍ପ ଗାଁରେ ରହିଛି ହଷ୍ଟେଲ୍ । ତେଣୁ ୧୬ ବର୍ଷ ହେଲାଣି ଏହିଭଳି ଭାବେ ରାଜ୍ୟ ରାଜପଥରେ ଲାଇନ୍ ଲଗାଇ ସ୍କୁଲ ଯାଉଛନ୍ତି ଛାତ୍ରୀ । ତଥାପି ପ୍ରଶାସନର ନଜର ପଡୁନି । ସେହିଭଳି ଟନେଲ କ୍ୟାମ୍ପରେ ଥିବା ଛାତ୍ରୀ ନିବାସରେ ପିଇବା ପାଣି, ବିଦ୍ୟୁତ ଭଳି ଅନେକ ସମସ୍ୟା ରହିଛି । ଏନେଇ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଉପରିସ୍ଥ ଅଧିକାରୀଙ୍କୁ ନଜଣାଇ ଚୁପ ବସିଛନ୍ତି ! ଖାଲି ସେତିକି ନୁହେଁ, ପ୍ରଧାନ ଶିକ୍ଷକଙ୍କ ବଦଳରେ ହଷ୍ଟେଲ୍ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କ ଇଚ୍ଛିତ୍‌ରେ ବିଦ୍ୟାଳୟ ପରିଚାଳିତ ହେଉଥିବା ଭଳି ଅଭିଯୋଗ ଆଣିଛନ୍ତି ଅଭିଭାବକ । ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ପଢ଼ାଇବା ପାଇଁ ବିଦ୍ୟାଳୟରେ ୬ ଜଣ ଶିକ୍ଷକ ଅଛନ୍ତି । ଫଳରେ ପାଠପଢ଼ାରେ ସମସ୍ୟା ସୃଷ୍ଟି ହେଉଛି । ଏସବୁ ସମସ୍ୟାର ସମାଧାନ ଦିଗରେ ଧ୍ୟାନ ଦେବାକୁ ଦାବି ହୋଇଛି ।

ପୁଲିସ ପକ୍ଷରୁ ସାଇବର ସଚେତନତା ଶିବିର

ବୈଶିଙ୍ଗା,୩୧।୧୦ (ସଂଚାର ବ୍ୟୁରୋ): ସାରା ଦେଶରେ ସାଇବର କ୍ରାଇମ ବଢ଼ି ଚାଲିଥିବା ବେଳେ ଲୋକ ଙ୍କ ମଧ୍ୟରେ ସଚେତନତା ଅଭାବରୁ ଧନ ଜନ ହାନି ଘଟୁଥିବା ଯୋଗୁଁ ବିପଦ ବଢ଼ି ବଢ଼ି ଚାଲିଛି। ରାଜ୍ୟ ସରକାର ଏହାର ନିରାକରଣ ପାଇଁ ରାଜ୍ୟର ସମସ୍ତ ଥାନା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଭିନ୍ନ କଲେଜ ମାନଙ୍କରେ ସାଇବର ସଚେତନତା ଶିବିର ମାଧ୍ୟମରେ ସଚେତନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧି ଡିଗ୍ରୀ ମହାବିଦ୍ୟାଳୟରେ ବୈଶିଙ୍ଗା ପୋଲିସ ପକ୍ଷରୁ ଏକ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ମମତା ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବୈଶିଙ୍ଗା ଥାନାର ଅଧିକାରୀ ମାନେ ଯୋଗଦେଇ ସାଇବର କ୍ରାଇମ ପାଇଁ ପିଲାମାନଙ୍କୁ ସଚେତନ କରାଇଥିଲେ।

ଏକତା ଦିବସରେ 'ଏକତା ଗଣଦୌଡ଼' କାର୍ଯ୍ୟକ୍ରମ

ଧାମନଗର,୩୧।୧୦ (ସଂଚାର ବ୍ୟୁରୋ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ସାରା ଦେଶରେ ପାଳନ କରାଯାଇଛି। ଏହି ଉପଲକ୍ଷେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡିଶା ପୋଲିସ ତରଫରୁ 'ଏକତା ଗଣଦୌଡ଼' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଧାମନଗର ପୋଲିସ ପକ୍ଷରୁ ଏସ୍ ଡି ପି ଓ ତ୍ରିଲୋଚନ ସେଠାଙ୍କ ଅଧ୍ୟକ୍ଷତାରେ ଆଇଆଇସି ରଞ୍ଜନ କୁମାର ସେଠାଙ୍କ ସଂଚାଳନାରେ ରାଷ୍ଟ୍ରୀୟ ଏକତା ଦିବସ ମହା ଆଡମ୍ବରରେ ପାଳନ କରାଯାଇଛି। ଶୁକ୍ରବାର ସକାଳ ୭ଟା ସମୟରେ ଧାମନଗର ପୋଲିସ ଓ ପ୍ରଶାସନ ପକ୍ଷରୁ ମେଡିକାଲ ବଜାର ଠାରୁ 'ଏକତା ଦୌଡ଼' ଆରମ୍ଭ ହୋଇ 'ରାଷ୍ଟ୍ରୀୟ ଏକତା ଦିବସ' ଓ 'ବନ୍ଦେ ମାତରମ୍' ସହ ବିଭିନ୍ନ ସ୍ଲୋଗାନ ଦୁଇ ବଜାର ପରିକ୍ରମା କରି ଧାମନଗର ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚି ସେଠାରେ ରାଷ୍ଟ୍ରୀୟ ଏକତା ଦିବସ ସମ୍ପର୍କରେ ଅତିଥି ସୂଚନା ପ୍ରଥମ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍‌ଏସିଅଧ୍ୟକ୍ଷା ନିବେଦିତା ଜେନା, ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରି ଦିନ୍ଦା, ବିଦ୍ୟୁତ ବିଗତ ଏସ୍ ଡି ଓ ଶିବପ୍ରସାଦ ଦାଶ, ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇ ସର୍ଦାର ବଲ୍ଲଭଭାଇ ପଟେଲ ଜଣେ ରାଷ୍ଟ୍ରବାଦୀ ନେତା ଭାବେ ସ୍ମରଣ କରି, ଜାତୀୟ ଏକତା ଓ ଅଖଣ୍ଡତାର ସନ୍ଦେଶ ପ୍ରଦାନ କରିବା ସହ ଶ୍ରେଷ୍ଠ ଭାରତ ଗଠନ ଓ ରାଷ୍ଟ୍ରରେ ନାଗରିକ ମାନଙ୍କ ଏକତା ଓ ସକରାତ୍ମକ ମନୋଭାବ ବଢ଼ାଇବା ପାଇଁ ଏକତା ଦୌଡ଼ରେ ସାମିଲ ହୋଇ ଶପଥ ଗ୍ରହଣ କରିଥିଲେ।

ବିଜୁକୁଡିଆ ଗ୍ରାମର ମହିଳା ୩୫ଲକ୍ଷ ଟଙ୍କା ଠକିଥିବା ଅଭିଯୋଗ

ବୈଶିଙ୍ଗା,୩୧।୧୦(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ପଞ୍ଚାୟତର ବିଜୁକୁଡ଼ିଆ ଗ୍ରାମରେ ଜନୈକା ମହିଳା ବିଭିନ୍ନ ପ୍ରଲୋଭନ ଦେଖାଇ ଗ୍ରାମ ର ଏସଏଚଜି ଗୃପ୍ ର ମହିଳା ମାନଙ୍କ ଠାରୁ ୩୫ ଲକ୍ଷ ଟଙ୍କା ଠକି ନେଇଥିବା ବୈଶିଙ୍ଗା ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ବିଜୁକୁଡିଆ ଗ୍ରାମର କରୁଣାକର ବେହେରା ଙ୍କ ସ୍ତ୍ରୀ ନିନି ସିଂ ସେହି ଗ୍ରାମ ଏବଂ ମୋହନପୁର ଗ୍ରାମ ର ୩୩ ଜଣ ମହିଳାଙ୍କୁ ବିଭିନ୍ନ ବ୍ୟାଙ୍କ ରେ ଖାତା ଖୋଲିବା ଏବଂ ଲୋନ କରାଇଦେବା ନାମରେ ୩୫ ଲକ୍ଷ ଟଙ୍କା ଠକି ନେଇ ଫେରାର ହୋଇଯାଇଥିବା ଜଣାଯାଇଛି । ଏହି ବ୍ୟାଙ୍କ ଗୁଡିକ ମଧ୍ୟରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏକ୍ସିସ ବ୍ୟାଙ୍କ, ଇଉନିଅନ ବ୍ୟାଙ୍କ, ୟୁକେ ବ୍ୟାଙ୍କ,ଭାରତୀୟ ଷ୍ଟେଟ ବ୍ୟାଙ୍କ,ଫୁଜିୟନ ଫାଇନାନ୍ସ, ଭାରତ ଫାଇନାନ୍ସ, ଗ୍ରାମୀଣ କୋଟା ଫାଇନାନ୍ସ, ଅନ୍ନପୂର୍ଣ୍ଣା ଫାଇନାନ୍ସ,ନାବଫିନ୍ ଫାଇନାନ୍ସ ,ବନ୍ଧନ ଫାଇନାନ୍ସ ଆଦି ସଂସ୍ଥାରୁ ଅଭିଯୋଗକାରୀ ୩୩ ଜଣ ମହିଳାଙ୍କ ନାମରେ ଲୋନ କରାଯାଇଥିବାର ଜଣାଯାଇଛି । ବ୍ୟାଙ୍କ ମାନଙ୍କରୁ ନୋଟିସ ଆସିବାପରେ ସେମାନେ ଜାଣିବାକୁ ପାଇଥିଲେ ।

କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଚାରା ବଣ୍ଟନ

କଣାସ,୩୧।୧୦(ସଂଚାର ବ୍ୟୁରୋ): ସିରେଇ ଗ୍ରାମପଞ୍ଚାୟତର ତିପୁରୀ ଠାରେ ପ୍ରତିଷ୍ଠିତ ସ୍ୱାସ୍ଥ୍ୟସେବୀ ଅନୁଷ୍ଠାନ ପଲ୍ଲୀ ସଂସ୍କୃତି କଳା ପରିଷଦ ପକ୍ଷରୁ ଆଜି କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ୩ଶହରୁ ଉର୍ଦ୍ଧ୍ୱ ଡାଳଚିନି, ବଉଳ, ଡାଳିମ୍ବ, ଅଁଳା ପ୍ରଭୃତି ୩ଶହରୁ ଉର୍ଦ୍ଧ୍ୱ ଚାରା କଣାସ ବ୍ଲକ ଅତିରିକ୍ତ ବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍ ଚାଷୀମାନଙ୍କୁ ବଣ୍ଟନ କରି ନିଜ ପୁଅ ଝିଅର ଯତ୍ନ ନେଲାଭଳି ଗଛର ଯତ୍ନ ନେବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ପୋଗ୍ରାମ୍ ଅଫିସର୍ ଆୟସକାନ୍ତ ଭୋଇ ଏବଂ କଳାପରିଷଦର ସଂଯୋଜକ ଅପତି ମହାପାତ୍ର ଉପସ୍ଥିତ ରହିଥିଲେ।

ଏକତା ଦିବସରେ ଦୌଡିଲା ବିଜ୍ଞାରପୁର

ବିଜ୍ଞାରପୁର,୩୧।୧୦(ସଂଚାର ବ୍ୟୁରୋ): ଅକ୍ଟୋବର ୩୧ ତାରିଖ ଭାରତରତ୍ନ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଫୁଉଁ ଉପଲକ୍ଷେ ସାଗାଦେଶ ଏକତା ଦିବସ ପାଳନ କରୁଥିଛି।ଏହି ଅବସରରେ ବିଜ୍ଞାରପୁର ପୋଲିସ ପକ୍ଷରୁ ରାଷ୍ଟ୍ର ନିର୍ମାଣ, ନିଶାମୁକ୍ତ ସମାଜ, ସ୍ୱଦେଶୀ ଚିନ୍ତାଧାରାର ସଚେତନତାଗ ବାର୍ତ୍ତା ନେଇ ଏକତା ଦୌଡ ଅନୁଷ୍ଠିତ ହୋଇଯାଉଛି।ଏହି ଏକତା ଦୌଡ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଓଡିଆ ସିନେ ତାରକା ବବି ମିଶ୍ର ଯୋଗ ଦେଇ ସବୁଜ ପତାକା ଦେଖାଇ ଆରମ୍ଭ କରିଥିଲେ। ଏହି ଦୌଡ ବିଜ୍ଞାରପୁର ଯଜ୍ଞ ପଡ଼ିଆରୁ ଆରମ୍ଭ ହୋଇ ବଗମରା ପର୍ଯ୍ୟନ୍ତ ୫କିମି ବ୍ୟାପି ଅନୁଷ୍ଠିତ ହୋଇ ଥିଲା। ଏହି ଏକତା ଦୌଡ କାର୍ଯ୍ୟକ୍ରମ ବିଜ୍ଞାରପୁର ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲାବେଳେ ସମଗ୍ର ବିଜ୍ଞାରପୁର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନର ବହୁ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଦୌଡରେ ବିଜୟୀ ହୋଇଥିବା ମହକ ବେଗମ, ସୋନାଲି ମଲ୍ଲିକ, ଅର୍ଚ୍ଚିତା ମଲ୍ଲିକ, ଲଭଲୀ ଲିଷ୍କା ମଲ୍ଲିକ, ଅଜୟ ସାହୁ, ଜଗମୋହନ ପୁଂଛୀ, ସରୋଜ ସେଠୀ, ନାରାୟଣ ଜେନାଙ୍କ ସମେତ ବହୁ ମାନଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କ'ରିଥିଲାବେଳେ ଏହି କାର୍ଯ୍ୟକ୍ରମକୁ ବିଜ୍ଞାରପୁର ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ମାତୃ ହତ୍ୟାକାରୀକୁ ନିର୍ଦ୍ଦୋଷରେ ଖଲାସ

ନୀଳଗିରି,୩୧।୧୦ (ସଂଚାର ବ୍ୟୁରୋ): ଏକ ମାତୃ ହତ୍ୟା ଅଭିଯୋଗରେ ବିଚାର କରି ନୀଳଗିରିର ଅତିରିକ୍ତ ଦୌରାଜଜ୍ ମାନ୍ୟବର ଶ୍ରୁତୋଶିନି କର ସମସ୍ତ ସାକ୍ଷୀଙ୍କ ବୟାନ ରେକର୍ଡ ଓ ସମସ୍ତ ଦସ୍ତାବିଜ୍ କୁ ଆଧାର କରି ମୁଦାଲା କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁସାରେ ନୀଳଗିରି ଥାନା ଅନ୍ତର୍ଗତ ବାଘମରା ଗ୍ରାମର ବାବାଜି ସିଂ ର ପୁଅ ଦୁର୍ଗା ସିଂ ତାର ମାଆ କଙ୍କମଣି ସିଂକୁ ଏକ କାଠ ଫାଳିଆ ରେ ପିଟି ପିଟି ହତ୍ୟା କରିକରିଥିବା ର ଅଭିଯୋଗ ହୋଇଥିଲା। ଦୁର୍ଗା ସିଂ ର ଭାଇ ବୈଦ୍ୟା ସିଂ ଗତ ୧୯/୨/୨୫ରିଖରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ନୀଳଗିରି ପୋଲିସ ଦୁର୍ଗାଙ୍କୁ ଗିରଫ କରି ଜେଲ୍ ହାଜତକୁ ପଠାଇ ଦେଇଥିଲା। ନୀଳଗିରି ଜେଲରେ ବିଚାରଧିନ ବନ୍ଦୀ ଭାବେ ଜୀବନ ବିତାଉଥିବା ବେଳେ ମାନ୍ୟବର ବିଚାରପତି ୬ଜଣ ସାକ୍ଷୀଙ୍କ ଜମାନବନ୍ଦୀ କୁ ଭିତ୍ତି କରି ମୁଦାଲା ଦୁର୍ଗା ସିଂ କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଦାଲା ଦୁର୍ଗା ସିଂ ଙ୍କ ତରଫରୁ ଆଇନଜୀବୀ ସତ୍ୟଜିତ ମିଶ୍ର ଓ ତନୟ କୁମାର ପାତ୍ର ମୋକଦ୍ଦମା ଲଢୁଥିଲେ।

ରାଷ୍ଟ୍ରୀୟ ଏକତା ଦିବସ ପାଳନ

କଣାସ,୩୧।୧୦(ସଂଚାର ବ୍ୟୁରୋ): ଆଜି କଣାସ ବ୍ଲକ ସିରେଇ ଗ୍ରାମପଞ୍ଚାୟତର ସିରେଇଠାରେ ପ୍ରତିଷ୍ଠିତ ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନ ପରିସରରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅମ୍ଳାନ ସ୍ମୃତି ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଥିଲା। ବିଦ୍ୟାଳୟର ସଭାପତି ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ମଧୁସୁଦନ ବିଚାରମଞ୍ଚର ସଭ୍ୟ ଭାବେ ଷ୍ଟାଚୁ ଅଫ ୟୁନିଟ୍‌ର ଏକ ଫୁଟ୍ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତି ଗୁଜୁରାଟରୁ ଅଣାଯାଇଥିବାରୁ ତାହା ସଭାରେ ଉପସ୍ଥାପନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ସ୍ମୃତିତାରଣ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀନିବାସ ସୁନ୍ଦରାୟ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

କନ୍ଧମାଳ ଜିଲ୍ଲାପାଳଙ୍କ କୋଟଗଡ଼ ଗସ୍ତ

ଓରା,୩୧।୧୦(ସଂଚାର ବ୍ୟୁରୋ): କୋଟଗଡ଼ ଓରା ପଞ୍ଚାୟତବାସୀ ଆଜି ଜିଲ୍ଲାପାଳଙ୍କୁ ଅସୁବିଧାର ଦୁଃଖ କାହାଣୀ ଜଣାଇଛନ୍ତି। ପଞ୍ଚାୟତ ସମିତି ଅଧିକାର କୋଟଗଡ଼ ଶ୍ରୀଯୁକ୍ତ ଶୁଭକାନ୍ତ ନାୟକ, ଓରା ସରପଞ୍ଚ ଶ୍ରୀମତୀ ସରୋଜିନୀ ବେହେରାମାଝି,ଅତିରିକ୍ତ ପ୍ରକଳ୍ପ ଅଧିକାରୀ କୋଟଗଡ଼, ସାଂସଦ ପ୍ରତିନିଧି କୋଟଗଡ଼, ଭାରତୀୟ ଜନତା ପାର୍ଟିର ବ୍ଲକ ସଭାପତି କୋଟଗଡ଼ ଉପସ୍ଥିତ ରହି ଏମିତି ଅନେକ ଜନବହୁଳ ହୋଇ ଜିଲ୍ଲାପାଳଙ୍କ ସହ ଓରା ପଞ୍ଚାୟତର ଉନ୍ନତି କରିବା ନିମନ୍ତେ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏବଂ ଡ଼ଃ ବି ଆର ଆମ୍ବେଦକର ଯୁବ ସମାଜ ନେତୃତ୍ୱରେ ଏକ ହସ୍ତଲେଖା ପ୍ରତ୍ୟେକ ଗ୍ରାମର ସମସ୍ୟା ବିଷୟରେ କାଗଜ ପତ୍ରଟିକୁ ଜିଲ୍ଲାପାଳଙ୍କୁ ହସ୍ତାନ୍ତାର ସହିତ ପ୍ରଦାନ କରିଛନ୍ତି। କେଉଁ ସମସ୍ୟା ଗୁଡ଼ିକ ହେଉଚି ବିଜୁଳି ଆଲୋକର ସବଷ୍ଟେସନର ବ୍ୟବସ୍ଥା,ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟବସ୍ଥା, ଶିକ୍ଷା ବ୍ୟବସ୍ଥା,ପାନୀୟ ଜଳର ବ୍ୟବସ୍ଥା, ନେଟୱାର୍କ ସମସ୍ୟାର ବ୍ୟବସ୍ଥା ତାହା ସହିତ ଓରା ପଞ୍ଚାୟତକୁ ବ୍ଲକ ମାନ୍ୟତା ଦେବାକୁ ଅନୁରୋଧ କରିଛନ୍ତି। ଜିଲ୍ଲାପାଳ ବେଦଭୂଷଣ ପ୍ରତିଶୃତି ଦେଇଛନ୍ତି ମୋ ଦ୍ୱାରା ଯେଉଁ କାମ ସମ୍ଭବ ସେହି ସମସ୍ୟାର ସମାଧାନ କରିବି ବୋଲି କହିଛନ୍ତି।

ବିଜେଡି ଜନସମ୍ପର୍କ ପଦଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

ଧାମନଗର,୩୧।୧୦(ସଂଚାର ବ୍ୟୁରୋ): ବିଜୁ ଜନତା ଦଳର ସଭାପତି ପୂର୍ବତନ ମୁଖ୍ୟମନ୍ତ୍ରୀ ବର୍ତ୍ତମାନ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ବିଜୁ ଜନତା ଦଳ ତରଫରୁ ବିଜେଡି ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେଉଛି। ଏହି ଅବସରରେ ଧାମନଗର ବ୍ଲକ ଓ ଏନ୍‌ଏସିଅଞ୍ଚଳରେ ଧାମନଗର ବିଜୁ ଜନତା ଦଳ ପକ୍ଷରୁ ନଭେମ୍ବର ୪ ତାରିଖରୁ ଧାମନଗର ବ୍ଲକ ଓ ଏନ୍‌ଏସିଅଞ୍ଚଳରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ। ଏନେଇ ଧାମନଗର ବ୍ଲକ ଅନ୍ତର୍ଗତ ଚୁଡାକୁଟି ପଞ୍ଚାୟତ ଠାରେ ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ହିଂସା ହଟାଅ, ଏକତା ଆଣ: ପୋଲିସର ନିଆରା ପ୍ରୟାସ

ପୁରୁଷୋତ୍ତମପୁର,୩୧।୧୦(ସଂଚାର ବ୍ୟୁରୋ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ପୋଲିସ ପକ୍ଷରୁ ହିଂସାତ୍ମକ ମନୋଭାବକୁ ଦୂରକରି ସମସ୍ତଙ୍କ ମଧ୍ୟରେ ଏକତା ରକ୍ଷା କରିବା ଲାଗି ଏକ ପ୍ରୟାସ କରାଯାଇଛି। ଏହି ଉପଲକ୍ଷେ ଏକ ଗଣ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡ କାର୍ଯ୍ୟକ୍ରମରେ ସମସ୍ତ ବର୍ଗର ବ୍ୟକ୍ତି, ଯୁବ, ଛାତ୍ର ଏବଂ ପୋଲିସ କର୍ମଚାରୀମାନେ ସାମିଲ ହୋଇ ପୁରୁଷୋତ୍ତମପୁର ସହରର କାଳୀ ମନ୍ଦିର ଛକଠାରୁ ବାହାରି ଭୂତସରସିଙ୍କି ପର୍ଯ୍ୟନ୍ତ ଯାଇଥିଲେ।

ନାଳ ପୋତି ହେବାରୁ ଗାଁରେ ଜମୁଛି ବର୍ଷାଜଳ

କଣାସ,୩୧।୧୦(ସଂଚାର ବ୍ୟୁରୋ): କଣାସ ବ୍ଲକ ଗୋପିନାଥପୁର ପଞ୍ଚାୟତର ପାଇକମରା ଗ୍ରାମ ନିକଟରେ ଥିବା ପାଇକମରା ନାଳ ପୋତି ହୋଇପଡ଼ିବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବା ହେତୁ ଗ୍ରାମରେ ପାଣି ଜମି ରହୁଛି। ନାଳ ଉପରେ ରାସ୍ତା ଅତିକ୍ରମ କରିଥିବା ସମୟରେ ଜଳ ନିଷ୍କାସନ ପାଇଁ ହୋମ୍‌ପାଇ ପଡ଼ିନଥିବାରୁ ଜଳ ନିଷ୍କାସନରେ ବାଧକ ସାଜିଛି। ପାଣି ଜମି ରହୁଥିବା ଗ୍ରାମବାସୀମାନେ ବାରମ୍ବାର କଣାସ ତହସିଲଦାର ଗଡ଼ିଶାଗୋଦା ଆଇ.ଆଇ.ସିଙ୍କୁ ଜଣାଇଛନ୍ତି। ଆଜି ଗଡ଼ିଶାଗୋଦା ଆଇ.ଆଇ. ସି ସୁଧର କୁମାର ଦାସ ଏବ